# ପାରିଜାତ

## ମାର୍ଚ୍ଚ ୨୦୨୫ ସଂସ୍କରଣ



୭୮୯୪୦୬୦୭୭୭ malharmagazine@gmail.com
www.MalharOdia.com

# ମହ୍ଲାର

" **ମହ୍ଲାର**" ଏହା ଏକ ସମ୍ପୂର୍ଣ୍ଣ ଓଡ଼ିଆ ପତ୍ରିକା ,
ଓଡିଶା ତଥା ଓଡ଼ିଶା ବାହାରେ ରହୁଥିବା ସମସ୍ତ ଓଡ଼ିଆ ପ୍ରେମୀ ମାନଙ୍କ ନିମନ୍ତେ ଏହା ଇ-ବୁକ/ ପି.ଡି.ଏଫ ଫର୍ମାଟରେ ଉପଲବ୍ଧ ..
ଓଡ଼ିଶାରେ ଏମିତିବି କିଛି ଲେଖକ / ଲେଖିକା ଅଛନ୍ତି , ଯେଉଁମାନଙ୍କ ଇଚ୍ଛାଶକ୍ତି ଅର୍ଥ ଆଗରେ ହାର ମାନୁଛି , ସେମାନଙ୍କ ଇଚ୍ଛା ଶକ୍ତିକୁ ସମ୍ମାନ ଜଣେଇ ଆମେ ସେମାନଙ୍କ ନିକଟରେ ଆମର ଏ ଛୋଟ ପ୍ରୟାଶ "**ମହ୍ଲାର**" କୁ ଭେଟି ଦେଉଛୁ ....

ଏହା ସମ୍ପୂର୍ଣ୍ଣ ମାଗଣା , ଏଥିପାଇଁ ଆପଣଙ୍କୁ କିଛି ବି ଅର୍ଥ ଦେବାକୁ ପଡ଼ିବନି । ପ୍ରତିଥର ଏହାର ଗୁଗଲ-ଫର୍ମ ଟି ଆପଣଙ୍କୁ ପଠେଇ ଦିଆଯିବ.. ସେହି ଫର୍ମାଟ ମାଧ୍ୟମରେ ଆପଣ ଆପଣଙ୍କ ଲେଖାକୁ ଆମ ନିକଟକୁ ପଠାଇ ପାରିବା ସହ ଆପଣଙ୍କ ପ୍ରିୟଜନଙ୍କ ଲେଖାକୁ ମଧ୍ୟ ଆମ ନିକଟକୁ ପଠାଇବାରେ ସହାୟକ ହେବେ ...

ଆମେ ଆପଣଙ୍କ ଲେଖାକୁ ସମସ୍ତ ଓଡ଼ିଆ ପାଠକ /ପାଠିକା ଙ୍କ ନିକଟରେ ବିନା ମୂଲ୍ୟରେ ପହଞ୍ଚାଇ ଆପଣଙ୍କୁ ଜଣେ ଲୋକପ୍ରିୟ ଲେଖକ / ଲେଖିକା ର ସ୍ଥାନ ଦେବା ହିଁ ଆମର ମୁଖ୍ୟ ଉଦ୍ଦ୍ୟେଶ ...

## ଯୋଗାଯୋଗ

---

**ଭୁବନେଶ୍ୱର, ଓଡ଼ିଶା - ୭୫୧୦୨୪**
**ଫୋନ ନମ୍ବର : ୮୩୨୮୯୫୧୨୨୯**
**ଇ-ମେଲ : malharmagazine@gmail.com**
**ୱେବ ସାଇଟ : Www.MalharOdia.Com**



# ମତରେ ...



ପ୍ରିୟ ମହ୍ଲାର,
ତତେ କେବେ ସାଧାରଣ ମାଗାଜିନ୍ ଖଣ୍ଡେ ଭାବିନି । ତେଣୁ ତତେ ମୁ ବର୍ଣ୍ଣନା କରି ପାରିବିନି । ମୋର ପ୍ରଥମ ଲେଖାକୁ ଅତି ଯତ୍ନରେ ନିଜ ପୃଷ୍ଠା ରେ ସ୍ଥାନ ଦେଇଚୁ ବୋଲି ତତେ ଧନ୍ୟବାଦ ବି କରିବିନି । କାହିଁକି ନା ତୁ ମୋର ଅତି ନିଜର ଅତି ପ୍ରିୟ । ତତେ ଛାଡ଼ି ବୋଧେ ମୁଁ ନିଜକୁ ଭାବି ପାରିବିନି । ସମ୍ପାଦକ ମଣ୍ଡଳୀ ର ସଦସ୍ୟ ଭାବରେ ଯେଉଁ ସମ୍ମାନ ପାଇଛି ତା ଶବ୍ଦରେ ବର୍ଣ୍ଣନା କରିବା ଅସମ୍ଭବ । ତୋ ଠୁଁ ମୁଁ ଶିଖିଛି ଛୋଟରୁ ବଡ଼ ହେବା । ହାର ନ ମାନିବା । ଭଗବାନ କରନ୍ତୁ ତୁ ଆହୁରି ଆଗକୁ ଯା । ତତେ ଦେଶ ବିଦେଶ ରେ ବହୁତ୍ ଭଲ ପାଇବା ମିଳୁ...

**କ୍ଷିରାବ୍ଧି ଦାଶ**
**ସହ-ସମ୍ପାଦିକା**
(ମହ୍ଲାର ଇ-ପତ୍ରିକା)



**ଆଦିତ୍ୟ ନାରାୟଣ ପତି**
**ସହ-ସମ୍ପାଦକ**
(ମହ୍ଲାର ଇ-ପତ୍ରିକା)

ଏକ ସୁସ୍ଥ ସମାଜ ପାଇଁ ଯେମିତି ଖାଦ୍ୟପେୟର ଆବଶ୍ୟକତା ଅଛି, ସେମିତି ପୁସ୍ତକର ମଧ ଆବଶ୍ୟକତା ଅଛି । କିଛି ଗଳ୍ପ ସାହିତ୍ୟ ପାଠକକୁ ବେଳେ ବେଳେ ଆନନ୍ଦ ଦିଏ । ଆମେ କିଛି ସମୟ ସତେଜ ଅନୁଭବ କରନ୍ତି ଗଳ୍ପ କି କବିତା ପଢ଼ି ସାରିବା ପରେ । ସେମିତି ଗଳ୍ପ ଏବଂ କବିତା ମାଧମରେ ମହ୍ଲାର ପତ୍ରିକା ସବୁ ବର୍ଗର ଲୋକଙ୍କ ଆଦୃତ ଲାଭ କରିବ ବୋଲି ଆଶା । ସମସ୍ତଙ୍କର ସହଯୋଗ ମହ୍ଲାର ପତ୍ରିକା ଉପରେ ରହିବ ବୋଲି ଆଶା କରୁଛି



ମହ୍ଲାରର ସଂକ୍ଷିପ୍ତ ବର୍ଣ୍ଣନା ଏକ କଠିନତମ ବିଷୟବସ୍ତୁ ମୋ ପାଇଁ । ତଥାପି ଯାହା ମୁଁ ଅନୁଭବ କରିଛି ତାହା ଗୋଟିଏ ଉଦାହରଣ ମାଧ୍ୟମରେ ବ୍ୟକ୍ତ କରୁଛି । କେବେ ଦେଖିଛନ୍ତି ଆପଣ ଅଳିଆ ଆବର୍ଜନା ମଧ୍ୟରେ ପରିତ୍ୟକ୍ତ ହୋଇ ପଡିଥିବା ଗୋଟେ ସଦ୍ୟ ପ୍ରସବିତ ନିରୀହ ପ୍ରାଣ ପିଣ୍ଡଟିଏ ଏବଂ କେବେ ଦେଇଛନ୍ତି ତା'କୁ ଜଳ ଟୋପାଏ । ଦେଖିବେ ନୂତନ ଜୀବନ ପାଇଯାଏ ସେ ଶିଶୁଟି ।
ଠିକ୍ ସେମିତି କିଛି ଲେଖିକା ଓ ଲେଖକମାନଙ୍କ ପାଇଁ ମହ୍ଲାର ସେଇ ଅମୃତ ସ୍ୱରୂପ ଜଳ ଟୋପାଏ । ଲେଖିବା ପାଇଁ ଏକ ପ୍ରେରଣାର ମାଧ୍ୟମ । ଆଉ ଏ ଅମୃତ ସ୍ୱରୂପ ମହ୍ଲାରର ଗୋଟେ ସଦସ୍ୟ ରୂପେ ଥାଇ ମୁଁ ନିଜକୁ ଗୌରବାନ୍ୱିତ ମନେକରେ । ମହ୍ଲାର ପରିବାରର ମୁଖ୍ୟ ପରିଚାଳକ, ସମସ୍ତ କର୍ମକର୍ତ୍ତା ଓ ଲେଖକ ଲେଖିକାମାନଙ୍କୁ ମୋର ହୃଦୟରୁ ସାଦର ଧନ୍ୟବାଦ । ।

**ରଶ୍ମିରଞ୍ଜନ ସାହୁ**
**ଉପଦେଷ୍ଟା**
(ମହ୍ଲାର ଇ-ପତ୍ରିକା)



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ସମ୍ପାଦକୀୟ...



**ଶିଶିର କୁମାର ସାମଲ.**
**ପ୍ରତିଷ୍ଠାତା / ସମ୍ପାଦକ**
**ମହ୍ଲାର ଇ-ପତ୍ରିକା**

ପ୍ରଭୁ ଜଗତର ନାଥ ଜଗନ୍ନାଥ ଙ୍କର ଚରଣାଶ୍ରିତ, ମାତା ଜଗତ ଜନନୀ ମା ତାରିଣୀ ଙ୍କ ଚରଣ ରେ ମୋର ଭକ୍ତି ଭାବ ଓ ସମର୍ପଣ ଭାବ ନେଇ ସାଷ୍ଟାଙ୍ଗ ପ୍ରଣିପାତ ଜଣାଉଅଛି।

ପ୍ରଥମତଃ ମୁଁ ଯାହାଙ୍କ ପଦ୍ମ ପୟରେ ଚିର ଋଣୀ, ଚିର କୃତଜ୍ଞ ଓ ଚିର ନମନ, ମୋର ପିତା.... ଓ ମୋର ମାତାଙ୍କୁ ସହୃଦ ଧନ୍ୟବାଦ ସହ ସାଷ୍ଟାଙ୍ଗ ପ୍ରଣାମ। ସଦ୍ ଦିଗ୍ଦର୍ଶକ ଯାହାଙ୍କ ଆଶୀର୍ବାଦ, ଅସୀମ ସ୍ନେହ- ଶ୍ରଦ୍ଧା ଓ ପ୍ରେରଣା ରେ ପ୍ରେରିତ ହୋଇ ମୁଁ ଆଜି ଏହି ସ୍ଥାନ ରେ ପହଞ୍ଚି ପାରିଛି। ମୋର ମାତୃ ଭାଷା ଓଡ଼ିଆ ଭାଷା ସାହିତ୍ୟ କୁ ପରିମାର୍ଜିତ ଓ ତାର ଉତ୍ଥାନ ନିମନ୍ତେ ମୋ ଦ୍ୱାରା ସଙ୍କଳିତ " **ମହ୍ଲାର ଇ-ପତ୍ରିକା** ", ଏକ ନୂତନ ଆଶାରେ ପ୍ରାଣ-ସଞ୍ଚାର ।

ଏହି କ୍ଷେତ୍ର ରେ ମୁଁ ବଢାଇ ଥିବା ମୋର ପ୍ରଥମ ପାଦ। ମୋ ପରିବାରର ଆଶୀର୍ବାଦ ଓ ସ୍ନେହ ପୂର୍ଣ୍ଣ ଭଲ ପାଇବା ମୋତେ ନୂତନ ଦିଗରେ ଚାଲିବା କୁ ଶକ୍ତି ଯୋଗାଉଛି। ସେଥିପାଇଁ ମୁଁ ସଦା ତାଙ୍କ ପାଖରେ ଚିର ନମନ ରହିବି।

ଜଗତମାତାଙ୍କର ଚରଣ ରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡିକ ମଧରେ ମୋର ପୁଣ୍ୟ ଓଡିଶା ଭୂମି, ମୋର ମାତୃଭୂମି ଓଡିଶା ର ଭାଷା ଓଡ଼ିଆ ଭାଷା ସାହିତ୍ୟ କୁ ସମୃଦ୍ଧ ଓ ମାର୍ଜିତ କରିବା ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନହେଉଛି। ଏହା ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ୍ ଭେଟି ମୁଁ ଯେ ଜଗତରେ ଥୋଇପାରିବି ତାହା ମୋର ପ୍ରତ୍ୟୟ ହେଉ ନାହିଁ।
ଏଥିରେ ରହିଅଛି ମୋର କ୍ଷୁଦ୍ର ଏକ ପ୍ରୟାସ ମୋର କାର୍ଯ୍ୟକ୍ରମ କୁ ପ୍ରୟୋଗାତ୍ମକ କରିବାର ଚାବିକାଠି। ଓଡ଼ିଆ ଭାଷା ସାହିତ୍ୟ ର ସମୃଦ୍ଧି ପାଇଁ ଯେଉଁ ନୂତନ ଏକ ଆକାଂକ୍ଷା ଜାଗ୍ରତ ହୋଇଅଛି। ତାହାକୁ ମୁଁ ସହୃଦ, ପୂର୍ଣ୍ଣ କରିବାର ପ୍ରଚେଷ୍ଟା ଜାରି ରଖିବି। ଏବଂ ସେମାନଙ୍କୁ ଧନ୍ୟବାଦ ସହ ସ୍ନେହ ପୂର୍ଣ୍ଣ ଭଲପାଇବା ଦେବାକୁ ଚାହିଁବି।
ମୋର ପୁସ୍ତକ " ମହ୍ଲାର" ପ୍ରକାଶନ କ୍ଷେତ୍ର ରେ ସଦା ସହଯୋଗ ଓ ତତ୍ପର ଥିବା ସମସ୍ତ କବି ଓ କବୟତ୍ରୀ ମାନଙ୍କୁ ସ୍ପଷ୍ଟ ବ୍ୟକ୍ତ କରିବା ପାଇଁ ଚାହେଁ କି ଆପଣ ମାନଙ୍କ ସହଯୋଗ ବିନା ମୋର ଏହି କ୍ଷୁଦ୍ର ପ୍ରୟାସ ଆଦୌ ସଫଳଯୁକ୍ତ ହେବା ଅସମ୍ଭବ। ଆପଣ ମାନଙ୍କ ସହଯୋଗ ପାଇଁ ମୁଁ ଆପଣ ମାନଙ୍କ ପାଖରେ ସଦା କୃତଜ୍ଞ ରହିବି।

ପରିଶେଷରେ ମୁଁ ଏହା ଆଶା କରୁଅଛି କି "**ମହ୍ଲାର ଇ-ପତ୍ରିକା**" ଟି ପୁସ୍ତକ ଟି ପାଠକୀୟ ମାନଙ୍କର ହୃଦୟ ରେ ସ୍ଥାନ ସୃଷ୍ଟି କରିବା ସହ ଓଡିଶାର ପ୍ରତ୍ୟେକ ଟି କୋଣାନୁକୋଣରେ ପହଞ୍ଚି ପାରୁ...

**......ଧନ୍ୟବାଦ.........**


**ଶିଶିର କୁମାର ସାମଲ**
( ପ୍ରତିଷ୍ଠାତା / ସମ୍ପାଦକ )


**ଆଦିତ୍ୟ ନାରାୟଣ ପତି**
( ସହ-ସମ୍ପାଦକ )


**କ୍ଷିରାବ୍ଧି ଦାଶ**
( ସହ-ସମ୍ପାଦିକା )


**ଶିବଦୂତୀ ପାଣିଗ୍ରାହୀ**
( ମୁଖ୍ୟ-ପରିଚାଳିକା )


**ରଶ୍ମିରଞ୍ଜନ ସାହୁ**
( ଉପଦେଷ୍ଟା )

👉"ମହ୍ଲାର ଇ-ପତ୍ରିକା" ଦ୍ୱାରା ପ୍ରକାଶିତ ହୋଇଥିବା ସମସ୍ତ ଲେଖା ଲେଖକଙ୍କ ନିଜସ୍ୱ ଲେଖା |

👉ଯଦି ଲେଖାରେ କିଛି ତ୍ରୁଟି କିମ୍ବା ନକଲ ହୋଇଥାଏ ସେଥିପାଇଁ ଆମ ମହ୍ଲାର କର୍ତ୍ତୃପକ୍ଷ ଦାୟୀ ନୁହନ୍ତି , ଲେଖା ପଠାଇଥିବା ଲେଖକ ହିଁ ସମ୍ପୂର୍ଣ୍ଣ ଦାୟୀ ରହିବେ |

**ନମସ୍କାର,**

**ପୁଣିଥରେ ଆମର ଇ-ପତ୍ରିକା "ମହ୍ଲାର" ର ନବମ ସଂସ୍କରଣ " ପାରିଜାତ " କୁ ଆପଣ ମାନଙ୍କୁ ଭେଟିଦେଉଛୁ.**

**ଯାହାକି କିଛି ବିଶେଷ ଓ ଆକର୍ଷଣୀୟ ରୂପରେ | ଆଶାକରୁ ଏହା ଅନେକ ଓଡ଼ିଆ କୁ ଭଲପାଉଥିବା ପାଠକ ଓ ପାଠିକାଙ୍କ ହୃଦୟକୁ ନିଶ୍ଚିତ ରୂପେ ଛୁଇଁବ |**

**ଏହି ସଂସ୍କରଣରେ ମୋଟ ୭୫ଟି ଲେଖା ସ୍ଥାନ ପାଇଛି | ସେଥି ମଧ୍ୟରୁ ୫ଟି ଗଳ୍ପ ଓ କାହାଣୀ ଏବଂ ୭୦ଟି କବିତା ସଂକଳନ ରହିଛି .**

# ମୁଖ-ବନ୍ଧ....



**ଶିବଦୂତୀ ପାଣିଗ୍ରାହୀ**
**( ମୁଖ୍ୟ-ପରିଚାଳିକା )**

ପରଂବ୍ରହ୍ମ ସନାତନ ପରମେଶ୍ଵର ପୃଥ୍ଵୀ ପୃଷ୍ଠରେ ବିଚିତ୍ରବର୍ଣ୍ଣ ଶିଳ୍ପୀଟେ ହୋଇ ଅତି ସତର୍କତାରେ ଛପନ କୋଟି ଜୀବଜନ୍ତୁ ସୃଷ୍ଟି କରିଛନ୍ତି । ନିଜ ହାତରେ ଗଢ଼ିଥିବା ଭବସାଗରରେ ଭାସମାନ ବୃହତ୍ତମ ଜାହାଜର ନିଜେ ମଙ୍ଗୁଆଳ ସାଜିଛନ୍ତି । ତାଙ୍କରି ନିର୍ଦ୍ଦେଶରେ ଚାଲିଛି ଏ ସଂସାର ଜାହାଜ ; ସେ ନିର୍ଦ୍ଦେଶକ ଆଉ ଆମେ ଅଭିନେତା ଅଭିନେତ୍ରୀ । ଏ ସଂସାରଟା ଏକ ରଙ୍ଗମଞ୍ଚ ଆଉ ଆମେ କରିଚାଲିଛୁ ଅଭିନୟ ଅଦୃଶ୍ୟ ଶକ୍ତିର ନିର୍ଦ୍ଦେଶନାରେ । ମୁକ୍ତାକାଶ ରଙ୍ଗମଞ୍ଚରେ ସୂର୍ଯ୍ୟ , ଚନ୍ଦ୍ର , ତାରା ଢ଼ାଳି ଚାଲିଛନ୍ତି ଆଲୋକ , ପ୍ରକୃତି ସାଜିଛି ଦର୍ଶକ । ସେଲାଗି ପବିତ୍ର ଗ୍ରନ୍ଥ ଭାଗବତରେ ଲେଖା ଅଛି -

"କରି କରାଉ ଥାଏ ସେହି ।
ତା' ବିନୁ ଆନ ଗତି ନାହିଁ ।।"

ମାନବ ଜନ୍ମ ଠାରୁ ଶ୍ରେଷ୍ଠ ଜନ୍ମ ସଂସାରରେ ନାହିଁ , ଏକଥା ବେଦୋପନିଷଦ ବି ପ୍ରମାଣ ଦିଏ । କହିବା , ବୁଝିବା , କାର୍ଯ୍ୟ କରିବା , ଉତ୍ତମ ଜ୍ଞାନ କୌଶଳର ପ୍ରୟୋଗ ଆଦି ମାନବ ପକ୍ଷରେ ସମ୍ଭବ । ଏହି ମାନବର ଇତିହାସ ବ୍ୟାପକ ; ଆଦିମାନବରୁ ମାନବ ଏବଂ ପ୍ରସ୍ତର ଯୁଗରୁ ଏଯାବତ ଅନେକ ଅନେକ ତଫାତ । ଗୋଟିଏ ପରେ ଗୋଟିଏ ପାବଛ ଅତିକ୍ରମ କରି ଏ ସ୍ଥାନରେ ଉପନୀତ ହୋଇଛି । ଇତିହାସକୁ ରୋମନ୍ଥନ କଲେ ଲୋମ ଟାଙ୍କୁରି ଉଠେ , ରୋଚକ ତଥ୍ୟ ସମୂହ ଦେଖିବା ପରେ ସ୍ଵତଃ ପ୍ରଶ୍ନ ଉଠେ - "ଆମେ ସେଇ ମାନବ ତ , ଯିଏ ଆଦିମ କାଳରେ ବନବାସୀ ଥିଲା ; କଞ୍ଚାମାଂସ ଭକ୍ଷଣ କରୁଥିଲା ?" ଉତ୍ତର ଆସୁଛି ଯେ - "ହଁ ଆମେ ସେଇ ମାନବ , ଯିଏ ଆଜି ବିଜ୍ଞାନ ଯୁଗରେ ପହଞ୍ଚି ମଙ୍ଗଳ ଗ୍ରହରେ ଘର କରିବାର ସ୍ଵପ୍ନ ଦେଖୁଛି ।" ସତରେ ବନ୍ଧୁର ଶିଳା ପରିପୂର୍ଣ୍ଣ କଣ୍ଟକିତ ପଥରୁ ଆମେ ଆସି ପକ୍କା ସଡ଼କରେ ରାଜପଥରେ ଛିଡ଼ା ହୋଇଛେ , କମ୍ କଥା କି ? ଆମେ ସଭିଏଁ ଏକ ପବିତ୍ର ସୂତ୍ରରେ ବନ୍ଧା,ଆମ ଭାଷାର ଉନ୍ନତି ନିମନ୍ତେ ଆମେ  ଆମ ସମସ୍ତଙ୍କର କର୍ତ୍ତବ୍ୟକୁ ପାଥେୟ କରି ଆଗେଇ ଯିବାକୁ ହେବ ଯେପରି ଓଡ଼ିଶା ଏବଂ ଓଡ଼ିଆ ଭାଷା ପୃଥିବୀର କୋଣ ଅନୁକୋଣରେ ପହଞ୍ଚିପାରିବ। ଆମ "ମହ୍ଲାର"   ପରିବାର ମଧ ଓଡ଼ିଆ ଭାଷା ର ଉନ୍ନତି ନିମନ୍ତେ ଛୋଟ ଛୋଟ ପ୍ରଚେଷ୍ଟା ଜାରି ରଖୁଛି। ଆପଣମାନଙ୍କ ଶ୍ରଦ୍ଧା ଏବଂ ଆଶୀର୍ବାଦ ଆମର ପରିବାର ଉପରେ ସଦାସର୍ବଦା ରହିଥାଉ । ପ୍ରଭୁ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଆମ ଓଡିଆ ଭାଷାର ପ୍ରସାର ନିମନ୍ତେ "ମହ୍ଲାର ପତ୍ରିକାର "   ପ୍ରୟାସ ଖୁବ ଲୋକପ୍ରିୟ ହେଉ।

*-ଶିବଦୂତୀ ପାଣିଗ୍ରାହୀ*



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ସୂଚୀ - ପତ୍ର



| | ସ୍ରଷ୍ଟାଙ୍କ ନାମ | ସୃଷ୍ଟିର ନାମ | ବିଭାଗ | ପୃଷ୍ଠା. |
|---|---|---|---|---|
| ୦୧ | ନମିତା ବରାଳ | ଉଡାଣ | କବିତା | ୦୯ |
| ୦୨ | ମନୋଜ କୁମାର ଦାସ | ମଣିଷ | କବିତା | ୧୦ |
| ୦୩ | ପାରଦ କୁମାର ପାଢୀ | କାମଧେନୁ | କବିତା | ୧୧ |
| ୦୪ | ସୀମାଞ୍ଚଳ ପଣ୍ଡା | ନିଜକୁ ପଚାର | କବିତା | ୧୨ |
| ୦୫ | ସସ୍ମିତା ସାମଲ | ତୁମେ ସରିଗଲା ପରେ | କବିତା | ୧୩ |
| ୦୬ | ବିକ୍ରମାଦିତ୍ୟ ପୁରୋହିତ | ପ୍ରକୃତ ବନ୍ଧୁ | କବିତା | ୧୪ |
| ୦୭ | ରୁପାଲି ପଲେଇ | କୋଉଠି ତୁମକୁ ଖୋଜିବି | କବିତା | ୧୫ |
| ୦୮ | ସୁଚରିତା ପଡ଼ିହାରୀ | ସକାଳ କୁହୁଡ଼ି | କବିତା | ୧୬ |
| ୦୯ | ସ୍ମୃତି ପ୍ରିୟଦର୍ଶନୀ ପ୍ରଧାନ | ବାପା | କବିତା | ୧୭ |
| ୧୦ | ରାଜଲକ୍ଷ୍ମୀ ବେହେରା | ତୁମ ଉପସ୍ଥିତି | କବିତା | ୧୭ |
| ୧୧ | ଶୁଭଲକ୍ଷ୍ମୀ ରାୟ | ତୁମକୁ ଅଭିନନ୍ଦନ | କବିତା | ୧୮ |
| ୧୨ | ସୋନାଲି ସ୍ୱାଇଁ | ପ୍ରିୟର ସାର୍:- ତ୍ରିଲୋଚନ ସାର୍ | କବିତା | ୧୯ |
| ୧୩ | ଅର୍ପିତା ଜେନା | ମୋ ମାତୃଭାଷା | କବିତା | ୨୦ |
| ୧୪ | ଯଶୋବନ୍ତ ବାରିକ୍ | ଶୂନ୍ୟ ନଦୀ | କବିତା | ୨୧ |
| ୧୫ | ଚିନ୍ମୟୀ କଣ୍ଟା | ପ୍ରେମର ଭାଷା | କବିତା | ୨୧ |
| ୧୬ | ସଂଘମିତ୍ରା ପୃଷ୍ଟି | ଶାନ୍ତି ଅପା | ଗଳ୍ପ ଓ କାହାଣୀ | ୨୨ |
| ୧୭ | ସୃତି ଝାଙ୍କର | ମାଟିର ମଣିଷ | କବିତା | ୨୪ |
| ୧୮ | ଆଶିଷ ପଣ୍ଡା | ନିର୍ଜନ ବେଳାଭୂମି (ପେଣ୍ଠ) | କବିତା | ୨୫ |
| ୧୯ | ସଦାନନ୍ଦ ବାରିକ | ବିଲୁପ୍ତ ପଥରେ ଓଡ଼ିଶାର ଲୋକକଳା | କବିତା | ୨୬ |
| ୨୦ | ବାବାଜୀ ଚରଣ ସାହୁ | ଗୀତା | କବିତା | ୨୭ |
| ୨୧ | ଅନିତା କୁମାରୀ ଆଚାର୍ଯ୍ୟ | ଅଭାବୀ ମଣିଷ | କବିତା | ୨୮ |
| ୨୨ | ସିପାଞ୍ଜଳୀ ମଲ୍ଲିକ | ମା' | କବିତା | ୨୯ |
| ୨୩ | ଅଲିଶା ବି ମହାରଣା | ମୋ' ଗାଁ | କବିତା | ୩୦ |
| ୨୪ | ଇତିଶ୍ରୀ ଜାନା | ଝିଅ ଟିଏ | କବିତା | ୩୧ |
| ୨୫ | ଆଚାର୍ଯ୍ୟ କ୍ଷିତୀଶ ଜେନା | କାଠ' | କବିତା | ୩୨ |
| ୨୬ | ଲୋପାମୁଦ୍ରା ମହାପାତ୍ର | ସ୍ମୃତିର ଆସ୍ମନାଦ | କବିତା | ୩୩ |
| ୨୭ | ରାମଚନ୍ଦ୍ର ଜେନା | ଚନ୍ଦ୍ର ବଦନୀ ମୋ ପ୍ରିୟାଠି କାଳିମା | କବିତା | ୩୪ |
| ୨୮ | ତ୍ରିନାଥ ନନ୍ଦୀ | ଉଠ ଶୁପ୍ତ ଶଶୀ | କବିତା | ୩୫ |
| ୨୯ | ଶେଖ ନିୟମାତୁଲ୍ଲା | ଆଜିର ପ୍ରେମ | କବିତା | ୩୬ |
| ୩୦ | ଜାଗୃତି ସାହୁ | ସମୟ | କବିତା | ୩୬ |
| ୩୧ | ଜୟନ୍ତ ଦାସ ପ୍ରଫୁଲ୍ଲ | ତୁମେ ଗଲା ପରେ ପରେ | କବିତା | ୩୮ |
| ୩୨ | ରାକ୍ଷୀ ପ୍ରଧାନ | ଶେଷ ସମୟେ ମୁଁ | କବିତା | ୩୯ |





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବବ୍ରୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

| | | | | |
|---|---|---|---|---|
| ୩୩ | ଲୋପାମୁଦ୍ରା ପାଣିଗ୍ରାହୀ | ଜଗନ୍ନାଥ ଓ ତନ୍ତ୍ର | ଗଳ୍ପ ଓ କାହାଣୀ | ୪୦ |
| ୩୪ | ଗୁରୁ ଚରଣ ମହାକୁଡ଼ | ବିରହର ବ୍ୟଥା | କବିତା | ୪୨ |
| ୩୫ | ଜ୍ୟୋସ୍ନା ରାଣୀ ଜେନା | ଏମିତି ତ' ହବାର ନ'ଥିଲା | କବିତା | ୪୩ |
| ୩୬ | ଶକ୍ତି ସୁମନ ଦାସ | ପ୍ରିୟ ମଣିଷ | କବିତା | ୪୪ |
| ୩୭ | ସୁସନ୍ଧ୍ୟା ପ୍ରିୟଦର୍ଶିନୀ ନାୟକ | ସତୀତ୍ୱ | କବିତା | ୪୪ |
| ୩୮ | ସ୍ୱପ୍ନା ବେହେରାମାଝୀ | କ୍ୟାମ୍ପସ ଓ ପ୍ରେମ | କବିତା | ୪୫ |
| ୩୯ | ସସ୍ମିତା ତ୍ରିପାଠୀ | ନିରବ ପାଠଶାଳା | କବିତା | ୪୬ |
| ୪୦ | ରଶ୍ମିରଞ୍ଜନ ସାହୁ | ବୋଉ ତୁ' ମନେପଡୁ | କବିତା | ୪୭ |
| ୪୧ | ପ୍ରଜ୍ଞା ପରିମିତା ମିଶ୍ର | ବିକଶିତ ଭାରତ, ଏକ ସୁପ୍ତ ମନର ଆକାଂକ୍ଷା | ଗଳ୍ପ ଓ କାହାଣୀ | ୪୮ |
| ୪୨ | ଜୟଶ୍ରୀ କ୍ରାନ୍ତିପୂରଭି | ବାଳିକା ବୃଦ୍ଧା | କବିତା | ୫୧ |
| ୪୩ | ଲୋପାମୁଦ୍ରା ମଳିକ | ବନ୍ଧୁତ୍ୱ ନା ପ୍ରେମ | କବିତା | ୫୨ |
| ୪୪ | ପ୍ରଶାନ୍ତ କୁମାର ନାଥ | ରଙ୍ଗ ବଦଳାଇ ନିଏ | କବିତା | ୫୩ |
| ୪୫ | ପ୍ରିୟାଂଶୀ ବିଶ୍ୱାଳ | ପୂର୍ଣ୍ଣଚ୍ଛେଦ | କବିତା | ୫୪ |
| ୪୬ | ସୁଜିତ କୁମାର ମିଶ୍ର | ନିଆଁ | କବିତା | ୫୫ |
| ୪୭ | ତାରାପ୍ରସାଦ ଜେନା | ଚିତ୍ରଲେଖା | କବିତା | ୫୬ |
| ୪୮ | ପୁଷ୍ପାଞ୍ଜଳି ପଣ୍ଡା | ଥିଲେ କେତ ପ୍ରେମରେ ପ୍ରେମରେ | କବିତା | ୫୭ |
| ୪୯ | ଶିଶିର କୁମାର ପଣ୍ଡା | କୁମ୍ଭିରେ ଗଳେଇ ଦେଲି | କବିତା | ୫୮ |
| ୫୦ | ସୁନନ୍ଦା ମହାନ୍ତି | କି' ଘେନି ଯିବୁ ତୋର ଛୁଟିଲେ ଘଟ | ଗଳ୍ପ ଓ କାହାଣୀ | ୫୯ |
| ୫୧ | ବେଣୁଧର ସୂତାର | ଗୋଧୂଳି | କବିତା | ୬୧ |
| ୫୨ | ତୁଷାରକାନ୍ତ ବଳବନ୍ତରାୟ | ଅରାଟ | ଗଳ୍ପ ଓ କାହାଣୀ | ୬୨ |
| ୫୩ | ଦେବ୍ରାଜ୍ ରଣା | ଭାବ ପାର୍ଥକ୍ୟ | କବିତା | ୬୭ |
| ୫୪ | ନୀଳମଣି ଚାନ୍ଦ | ମେ ଆସ ଏ'ସଞ୍ଜରେ | କବିତା | ୬୮ |
| ୫୫ | ଜସ୍ମିନୀ ନାୟକ | ସଂସାର ଜଞ୍ଜାଳ | କବିତା | ୬୯ |
| ୫୬ | ପ୍ରତିମା ଶତପଥି | କୃଷ୍ଣ ମୋର ଧନ କୃଷ୍ଣ ହିଁ ଜୀବନ | କବିତା | ୭୦ |
| ୫୭ | ଡ଼. ପ୍ରିୟମ୍ବଦା ସାମଲ | ଶାନ୍ତି | କବିତା | ୭୧ |
| ୫୮ | ସୁନିତା ଦାଶ | ପ୍ରେମ | କବିତା | ୭୨ |
| ୫୯ | ମୀନାକ୍ଷୀ ପଣ୍ଡା | କବିତା | କବିତା | ୭୩ |
| ୬୦ | ଚନ୍ଦନା ସାହୁ | ଚକ୍ର | କବିତା | ୭୪ |
| ୬୧ | ସତ୍ୟକାମ ପରମଗୁରୁ | ଭାବନାଟା କେମିତି ହୁଏ | କବିତା | ୭୫ |
| ୬୨ | ସୁମିତ୍ରା ନାୟକ | ମୃତ | କବିତା | ୭୬ |
| ୬୩ | ରାଜଲକ୍ଷ୍ମୀ ସାମଲ | କାଠଗଡା ରେ ଈଶ୍ୱର | କବିତା | ୭୭ |
| ୬୪ | ସଂଘମିତ୍ରା କବି | ଅଦୃଶ୍ୟ ଦଂଶନ | କବିତା | ୭୮ |
| ୬୫ | ବିକାଶ ରଞ୍ଜନ ନାୟକ | ତୁମ ବିନା  ବାପା | କବିତା | ୭୯ |
| | ଅଭିନନ୍ଦନ ପୃଷ୍ଠା | | | ୮୦ |


ମହ୍ଲାର ଇ-ପତ୍ରିକା ରେ ଆପଣଙ୍କ ଲେଖା ଦେବାକୁ ଚାଁହୁଥିଲେ ଆମକୁ ଯୋଗାଯୋଗ କରନ୍ତୁ .

**ୱେବ୍ସାଇଟ :** www.malharodia.com

**ଇ-ମେଲ :** malharmagazine@gmail.com

**ଫୋନ :** 8328951229



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ

# ଉଡାଣ..



**ନମିତା ବରାଳ**
କାଶୀପୁର, ଖୋର୍ଦ୍ଧା

ଉଡ଼ିବାକୁ ଆଉ ଇଚ୍ଛା ନାହିଁ ଆମ
ଉଡ଼ିବା ଗଲୁଣି ଭୁଲି ||

ବାରମ୍ବାର ଆମ ଡେଣା କଟିଲାଣି
ଲାଗିଲାଣି ଡର ଭାରି ||

ଉଚ୍ଚ ଆଶା ଆଉ ମନେ ରଖିବୁନି
ଘର ଛାଡ଼ି ଆଉ ପଦା କୁ ଯିବୁନି ||

ଚାରି କାନ୍ଥ ଗଢା ପିଞ୍ଜରା ଭିତରେ
ଉଡି ବୁଲୁଥିବୁ ଏ କୋଣ ସେ କୋଣେ ||

ଲୋଡା ନାହିଁ ଆଉ ଆମ ସ୍ୱାଧୀନତା
ଶିଙ୍ଖୁଳି ରେ ଆମ ହାତ ପାଦ ବନ୍ଧା ||

ସହି ହୁଏ ନାହିଁ ଧର୍ଷଣ ଶୋଷଣ
ବଳତ୍କାର ଆଉ ନିର୍ଯାତନା ପଣ ||

କାମ ଲୋଭି ଏଇ ରାକ୍ଷସ ରାଇଜେ
କଟିଲାଣି ଆମ ଡେଣା କେତେ କେତେ ||

ଚାଲିବାକୁ ଏଠି ଡର ତ ଲାଗୁଛି
ଉଡିବୁ କେମିତି ଡେଣା ପିଟି ପିଟି ||

ଦେଖାଇ ହୁଅନ୍ତି ନାରୀ ଙ୍କୁ ସମ୍ମାନ
ସଭା ସମିତି ରେ କେତେ ଯେ ଭାଷଣ ||

ସରିଗଲେ ସେହି କ୍ଷଣିକ ମୂହୁର୍ତ୍ତ
ଦେଖାନ୍ତି ଆମକୁ ତାଙ୍କ ଉଗ୍ରରୂପ ||

ଭୁଲି ଯାଆନ୍ତି ସିଏ ଭଉଣୀ ଘରଣି
ଭୁଲି ଯାଆନ୍ତି ପୁଣି ଦୁହିତା ଜନନୀ ||

ଦେହ ଭୋକ ତାଙ୍କ ମେଣ୍ଟାଇବା ପାଇଁ
ଆଗେଇ ଆସନ୍ତି କ୍ରୁର ରୂପ ନେଇ ||

ଉଡିବୁ କେମିତି ଡେଣା କୁ ହଲାଇ
ଉଡିବାକୁ ଆଉ ଆମ ଇଚ୍ଛା ନାହିଁ ||





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

## ମଣିଷ ...




**ମନୋଜ କୁମାର ଦାସ**
*ଆଳିଜଙ୍ଗା, କପାଳେଶ୍ୱର, କେନ୍ଦ୍ରାପଡ଼ା*

ଡ୍ରଇଂ ରୁମରେ ବସି
କିଛି ଭାବୁଥିବ ସମୟରେ
ଆଜିର ଶୀର୍ଷକ କଣ ?
ହଠାତ କୁନି ପୁଅ ଦୌଡ଼ି ଆସି
ପଚାରିଲା ,
କାହାକୁ କୁହନ୍ତି ମଣିଷ
ଅବାକ ହୋଇଗଲି ପ୍ରଶ୍ନଟି ଶୁଣି
ତାର ଜିଦ ଆଗରେ
ଉତ୍ତର ଦେବାକୁ ବାଧ
ମଣିଷ ମାନେ ମଣିଷ ଜାଣ ।
ମୋ ମନ ବୁଝିଲା ନାହିଁ
ପିଲାଟି କଣ ଶିଖିବ ?
ମଣିଷ ମଣିଷ ନୁହେଁ
ଭଲ ଉତ୍ତମ ମଣିଷ ହେବା ଦରକାର
ଯିଏ ସମାଜରେ ବଞ୍ଚୁଛି
ଶାନ୍ତ ସରଳ ବିବେକ ବୁଦ୍ଧି ଜ୍ଞାନ ଧର୍ମ
ନୀତିବାଣୀ କର୍ମଠ
ବାଟ ଚାଲୁଥିବ ନୀତି ନିୟମରେ
ସିଏ ହିଁ ମଣିଷ ।
ମୋର ପ୍ରଶ୍ନ ଥିଲା ତୁମ ପାଇଁ
ତୁମେ ମଣିଷତ !
ତୁମେ ଯାହା ଲେଖୁଛ, କହୁଛ
ପାଳନ କରିଲେ
ଭଲ ମଣିଷର ସଂଜ୍ଞା ମିଳିଯିବ ।



ମହ୍ଲାର ଇ- ପତ୍ରିକା
ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# କାମଧେନୁ...






**ପାରଦ କୁମାର ପାଢ଼ୀ**
ଅବସରପ୍ରାପ୍ତ ଶିକ୍ଷକ,
ରାଜା ସାହି, ହିଞ୍ଜିଳିକାଟୁ

ଜୀବଙ୍କ ବିଚିତ୍ର ବାସସ୍ଥଳୀ ବିଶ୍ୱ
ସୁର ଅସୁର ଗଣଙ୍କ ,
ସ୍ୱଭାବ ଚରିତ୍ର ଦୃଷ୍ଟିରୁ ବିମୁଖ
ମିଳେ ଉଭୟ ଗୋଷ୍ଠିଙ୍କ ||
ଏକଦା ଉଭୟେ ଚିନ୍ତାକଲେ ହେବେ
ଯୁଗ ଯାବତ ଅମର,
ମନ ବଳାଇକି ଅମୃତ ସଂଗ୍ରହେ
ଖୋଜିଲେ କ୍ଷୀର ସାଗର ||
ମନ୍ଦର ପର୍ବତ ମନ୍ଥନ ଦଣ୍ଡରେ
ଉଭୟ ଦଳ ମନ୍ଥିଲେ ,
ବାସୁକୀ ମନ୍ଥନ ପାଇଁ ରସି ପରି
ସହାୟତା ମଧ୍ଯ ଦେଲେ ||
ମନ୍ଥନୁ ଅମୃତ କୁମ୍ଭ ସହ ଲକ୍ଷ୍ମୀ
ଐରାବତ ହସ୍ତୀ ପରି ,
ପାରିଜାତ ପୁଷ୍ପ ଗଛ କାମଧେନୁ
ତଥା ବୈଦ୍ୟ ଧନ୍ୱନ୍ତରୀ ||
ଉଚ୍ଚୈଶ୍ରବା ଘୋଡା ପାଞ୍ଚଜନ୍ୟ ଶଙ୍ଖ
ଗରଳ ସହ ମଦିରା,
ସାରଙ୍ଗ କୋଦଣ୍ଡ କୌମୋଦକୀ ଗଦା
ରତ୍ନ ପଥରର ଗରା ||
କାମଧେନୁ ଜଣା ହିନ୍ଦୁ ପୌରାଣିକ
ମତରେ ସୁରଭି ଗାଈ ,
ପ୍ରଗତି, ପ୍ରାଚୁର୍ଯ୍ୟ ସହ ଉର୍ବରତା
ସଂସାର ବର୍ଦ୍ଧନ ପାଇଁ ||
ଏହି ଐଶ୍ୱରିକ ଗାଈ ର ସୌନ୍ଦର୍ଯ୍ୟ
ଜୀବ ଅତୀତ କଳ୍ପନା ,
ଚାରିଗୋଟି ସିଙ୍ଗ ଥାଇ ସିଏ ପୂର୍ଣ୍ଣ
କରଇ ଭକ୍ତ କାମନା ||
ତା' ପହ୍ନା ନିସୃତ ଦୁଗ୍ଧ ପାନ କଲେ
ଶିଶୁ ସ୍ୱାସ୍ଥ୍ୟ ହୃଷ୍ଟ ପୁଷ୍ଟ ,
ଅମୃତ ଭଳିଆ ନୀରୋଗ ରଖାଇ
ଦିଅଇ ସୁଖୀ ଜୀବନ ||
ବହୁ ଦେବାଦେବୀ କାମଧେନୁଙ୍କର
ଶରୀର ସାରାରେ ବାସ,
କରିଥାନ୍ତି ବୋଲି ହିନ୍ଦୁ ଧର୍ମୀଙ୍କର
ରହିଛି ଦୃଢ ବିଶ୍ୱାସ ||
କୁହାଯାଏ ଦେବ ଇନ୍ଦ୍ର ତାଙ୍କ କ୍ଷୀର
ପିଇ ହୋଇଥିଲେ ଶକ୍ତ,
ଦେବକୀ ନନ୍ଦନ ତଥା ଲକ୍ଷ୍ମୀଙ୍କର
ସୁରଭି ପ୍ରିୟ ଅତ୍ୟନ୍ତ ||
ଶାସ୍ତ୍ରୋକ୍ତି ହିସାବେ ଗାଈକୁ ସଭିଏଁ
ମାନନ୍ତି ଦ୍ୱିତୀୟ ମାତ,
ଗୃହେ ପାଳି ଯତ୍ନେ କୁଟୁମ୍ବ ସମୃଦ୍ଧ
ଖୁସି ରଖାଏ ଅକାତ ||
ପ୍ରାଚୁର୍ଯ୍ୟ ସଂତୃପ୍ତି କାରଣୁ ପ୍ରଗତି
ବଳେ ବଳେ ଆସିଥାଏ,
ଆନନ୍ଦ ମନରେ ସୁଖେ ପରିବାର
ଦିନ କାଳ ବିତିଯାଏ ||
ଉର୍ବରା ଶକତି ତାଙ୍କ ଖିର ପିଇ
ମିଳିଥାଏ ସୁନିଶ୍ଚିତ ,
ସନ୍ତାନ ଆଶାରେ ଦମ୍ପତି ସକଳେ
ଉକ୍ତି ମାନିଥାନ୍ତି ସତ ||
କୁନି ଅବସ୍ଥାରେ ଶିଶୁ ଙ୍କ ପୋଷଣେ
ଗୋଦୁଗ୍ଧ ଅଟେ ଅମୃତ ,
ନିଅଣ୍ଟ ପଡିଲେ ମାତୃ ସ୍ତନ୍ୟ କ୍ଷୀର
ଗୋଦୁଗ୍ଧେ ହୁଏ ପାଳିତ ||
ଆୟୁର୍ବେଦ ମତ ଅନୁସାରେ ବହୁ
ରୋଗେ ପଥ୍ୟ ଭଳି ଗାଈ
କ୍ଷୀର ସାଥେ ବଟୀ,ଘୋରା ଘୋରି ଦେଲେ
ରୋଗ ହୋଇଯାଏ ଧୋଇ ||
ସାତ୍ତ୍ୱିକ ଖାଦ୍ୟରେ ରୁଚି ରଖୁଥିବା
ସନ୍ୟାସୀଙ୍କ ଅତି ପ୍ରିୟ ,
ଖାଣ୍ଟି କ୍ଷୀର,ଦହି ,ଲବଣୀ ଓ ଛେନା
ଅନ୍ନ ସାଥେ ଗାଈ ଘିଅ ||
ଆମ ଦେଶ ସାରା କାମଧେନୁ ପୂଜା
ହିନ୍ଦୁ ଧର୍ମୀ ଘରେ ଘରେ ,
ଗୋଷ୍ଠାଷ୍ଟମୀ ଆଉ ଅନ୍ୟ ପର୍ବ ଦିନେ
କରାଯାଏ ଆଡମ୍ବରେ ||
ଗୁଜରାଟ ଓଡିଶା କର୍ଣ୍ଣାଟକ ମହା
ରାଷ୍ଟ୍ର ଉତ୍ତର ପ୍ରଦେଶେ ,
ବିଶେଷ ଭାବରେ ପାଳିତ ହୁଅଇ
ନେପାଳ ଓ ବ୍ରହ୍ମଦେଶେ ||
ମନ୍ଦିର ମାଳିନୀ ଅଞ୍ଚଳରେ ପୂଜା
ଆରାଧନେ ଦୀପ ଜଳା,
ବଇଦିକ କର୍ମେ ଯଜ୍ଞ ଅନୁଷ୍ଠାନେ
ଗୋଘୃତ ଲାଗଇ ଭଲା ||



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ନିଜକୁ ପଚାର...



**ସୀମାଞ୍ଚଳ ପଣ୍ଡା**
ଡେଙ୍ଗାଡି, ଗଞ୍ଜାମ,

ମନ ସଙ୍ଗେ ଏକ  ହୁଅନ୍ତେ ବିବେକ
ଭାବ ବିକଶିବ ଶାଶ୍ୱତ ଗୁଣେ,
ନହୁଅ ଅଧୀର ନିଜକୁ ପଚାର
ବୀଜ ଅଙ୍କୁରିବ ଦିବ୍ୟ କାରଣେ ।।

ମନ ପବନରେ ଉଡ଼ ନାହିଁ ନରେ
ଝଡ଼ ଓଗାଳିବ ଦୁର୍ବଳ କାଳେ,
ବୁଦ୍ଧି ଜ୍ଞାନ ବଳ ବିବେକ ସକଳ
ଧ୍ୟାନରେ ରଖିଲେ ଉପାୟ ମିଳେ ।।

ସେବା ମନୋଭାବ ସୁରକ୍ଷା ସ୍ୱଭାବ
ଭକ୍ତି ଅନ୍ତର୍ଗତ ଭାବ କାରଣେ,
ମନ ସଙ୍ଗେ ଏକ ହୁଅନ୍ତେ ବିବେକ
ଭାବ ବିକଶିବ ଶାଶ୍ୱତ ଗୁଣେ ।।

ଆପଣା ଅନ୍ତର ଖୋଜ ନିରନ୍ତର
ବୁଝ ଆପଣାର ଦୋଷ ଦୁର୍ଗୁଣ,
ନିଜକୁ ପଚାର କର ଉପଚାର
ନିଷ୍କାମ କର୍ମରେ ହୁଅ ନିପୁଣ ।।

କର୍ମ କର ଯାହା କି' କାରଣେ ତାହା
ପଚାରି ବୁଝିଛ ନିଜକୁ କେବେ,
ସ୍ୱାର୍ଥ ପାଇଁ ଲଢ଼ି ଗଢ଼ିବ କିପରି
ସୁନ୍ଦର ସଂସାର ତିଷ୍ଠିବ ତେବେ ।।

ଯେତେ ମନ୍ଦ ଭାବ ମନରୁ ଛାଡ଼ିବ
ଆନନ୍ଦେ ବଞ୍ଚିବ ସେବକ ପଣେ,
ନହୁଅ  ଅଧୀର ନିଜକୁ ପଚାର
ଭାବ ବିକଶିବ ଶାଶ୍ୱତ  ଗୁଣେ ।।



ସେବା ସହଯୋଗ ସମର୍ପଣ ଭାବ
ତ୍ୟାଗ ଅନୁରାଗ ସମ୍ପଦ ନେଇ,
ନିଜକୁ ପଚାରି ଦୋଷ ପରିହାରି
ସଂସାରେ ବାଣ୍ଟିବ ଶରଧା ବହି ।।

malharmagazine@gmail.com
8328951229
MalharMagazine/
Malhar_Magazine/
www.MalharOdia.com



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ

# ତୁମେ ସରିଗଲା ପରେ...



**ସସ୍ମିତା ସାମଲ**
କେତୁଆପାଳ, କେନ୍ଦ୍ରାପଡା

ତୁମେ ସରିଗଲା ପରେ ,
ସରିଯାଏ ମୋର ସବୁ କଞ୍ଚା ସ୍ୱପ୍ନ,
ମରିଯାଆନ୍ତି ଆଖି କୋଣରେ ହନ୍ତସନ୍ତ ହୋଉଥିବା
ମେଞ୍ଚାଏ ଲୁହ ଧାର ,
ଲିଭି ଯାଏ ପ୍ରେମ ପତ୍ରର ନାଲି ଅକ୍ଷର ଗୁଡା..
ଆଉ ହଜିଯାଅ ମୋର ଅତି ପ୍ରିୟର ତୁମେ..

କୋଡିଏ ବର୍ଷର ମୋ ଓକିଲାତି ଜୀବନ,
ନିୟମ ଆଉ ଦସ୍ତକତ ର ବିଡା ବିଡା ମୋଟା ଫାଇଲ ଭିତରୁ
ତୁମ ପ୍ରେମ କବିତା ର ଓଜନ ଥିଲା ଢେର୍ ଅଧିକା...
ସେ ଓଜନକୁ ମୁଣ୍ଡେଇ ଥିଲି ମୁଁ ହତଭାଗା ପ୍ରେମିକ..



ତୁମେ ତ ଫେରିଲନି ଆଉ,
ମୁଁ ପ୍ରାଣ ପଣେ ଜାକି ଜୁକି ହେଇ କୋହ କୁ ଲୁଚେଇଲି
ତୁମର ଅଚାନକ ଅନୁପସ୍ଥିତିକୁ ସହିଯିବା ପାଇଁ..
ତୁମେ କିନ୍ତୁ ନିଇତି ରାତିରେ ଆସିଲ,
ମୋ ନିଃସଙ୍ଗ ରାତିର ଅପନ୍ତରା ରାଇଜରେ
ମିଳନର ଦୀପ ଜାଳିବା ପାଇଁ...

ସେବେ ତୁମେ ଆସିଲେ ଘୋଟି ଆସୁଥିଲା କଳାମେଘ
କରାଳ କଳାବର୍ଣ୍ଣ ଆକାଶ ରାହା ଛାଡୁଥିଲା ଅହରହ
ବିଛେଦକୁ ସହି ନ ପାରି....
ଡାଏରୀ ରେ କିଛି ଲୁହ ନିବୁଜ ଥିଲେ
ଆଉ କିଛି ଲଢୁଥିଲେ ମୃତ୍ୟୁ ସହ,
ଆମ ପ୍ରେମକୁ ଅମର କରିବା ପାଇଁ.....

ତଥାପି ପୃଷ୍ଠା ପରେ ପୃଷ୍ଠା ଓଲଟାଇ ଦେଖିଲି ...
ପ୍ରେମ ବଦଳେ ପାଇଲି ,
ପ୍ରେମ ଠୁ ଅଧିକ ଅପ୍ରେମ ଯେତକ..
ଆଞ୍ଜୁଳା ରେ ସାଉଁଟି ଥିଲି ସ୍ମୃତି ପୁଡିଆ କୁ
ପୁଣି ପୁଡିଆ ଭିତରେ ଦେଖିଥିଲି ଦରଜର ଦାଗ..

ସବୁ ପୃଷ୍ଠା ପରେ ବିରହର ଶେଷ ଭାଗ ଦେଖିଲି
ବଲ ବଲ କରି ଚାହିଁ ଥିଲେ ଅସମାପ୍ତ ସମ୍ପର୍କ ରେଖା
ନିଗିଡି ଯାଉଥିଲେ ବିକଳ ବୁନ୍ଦା ସବୁ...
ଏକାଠି ହେଇ ଖୋଜୁଥିଲେ ମୋର ଏକାନ୍ତ ଆଲିଙ୍ଗନ
ଛାଟିପିଟି ହୋଉଥିଲେ ବନ୍ଦୀ ମାନଙ୍କ ପରି ...

ମୁଁ ଜୀବନ୍ତ କଲି ମୋ ଛାତିରେ ଜାବୁଡି ଧରି
ମୋ ଗରମ ନିଶ୍ୱାସ ରେ ନିରବି ଯାଇ
ଗୋଟା ପଣେ ନିଜର କରିନେଲେ..
ଆଙ୍କୁଥିଲେ ଭଲ ପାଇବାର ଚିହ୍ନ
କହୁଥିଲେ ସେ କେବଳ ମୋର
ହଁ ତୁମେ ସରିଗଲା ପରେ ବି,
ମୋର ଏକାନ୍ତ ନିଜର.....
ଆଉ କେବଳ ମୋର....



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ପ୍ରକୃତ ବନ୍ଧୁ...



**ବିକ୍ରମାଦିତ୍ୟ ପୁରୋହିତ**
ଜଗନ୍ନାଥ କଲୋନୀ, ବୁଢ଼ାରଜା,
ସମ୍ବଲପୁର


ବନ୍ଧୁ ନୁହେଁ ଏକ ସୁନ୍ଦର ଶବ୍ଦ ମାତ୍ର,
ସୁଖ-ଦୁଃଖ ବାଣ୍ଟୁଥିବା ପ୍ରେମ ଆଦର
ଓ ଆବେଗ ସହ ମଣିଷଟି ହିଁ ତ' ହୁଏ
ବନ୍ଧୁ ପଦବାଚ୍ୟ, ଛାଇ ପରିଛିଡା ହୁଏ
ପ୍ରତିକୂଳ ପରିସ୍ଥିତିରେ ପ୍ରକୃତ ବନ୍ଧୁ ।

ଗରିବ ଦୁଃଖୀ ରଙ୍କୀ କୁ ସେବା କରି
ଈଶ୍ୱର ପ୍ରାପ୍ତ କରୁଥିବା ବ୍ୟକ୍ତି ହିଁ ତ'
ପ୍ରକୃତ ବନ୍ଧୁ ଈଶ୍ୱରଙ୍କ, ସଦା କେବଳ
ଈଶ୍ୱରଙ୍କୁ ଶ୍ରଦ୍ଧା କରୁଥିବା ବ୍ୟକ୍ତି ନିଜ
ପାଇଁ ମାଗଣା ଯାଚି ନୁହଁ ଚିର ବନ୍ଧୁ ।

ଅଛନ୍ତି ଅନେକ ବ୍ୟକ୍ତି ଈଶ୍ୱରଙ୍କର ତ'
ସେବା ଶ୍ରଦ୍ଧା କରି ଚେଷ୍ଟା କରି ଖୁସି
ରଖିବାକୁ ଭଜନ କୀର୍ତ୍ତନର ଆନନ୍ଦ
ମଧ୍ୟରେ ଗରିବ ଦୁଃଖୀ ରଙ୍କୀ ଙ୍କୁ ତ'
ଭୂଲି ଯାଇ କେବଳ ଈଶ୍ୱର ବିଶ୍ୱାସୀ ।

ସଭ୍ୟତାର ସନ୍ଧିକ୍ଷଣରେ ମାନବୀୟ
ସଂହତିର ଦେଇ ପରିଚୟ ଯିଏ କରି
ସାହାଯ୍ୟ ଆବାଳ ବୃଦ୍ଧବନିତା ସମସ୍ତ
ସତ୍ ମଣିଷର ବନ୍ଧୁ  ହୁଏ ପ୍ରଶଂସିତ
ସିଏ ହିଁ ପ୍ରକୃତ ବନ୍ଧୁ ଈଶ୍ୱରଙ୍କ ସଦା ।

ଈଶ୍ୱର ହିଁ କରନ୍ତି ସାହାଯ୍ୟ ସମସ୍ତଙ୍କୁ
ନକରି ଭେଦଭାବ କରି ହିଁ  ପରୀକ୍ଷା
ସଦା ତତ୍ପର ହୋଇ ଭଲ ବନ୍ଧୁ ର ତ'
ପରିଚୟ ଆରତର ଦୁଃଖ କଷ୍ଟ ଶୁଣି
କରି ସାହାଯ୍ୟ ସମାଜ ମଙ୍ଗଳ ପାଇଁ  ।



ପାରସ୍ପରିକ ସଦ୍ଭାବନାର ସ୍ଥିତିରେ ତ'
ତିଷ୍ଠି ରହିଛି ଆମ ସମାଜ ହିଁ ତ ଅଛନ୍ତି
ଆଜିବି ସତ୍ ମଣିଷ ଦେଶ ବିଦେଶର
ଦୁଃସହ ଦୁଃସ୍ଥିତି ପହଞ୍ଚାଇ ଦେଇଛି ତ'
କରି ସାମ୍ନା ପ୍ରକୃତ ବନ୍ଧୁତ୍ୱ ସମାଜରେ ।।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# କୋଉଠି ତୁମକୁ ଖୋଜିବି...



**ରୁପାଲି ପଲେଇ**
ତିଛିଣି, ପାରିକୁଦ, ପୁରୀ

ମଲା ହୃତପିଣ୍ଡେ ପରାଣ ଥିଲି ମୁଁ
କହୁଥିଲ ତୁମେ ଦିନେ,
ପୁରୁଣା ହୋଇଗଲି ନା' କଣ ଯେ
କହୁଚ ଆସନି ଜୀବନେ ।।


ଶୀତୁଆ ସକାଳ କାକର ଟୋପା ଯେ
ଥିଲି କାଳେ ତମ ପାଇଁ,
ଏବେ କହୁଅଛ ବୈଶାଖ ତାତି ତୁ'
ମୋ ପାଖୁ ଯିବୁ ନା' ନାହିଁ ।।

ମୋ ଚୁମ୍ବନ ପରା ଥିଲା ତୁମ' ପାଇଁ
ପ୍ରେମର ପ୍ରଥମ ଛୁଆଁ,
ଭୁଲିବନି କହି କାଇଁ ଭୁଲିଗଲ
ମୋ ମନେ ଲଗେଇ ନିଆଁ ।।



ପ୍ରିତିର ଆରମ୍ଭ ତୁମେ ବୋଲି ପ୍ରିୟା
କହିଥିଲ ତୁମେ ସତେ,
ଆଉ କା ପିରତୀ ପାଗଳ କରିଲା
ଶେଷେ ଭୁଲିଗଲ ମତେ ।।

ଜାଗର ଜାଳିଲ ଆମ ପ୍ରେମ ପାଇଁ
ମନ୍ଦିର ମଣ୍ଡପେ ବସି,
କେଉଁ ନଜରରେ ବନ୍ଦୀ ହୋଇଗଲ
ଲିଭେଇ ପ୍ରେମର ଦ୍ୱୀପଟି ।।



ଆରମ୍ଭ ପୁଣି ମୁଁ ଶେଷ ବି ପୁଣି ମୁଁ
ମୁଁ ହିଁ ଜୀବନ ସାଥି,
ସାଇତା ଅତୀତ ଜଳେଇ ଦେଲ ଯେ
ଜଳିସାରିଲାଣି ପ୍ରତିଟି ।।

ଏ ଜନ ବନସ୍ତେ ମୁଁ ଥିଲି ତୁମର
ଭରଷାର ପ୍ରତି ଛତିଛବି,
ଘଞ୍ଚ ଜନାଦେଶ ଛାଡି ଚାଲିଗଲ
କୋଉଠି ତୁମକୁ ଖୋଜିବି,
କୋଉଠି ତୁମକୁ ଖୋଜିବି ।।


ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ସକାଳ କୁହୁଡ଼ି ...



**ସୁଚରିତା ପଡ଼ିହାରୀ**
ଭୁବନେଶ୍ୱର

ଶୀତୁଆ ସକାଳ କୁହୁଡ଼ି ବହଳ
ଧରଣୀ ଅଙ୍ଗେ ଛାଇ,
ଧୂଆଁ ଧୂଆଁ ହୋଇ ଦିଶା ନା' ଦିଶଇ
ଆଲୁଅର ଲୋଡ଼ା ହୋଇ ||

ଶୁଭ୍ର ଆସ୍ତରଣ ବସୁଧା ମାଖିଣ
ପ୍ରତ୍ୟୁଷେ ଯାଇଛି ଶୋଇ,
ବାଟରେ ବାଟୋଇ ପଥ ହୁଡ଼ି ଯାଇ
ଇତସ୍ତତଃ ଯାଏ କାହିଁ ||

ଶୁଭ୍ର ପାରାବାର ମାଡିଆସେ ସତେ
ଢ଼େଉ ସମ ଧୂଆଁ ଗିରି,
ତୁଷାର କଣିକା ମିଶି ଥାଏ ସାଥେ
ଛୁଏଁ ଦେହ ଜାଡ଼ କରି ....

ତପନ କିରଣ ଉତ୍ତାପ ଲଭିଣ
ପ୍ରକୃତି ଉଠଇ ହସି,
ବୃକ୍ଷ ଲତା ଜୀବ
ସଜୀବ ନିର୍ଜୀବ
ରବିକର ପରଶେ ଖୁସି ||

ଧରାରୁ ଗଗନ କୁଜ୍ଝଟୀ ପଟଳ
ପ୍ରତ୍ୟୁଷେ ଯେମନ୍ତ ଛାଇ,
ଅଜ୍ଞାତ ତମିସ୍ରା ଘେର ରେ ମାନବ
ବୁଦ୍ଧି ବିବେକ ହରାଇ ||




ସୂର୍ଯ୍ୟାଲୋକ ସମ ଜ୍ଞାନ ର ଆଲୋକ
ଉଇଁଲେ ବିବେକ ଦେଶେ,
ଅଜ୍ଞାନ ଅନ୍ଧାର ଅପସରି ଯାଏ
ଦିବ୍ୟ ଆଲୋକ ପ୍ରକାଶେ ||



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

## ବାପା...



ସ୍ମୃତି ପ୍ରିୟଦର୍ଶନୀ ପ୍ରଧାନ
ପୂରଣ, ବିରିଡ଼ି,
ଜଗତସିଂହପୁର

ଶବ୍ଦ ବିହୀନ ଜୀବନରେ ଶବ୍ଦ ଭରିଦେଲ ତୁମେ,
ତୁମ ପରିଚୟରେ ଜାଣନ୍ତି ମତେ ସଭିଏଁ ||
ବାପା ବୋଲି ଡାକ ଶିଖାଇଲ ମତେ ,
କଣ୍ଟା ରାସ୍ତାରେ ଫୁଲ ବିଛିଛ ମୋ ପାଇଁ କେତେ ||
ଅଭାବ ପଡିଲେ କହିନାହଁ କେବେ ,
ମନ ଦୁଃଖ ଥିଲେ ହସାଇଛ କେତେ ମୋତେ ||
ରାଗରେ କହିଦିଅ ମୋତେ କେତେ କଥା ,
ବୁଝାଇଛ ମୋତେ ପାଖରେ ବସି ପରା ||
ଝିଅ ବୋଲି କହିନାହଁ କେବେ ,
ପୁଅ ବୋଲି କହି ସାହାସ ଦେଇଛ ମୋତେ||
ତୁମ ଅବଦାନ କେବେ ଜାଣିବାକୁ ଦେଇନାହଁ
ମୋ ଅଜାଣତେ ସବୁଖୁସି ଆଣି ଦିଅ ||
ଇଶ୍ୱରଙ୍କୁ କେବଳ ଏତିକି ମାଗୁଛି ,
ସବୁଜନ୍ମରେ ତୁମ କୋଳ ପାଉଥାଉ ||



## ତୁମ ଉପସ୍ଥିତି...



ରାଜଲକ୍ଷ୍ମୀ ବେହେରା
ବିରିଡ଼ି, ଜଗତସିଂହପୁର

ଗୋଟେ ଗୋଲାପ ରେ ମୁଁ ଖୁସି,
ଫୁଲ ଶେଯ ର ଲୋଡା ନାହିଁ ...
ତୁମ ଉପସ୍ଥିତି ରେ ମୁଁ ଖୁସି,
ତୁମ ସ୍ୱର୍ଶ ଲୋଡା ନାହିଁ ...
ଝାଟି ମାଟି କୁଡିଆ ରେ ମୁଁ ଖୁସି ,
ରାଜମହଲ ର ଲୋଡା ନାହିଁ ମୋର...
ମୁଠେ ପଖାଳ ରେ ମୁଁ ଖୁସି,
ଛପନ ଭୋଗ ର ଲୋଡା ନାହିଁ...
ତୁମ ଦେହ ର ବାସ୍ନା ରେ ମୁଁ ଖୁସି,
ଇତର ମୋତେ ଲୋଡା ନାହିଁ...
ତୁମେ ଚାହିଁ ଦେଲେ ଟିକେ ଖୁସି,
ରଙ୍ଗ ମଞ୍ଚ ର ଲୋଡା ନାହିଁ...
ଟୋପେ ସିନ୍ଦୂର ରେ ମୁଁ ଖୁସି,
ରଙ୍ଗ ଅଭିର ର ଲୋଡା ନାହିଁ ...
ଗୋଟେ ଗୋଲାପ ରେ ମୁଁ ଖୁସି ,
ଫୁଲ ଶେଯ ମୋର ଲୋଡା ନାହିଁ...




ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ତୁମକୁ ଅଭିନନ୍ଦନ...



**ଶୁଭଲକ୍ଷ୍ମୀ ରାୟ**
ଭବାନୀପୁର, ବାଲିବିଲ, ବରୀ,
ଯାଜପୁର

ତୁମକୁ ତୁମ ନୂଆ ଦୁନିଆ ର ଅଭିନନ୍ଦନ,
ଆଉ ଶୁଭେଚ୍ଛା ତୁମ ମନପକ୍ଷୀ କୁ,
ତୁମେ ଆଜାଦ ମୋ ପ୍ରେମ ପଞ୍ଜୁରୀ ରୁ
ଆଜି ନୁହେଁ ଚିର ଦିନ କୁ...

ଏ ଫଗୁଣ ଶ୍ରାବଣ ଗୀତି ଚଇତି
ତୁମ ବିନା ବି ଫେରି ଆସିବେ,
ବିଭୋର ଆକାଶେ ଜହ୍ନ ତାରା
ଆଉ ନିଶୀଗନ୍ଧା ବି ବାସିବେ।

ନିରିମାଖି ଆଖି ଚାହିଁ ବସିବନି
ହୃଦୟ ଦରଜା ଖୋଲି ,
ଓଠ ର ହସ ବି ଫିକା ପଡ଼ିବନି
ତମେ ଯଦି ଯାଅ ଭୁଲି।



ଫୁଲେଇ ଫୁଲ ଫଗୁଣ ଫେରିଲେ
ପୁଣି ନିଜ ବଗିଚା ରେ ଫୁଟିବ ,
ତୁମ ବଗିଚା ବି ଖାଲି ହେଇଯିବ
ସେଇ ଫୁଲ ଯେବେ ହଜିବ।

ଆଉ ତୁମେ ବି ଦିନେ ଭାବିବ
ଖୋଜି ମୁଁ ମୁକ୍ତା ରତ୍ନ ହଜେଇଲି,
ଆଉ ଖୁସି ର ତଲାସେ ଶାନ୍ତି
ଜହ୍ନ ପାଖେ ଥାଇ ତାରା ପାଇଁ ମଲି
ଦେଖି ଦେଖି ମିଛ ପ୍ରୀତି।

ଆଉ ସେତେବେଳ,
ମୁଁ ବାହାରିବି ନୂଆ ଦୁନିଆ ଦେଖି
ରକ୍ତ ରଙ୍ଗା ପାଦେ ଅଳତା ଭରି,
ନେବି ମୋ ସହ ନିଜ ପାଇଁ ଖୁସି
ତୁମ ଭାବନା ସବୁ କୁ ସାଥେ ନ ଧରି..

ପୁଣି ତୁମ ସ୍ମୃତି ର ଝଞ୍ଜିର ଖୋଲି
ଯିବି ଦୂରକୁ ଦୂରକୁ ଉଡି,
ତୁମେ ନେଇ ଯାଅ ତୁମ ଆକାଶ
ମୁଁ ଦେବି ମୋ ଆକାଶ ଗଢି।

# ପ୍ରିୟର ସାର୍ - ତ୍ରିଲୋଚନ ସାର୍...



**ସୋନାଲି ସ୍ୱାଇଁ**
ଆଇ.ପି.ଏସ ବାଣପୁର ରୋଡ,
ସାକ୍ଷୀଗୋପାଳ, ପୁରୀ

ଝିଅ ବୋଲି ଡାକି ଦେଇ ଆଦର କରନ୍ତି ,
ମୋ ଆଖିରେ ଦୁଇଟୋପା ଲୁହ ଦେଖି ନପାରନ୍ତି ।।
ଝରିଥିଲା ଲୁହ ଯେବେ ମୋ ଦୁଇ ଆଖିରେ ,
ସାନ୍ତ୍ୱନା ଦେଇ ଲୁହ ପୋଛିଥିଲେ ତାଙ୍କ ହାତ ପାପୁଲିରେ ।।

ଝିଅ ବୋଲି ମୋତେ ମାନନ୍ତି ,
କେତେ ଆଦରରେ ସ୍ନେହ ଶ୍ରଦ୍ଧା ସେ କରନ୍ତି ।।
ବୁଝନ୍ତି ସବୁ ଅସୁବିଧାକୁ ନେଇ ,
ବାଟ ଦେଖାନ୍ତି ସେ ନିଜ ଜ୍ଞାନ ଦେଇ ।।

ଆମ IPS ରେ ଶିକ୍ଷା ଦିଅନ୍ତି ,
କାହା ଭିତରେ ତୁଳନା ନ କରନ୍ତି ।।
ଭଲଭାବେ ପଢି ପିଲା ଆଗକୁ ଯାଆନ୍ତୁ ,
ଏହି ଉଦ୍ଦେଶ୍ୟ ନେଇ ପ୍ରତିଦିନ ବଢନ୍ତି ସେ ଆଗକୁ ।।

ଛନ୍ଦ କପଟ ନଥାଏ ତାଙ୍କ ଭିତରେ ,
ସମସ୍ତଙ୍କୁ ସମାନରେ ଦେଖନ୍ତି ,
କାହାକୁ ଅଧିକ ଭଲ କାହାକୁ ଖରାପ୍
ଏ ସବୁ ଭାବ ଦେଖନ୍ତି ନାହିଁ ।।



ସାଗର ମଧ୍ୟରେ
ସେ ଅତୁଳନୀୟ ବିନ୍ଦୁ ,
ସାଙ୍ଗ ପରି ଆମ ସାଥିରେ ଥାଆନ୍ତି
ସେ ଆମର ବନ୍ଧୁ ।।

ତାଙ୍କର ବର୍ଣ୍ଣନା ପାଇଁ ପାଏ ନାହିଁ ମୁଁ ଭାଷା
ଯେତେ କହିଲେ ବି ପଡିଯିବ କମ୍ ,
ବହୁତ ଆଦର ସରାଗେ ସେ ଆମକୁ ଗଢନ୍ତି
ଭୁଲ୍ ରୁ ଉଚିତ ବାଟକୁ ନେଇଯାଆନ୍ତି ।।

ନ'ପ୍ର ଆସିଲେ ପାଠ ରାଗନ୍ତି ନାହିଁ ,
ମନଦୁଃଖ ଥିଲେ କୁହନ୍ତି ନାହିଁ ,
ଶାନ୍ତ ରୂପି ମଣିଷଟିକୁ ଅନ୍ୟ କୋଉଠୁ ପାଇବୁ ଆମେ,
ବ୍ୟବହାରେ ମାର୍ଜିତ, ଭାଷାରେ ନମ୍ରତା
କୋଠାରତା ଭାବ ଗ୍ରହଣ କରନ୍ତି ନାହିଁ ।।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ମୋ' ମାତୃଭାଷା...



**ଅର୍ପିତା ଜେନା**
ଗୋଳିହା, ଖଇରା,
ବାଲେଶ୍ୱର

ବିବିଧ ଭାଷା ର ସମାହାର ଆଜି
ଶିକ୍ଷା କୁ ଦେଇଛି ମାନ,
ଓଡିଆ ଭାଷା ର କଥା କହିଦେଲେ
କର କାଇଁ ଅସମ୍ମାନ ?

ଇଂରାଜୀ ବୋଇଲେ ସଭିଁଏ ଗର୍ବିତ
ମଉ କଲା ରାଜନୀତି ,
ରାଜ ସିଂହାସନେ ବସିଅଛି ଏଠି
ଇତିହାସ ,ଅର୍ଥନୀତି ।


ଓଡିଆ ଭାଷା କୁ ନ'ଦେଇ ସମ୍ମାନ
କର ତାକୁ ଲୋକ ହସା,
ଭୁଲିଗଲ ଆଜି ମେହେରଙ୍କ ବାଣୀ
ନିଚ ହେଲା ମାତୃଭାଷା ।

କୋଣ୍ଢାବୋଧ ଆଜି ଛାତ୍ରଛାତ୍ରୀ ମାନେ
ଓଡ଼ିଆ ଭାଷାକୁ ନେଇ,
ସମସ୍ତେ କୁହନ୍ତି ଅତି ସହଜ ସେ
କି'ହେବ ତାକୁ ଯେ ପଢ଼ି ।



ସ୍ନାତକ ଛାତ୍ରୀ କୁ ପଚାରନ୍ତେ ଆଜି
କେଉଁ ସମ୍ମାନର ଅଟ,
ଓଡ଼ିଆ କହିଲେ ସଭିଁଏ ହସନ୍ତି
କରି ତାର ଅଟ୍ଟହାସ୍ୟ ।

ସେହି ଛାତ୍ରୀ ମୁହିଁ ଅତି ଯେ ଗର୍ବିତ
ମୋ ମାତୃଭାଷା କୁ ନେଇ,
କରି ହେବେ ନାହିଁ ଯାହାର ତୁଳନା
ମାତୃଭାଷା ମୋର ସେହି ।



ଲିଖନୀ ମୁନରେ ରଖି ମୋ ସାମର୍ଥ୍ୟ
ଲେଖିଯାଏ ଭାବାବେଗ,
ମୋ ମାତୃଭାଷା କୁ କରୁଅଛି ମୁହିଁ
କୋଟି କୋଟି ଦଣ୍ଡବତ ।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଶୂନ୍ୟ ନଦୀ...



**ଯଶୋବନ୍ତ ବାରିକ୍**
ସୁନ୍ଦରଗଡ, ଓଡ଼ିଶା

ତୁମେ ବର୍ଷି ଯାଅ ମେଘ ରୁ ଜ୍ୟୋସ୍ନା ହେଇ ମୋ ହୃଦୟ ଆକାଶ ରେ,
ମୁଁ କାଗଜ ଡ଼ଙ୍ଗା ହେଇ ଅବିରତ ଭାଷୁ ଥାଏ ତୁମ ସ୍ମୃତି ଦରିଆରେ...
ତୁମେ ଜହ୍ନ ଦୂର ଆକାଶ ର ଦୁନିଆ ରେ,
ମୁଁ ବାମନ ମାଟି ରୁ ହାଥ ବଢ଼େଇ ଠିଆ ହେଇ ଥାଏ ଥରେ ମାତ୍ର ତୁମକୁ ଛୁଇଁବା ଆଶାରେ...
ନିଶା ରାତି ର ସାଥି ରେ ତୁମେ ଆସ ପୁଣି ଛୁଇଁ ଦେଇ ଯାଅ ଥଣ୍ଡା ପବନ ର ଛୁଆଁ ରେ,
ମୁଁ ମୁଠା ବାନ୍ଧି ତୁମକୁ ଧରି ରଖିବା ଚେଷ୍ଟା ରେ ବିଫଳ ହେଇ ଉଠେ ନୀତି ସକାଳର ସ୍ୱପ୍ନରେ...
ତୁମେ ହଜି ଯାଅ ଶୂନ୍ୟତା ନଦୀ ର ଉଚ୍ଛୁଳା ଢେଉ ତରଙ୍ଗରେ,
ମୁଁ ଫେରେ ସୁରୁଜ ଶୋଇ ଗଲା ପରେ ନିଜ ନିଛାଟିଆ ମନ ସାଥି ରେ...

# ପ୍ରେମର ଭାଷା...



**ଚିନ୍ମୟୀ କଣ୍ଟା**
ଗଡ଼ ତୁମୁଲିଆ, ସୁନ୍ଦରଗଡ଼

ଶବ୍ଦକୋଷ ଭିତରେ ମୁଁ
ଯେତେବେଳେ ତୁମକୁ ଖୋଜେ,
ବର୍ଣ୍ଣବୋଧର କେଉଁ କୋଣରେ ରହି
ଛପି ଛପି ମତେ ଦେଖୁଥାଅ ..
ବର୍ଣ୍ଣବୋଧର ବର୍ଣ୍ଣମାଳାକୁ ଯେବେ
ହାତରେ ଧରି ତୁମକୁ ଖୋଜେ ,
ଶବ୍ଦ ଫୁଲ ବାସନରେ ମତେ ଭିଜାଇ
ପୁଣି ଲୁଚିଯାଅ ପଦ ମଧରେ...
ପଦକୁ ହାତରେ ଧରି ଯେବେ
ପାଦେ ପାଦେ ପାଦ ପକାଇ
ତୁମ ପାଖକୁ ଯାଏ ,
କେଉଁ ଅଳଙ୍କାର ଭିତରେ
ନିଜକୁ ଲୁଚେଇଦିଅ...
ଆଉ, ସେ ଅଳଙ୍କାର ଭିତରେ ଯେତେବେଳେ
ମୁଁ ନିଜେ ନିଜକୁ ଲୁଚେଇବାକୁ ଚାହେଁ ,
ଏକ ସୂର ହୋଇ ମୋ କାନରେ
ଗୁଞ୍ଜରଣ କରିଦିଅ....
ଆଉ ସେଇ ସୂରର ତାଳେ ତାଳେ
ଯେତେବେଳେ ମୁଁ ଝୁମିଉଠେ ,
ଅତି ଆନନ୍ଦରେ ଆସି
ମୋ ପାଦରେ ତୁମେ, ଘୁଙ୍ଗୁର ପିନ୍ଧାଇଦିଅ ।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଶାନ୍ତି ଅପା...




**ସଂଘମିତ୍ରା ପୃଷ୍ଟି**
ଶ୍ରୀକୋରୁଆଁ, ଉରାଳୀ, କଟକ

**ମା**ଟି ପୋତା କଂକ୍ରିଟ ଦାନବ ଦୁଆରେ ଅଲୋଡ଼ା ହେଇଯାଇବି କିଛି ମାଟିର ମଣିଷ ଜୀବନର ଅନ୍ତିମ ଶ୍ୱାସ ପର୍ଯ୍ୟନ୍ତ ମାଟିର ଗନ୍ଧକୁ ମାଟିର ଆତ୍ମୀୟତାକୁ କେଉଁ ଏକ ମହକିତ ଅତର ଭଳି ପ୍ରତିଟି ମନରେ ଛାପ ଛାଡି ଚାଲିଥାନ୍ତି, ସେମିତି ଏକ ଭିନ୍ନ ନିଆରା ମଣିଷ ଥିଲା ମୋ ଶାନ୍ତି ଅପା...

ଅଳ୍ପ ବୟସୀ ଜହ୍ନ ସୋରିଷି ଭଳି କମ ବୟସରେ ମୁଣ୍ଡିଆ ବୁଢାକୁ ବିଭା କରି ଆସିଥିଲା ସାତ ସପନ ସଜେଇ, ସଂସାର କଲା ଆଉ ସଂସାର କଣ ବା ଏକାବେଳେ ଗଣ୍ଡାଏ ଛୁଆ ସେ ବି ସାର୍ଥକ ଜୀବନ ପୁଅ ଜନ୍ମ କରି, ପାଳିଲା ନାଳିଲା ଏଡିଟୁ ରୁ ଏଡୁଟେ ପର୍ଯ୍ୟନ୍ତ ଦହଗଞ୍ଜ ହେଇ କିନ୍ତୁ ସବୁ ପିଲାଙ୍କୁ ଯଥା ଚେଷ୍ଟା କରି ମଣିଷ କରିଲା, ଇଏ କାହାର ଏତେ ପାରିବା ପଣ ବା, ନିଶାଡ଼ିଆ ମାତାଲ ପରମେଶ୍ୱରକୁ ନେଇ କଅଁଳ ମନ ଆତ୍ମା ସ୍ୱପ୍ନକୁ ଭାଙ୍ଗି ବାର ଦୁଆରେ ପାଇଟି କରି ଭେଣ୍ଡା ହବା ଯାଏଁ ଆଦର କରି ଖୋଇପେଇ ପୁଅ ପୋଷିବ।

ଇଏ ମଦ ପି' ପି ରକତ ପାଣି ଫାଟିଗଲା ଯେ ବୁଢା ଅଧା ବୟସରୁ ଫଟ ହେଇ କାନ୍ଥରେ ଝୁଲିଲା, ମୋ ଅପା ଜୀବନ ବ୍ୟାପି ସଂଘର୍ଷ କରି ପୁଅ ପୋଷିଲା ହେଲେ କଣ ହବ, ପୁଅ ଜନ୍ମ କରିଛି ବୋଲି ଅପାର ଖୁବ ଗରବ ହେଲେ କୁହନ୍ତି ନି, "ଆଜିକ ଲୋ ମା କାଲିକ ମୁଁ ଫଟା ସିନ୍ଦୁକର ମାଲିକ "....... ଇଏ ପୁଅ ବି ଅଧା ମଦୁଆ କୁ ବିଭା କରି ସ୍ତ୍ରୀ ବୋଲକରା ହେଲେ, ଶେଷରେ ଇଏ ବୁଢ଼ୀ ମଣିଷଟା କୁ ଗଣ୍ଡେ ଖାଇ ଶୋଇବାକୁ ଜାଗା ଦେବା କୁ ନିଅଣ୍ଟ ହେଲାନି ଯେ ମିଛ ସତ ଗୁଡ଼େ କହି ଘରୁ ଗଳା ତଣ୍ଡିଆ ଦେଇ ଘରୁ ତଡିଦେଲେ (କହିଲା ବେଳକୁ ମୋ ଛାତିଟା ଫାଟି ଯାଉଛି ଲୋ ମା...)

ହେଲେ ଶାନ୍ତି ଅପା ସେଇ ଝଡ଼ିବା ବୟସରେ ବି ହାରି ଯାଇ ନଥିଲା, ରାସ୍ତା କଡ଼ରେ ଜରି ଖଣ୍ଡେ ଟାଣି ଛୋଟ ଟା ଦୋକାନଟେ କରି ସ୍ୱାଭିମାନୀ ହୋଇ ବଞ୍ଚି ଥିଲା। ଭାରି ହସକୁରି ଥିଲା ମୋ ଅପା ଯିଏ ଟା' ପିଇ ଆସୁ ତା କଥା ଆଉ ହସର ରସ ରେ ଟା' ଆପେ ସୋଶାଡୀ ଦେଇ ଯାଉଥିଲା.... ବେଳେ.. କେହି..ଲୋକେ ଟଚ୍ଚା ପରିହାସ କରି କୁହନ୍ତି... ଆଲୋ ଶାନ୍ତି, ଉଁ ତୁ ତ ଭାରି ସୁନ୍ଦରୀ.. ବୟସ ସିନା ଝଡା ପତ୍ର କୁ ହେଲେ ତୋ ମନ ଟା କଞ୍ଚା ଆମ୍ବ ପରି, ଇଏ ତୋ ସୁନ୍ଦରତା ର ରହସ୍ୟ କଣ ବା ଶାନ୍ତି ଅପା, ତୋତେ ବୟସ କେତେ କି, କହିଲେ ପ୍ରସ୍ତାବ ପକାନ୍ତେ, ସକାଳ ହେଇଥିବ କି ନାଇଁ ଏମିତି ହସ ଭରା ମାହୋଲରେ ଭିଡ଼ ଲାଗିଯାଏ ମୋ ଅପାର ଟା ଦୋକାନ ଆଗରେ ..ନିଶା ଟା ଠୁ ବେଶୀ ମୋ ଅପାର ହସ ଆଉ କଥାରେ ଥିଲା...

ମୋ ଶାନ୍ତି ଅପା ଲାଜେଇ ଯାଏ ଫେଁ କିନା ହସିଦିଏ, ଆଉ ତାର ସେଇ ପାକୁଆ ପାଟିର ହସ ମଲା ମଣିଷ କୁ କ୍ଷଣେ ହସେଇ ଦେବ, ହସି ଦେଇ କୁହେ....

- ଇଏ ତୁମେ ଗୁଡା ମୋର ପୁଅ ନାତି ବୟସର ହବ କଣ ବା ଆଉ ନୁଚେଇ ବି, ମୁଁ ଜନମ ରୁ ସୁନ୍ଦର ବୋଲି ଇଏ ତୁମ.. ମାନେ ମୋ ବୁଢା ବା ମୋତେ ବାହା ହେଇ ଆଣିଥିଲା.. ଆଉ ଗେଲ ରେ ମୋତେ ସୁଲି.. ବୋଲି ଡାକୁଥିଲା.... ମୋ ପରି ସୁନ୍ଦରୀ କାଇଁ ବା.. ଇଏ ପେଜ କୁ ପେଟ ନିଅଣ୍ଟ ରହସ୍ୟ ନା ରଜେଇ ହୁଁ... ଏତିକି କହି ଲାଜେଇ ହସି ଦିଏ ମୋ ଅପା...



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

ଯାହା ଚା' ବେପାରରୁ ମିଳେ, ମୋ ଅପା ମୋତେ କିଛି ଦେଇ, ନିଜ ପେଟ ଓଦା ହେଲା ଭଳି କଣ ଦିଟା ଖାଇ, ବାକି କୁନି... ବସ୍ତି ଛୁଆଙ୍କ ପାଇଁ ମିଠେଇ କିଣି ରଖେ, ନିଇତି ସେ ଛୁଆ ତାକୁ ଖୋଜି ଆସନ୍ତି ଆଉ ଆସି କାହାର ଆଇ ଆଉ ମା ଡାକରେ ମୋ ଅପାର ଆଖି ଅସରା ବରଷି ଯାଏ ଯେମିତି କୋଉ ଗଭୀର ଯନ୍ତ୍ରଣାର କଳାବାଦଲ ବହି ଯାଏ ପୁଣି ନିର୍ମଳ ହୋଇଯାଏ । ଖୁବ  ପ୍ରିୟ ଥିଲା ମୋ ଅପା ସଭିଙ୍କର ।

ଏତେ ବଡ଼ ହୃଦୟ ହୋଇ ନଥିଲେ ଇଏ ନିଜେ  ମୁଣ୍ଡ ଗୁଞ୍ଜିବାକୁ କି ପେଟକୁ ଗଣ୍ଡେ ଖାଇବାକୁ କି ଚାଲିବାକୁ ବଳ ନଥିବା ମୋ ଅପା କଣ ଇଏ ଅନାଥ ବାପା ମା ଛେଉଣ୍ଡ ରାସ୍ତା କଡ଼ର ଅଳିଆକୁ କୋଳେଇ ନେଇ ଥାନ୍ତା.. କହିଲା ଯେଉଁଠି ଇଏ ରୋଗିଣାକୁ ଲୋକେ ଛି କହି ବାଟ ଭାଙ୍ଗି ଯାଉଥିଲେ ସେଇ ମୋ ଅପା ଦେବୀ ସାଜି ମୋତେ ଇଏ ସମାଜରେ ମୁଣ୍ଡ ଟେକି ଠିଆ କରିବାର ଯୋଗ୍ୟ କରିଥିଲା ।

ସେଦିନର ସେ ରାତି ମୋ ପାଇଁ ମୋ ଦୁନିଆଁ କୁ ଭାଙ୍ଗି ଦେଇଥିଲା କ୍ଷଣ କରେ, ସବୁ ସ୍ୱପ୍ନର ସେ ପାହାଡ଼ ମୋ ଅପା ନିଜ ଅନ୍ତିମ ନିଶ୍ୱାସ ନେଇ ମୋତେ ଅଗାଧ ସମୁଦ୍ର ରେ ପୁଣି ଅନାଥ ସଜେଇ ଚାଲିଗଲା,

ମୁଁ ସେଦିନ ଚାକିରୀ ପାଇବାର ଖୁସି ଖବର ନେଇ ଅପାର ରାସ୍ତା କଡ଼ ଚା' ଦୋକାନକୁ ସାଇକେଲ ନେଇ ଚାଲିଥାଏ, ମୋ ଅପା ବି ଦୂରରୁ ମୋତେ ଦେଖି କାଇଁକି କେଜାଣି ଖୁବ ହସୁ ଥାଏ ଆଉ ତା ଆଖିରେ ଥାଏ ଏକ ଅଦ୍ଭୁତ ଖୁସିର ଲୁହ... ମୁଁ ବି ତାକୁ କୋଳେଇ ଧରି ନାଚି ଯିବି ବୋଲି ମାଡି ଚାଲିଥାଏ ଆଉ ହଟାତ.....ଅ.... ପା.... ଏ ଅପା... ଉଠ ନୁ.. ଆଲୋ ଦେଖ ଇଏ ମଳି ମୁଛି ରାସ୍ତା କଡ଼ର ଭିକାରି ଆଜି ଅଫିସର ହେଇଛି ଚାକିରୀ ପାଇଛି... ଏ ଅପା... (ଦ୍ରୁତ ଗତିରେ ମାଡି ଆସୁଥିବା ଦାନବ ଟ୍ରକର ଶକ୍ତ ଧକ୍କା ରେ ମୋ ଦୁନିଆଁ ମୋ ଅପାର ରକ୍ତ ଭିଜା ପଣତ କୁ ହାତରେ ଥିବା ଭଙ୍ଗା ଚା ର ପିଆଲା କୁ ଧରି ମୁଁ ନିସ୍ତବ୍ଧ ହୋଇ ଯାଇଥିଲି ।)

କେବଳ ମୁଁ ନୁହେଁ କେତେ ଆତ୍ମା ସେଦିନ ଅନାଥ ହୋଇ ଥିଲେ, ମୋ ଶାନ୍ତି ଅପାର ଛତ୍ର ଛାୟା ଭାଙ୍ଗି ଗଲା ପରେ, କ୍ଷଣକରେ ରାସ୍ତା କଡ଼ ମୋ ଅପାର ଦିବ୍ୟ ଦର୍ଶନ ପାଇଁ ଭିଡ଼ ବାନ୍ଧିଗଲା, ସମସ୍ତଙ୍କ ମୁହଁରେ କେବଳ, ମା, ଆଉ ଅପା ର ଡାକ କୁ ଆଖିରେ ଲୁହର ବନ୍ୟା । ନିଜର ଶେଷ ମୁହୂର୍ତ୍ତ ରେ ବି ମୋ ଅପା ମୁହଁରେ ସେଇ ଅପୂର୍ବ ହସର ଝଲକ... ମୁଁ କିନ୍ତୁ ମୋ ଅପାର ତ୍ୟାଗ ଭୁଲିନି ଠିକ ସେଇ ସ୍ଥାନରେ ଆଜି ଠିଆ ହୋଇଛି "ଶାନ୍ତି ଅପାର ପାଞ୍ଚତାରକା ଚା' ହୋଟେଲ ", ଆଉ ମୋ ଶାନ୍ତି ଅପାର ହସ ହସ ମୁଖଚିତ୍ର ।...ମୋ ଶାନ୍ତି ଅପା ଅନାଥ ପିଲାଙ୍କୁ ଖୁବ ଭଲ ପାଉଥିଲା ତେଣୁ ଶାନ୍ତି ଅନାଥ ଆଶ୍ରମ ଟେ ବି ମୋ ଅପାର ସ୍ମୃତି ଅର୍ଥେ କରି ଉପରକୁ ଚାହିଁ ତାରା ମେଳରେ ତାକୁ ଖୋଜି ହସି ଦିଏ ଦୁଇ ବୁନ୍ଦା ଲୁହ କୁ ଗୋଟେ ପିଆଲା ଚା' ସହିତ ....



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

## ମାଟିର ମଣିଷ..



**ସ୍ମୃତି ଝାଙ୍କର**
ଟକର୍ଲା, ସୋନପୁର

ମାଟିରେ ଗଢ଼ା ତୋ ମାଟି ର ଜୀବନ
ମାଟିରେ ମିଶିବୁ ତୁହି ,
ବାଲୁକା ସ୍ତୁପ ରେ ପାଦ ଚିହ୍ନ ତୋର
ନିମିଷକେ ଯିବ ରହି ||

ଜୀବନରେ ତୋର ଆଶା ଯେ ଅଧିକ
ତୋ ପାଖେ ସମୟ କାହିଁ ,
ସମୟ ବାଟରେ ସମୟ ଚାଲିଛି
ସମୟ ଅଟକେ ନାହିଁ ||

ଜୀବନ ତୋହର ପାଣିର ଫୋଟକା
ଗର୍ବ ତୁ କରୁଛୁ କେତେ ,
ଜୀବନ ର ଏଇ ସଂଘର୍ଷ ଯୁଦ୍ଧ ରେ
ସହଜେ କି କିଏ ଜିତେ ||

ବର୍ତ୍ତମାନ କୁ ତୁ ନଷ୍ଟ କରୁଅଛୁ
ଦେଖି ଭବିଷ୍ୟତ ସ୍ୱପ୍ନ ,
ଭାବୁକ ମଣିଷ ଭାବନା ରେ ପଡି
ଭୁଲିଗଲୁ ପଛ ଦିନ ||

ଜୀବନରେ ତୋର  ଅଶାନ୍ତି ଜୁଆର
ହସଖୁସି କିଛି ନାହିଁ ,
ମାୟା ସଂସାରେ ମିଛ ହସ ହସି
କି ଲାଭ ପାଉଛୁ ତୁହି ||



ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



**ପ୍ରତିଷ୍ଠାତା/ସମ୍ପାଦକ :** ଶିଶିର କୁମାର ସାମଲ, **ସହ-ସମ୍ପାଦକ :** ଆଦିତ୍ୟ ନାରାୟଣ ପତି, **ସହ-ସମ୍ପାଦିକା :** କ୍ଷୀରାବ୍ଧି ଦାଶ, **ମୁଖ୍ୟ-ପରିଚାଳିକା :** ଶିବଦୂତି ପାଣିଗ୍ରାହୀ, **ଉପଦେଷ୍ଟା :** ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ନିର୍ଜନ ବେଳାଭୂମି (ପେଣ୍ଠ)...



**ଆଶିଷ ପଣ୍ଡା**
ନପଙ୍ଗ, ପଟ୍ଟାମୁଣ୍ଡାଇ,
କେନ୍ଦ୍ରାପଡା

ନିଖିଳ ଉତ୍କଳ ପାଦ ଦେଶରେ ତା'
ରୂପ ମନୋରମା ଆଙ୍କଇ ଚିତ୍ର ,

"ପେଣ୍ଠ" ନାମେ ଖ୍ୟାତ, ତାର ଅନୁପମ
ବର୍ଣ୍ଣିବି କେମିତି ମୁଁ ଅପବିତ୍ର ।

ଚମ୍ପକ ଚାରିଣୀ ଚାରୁ ସୁଶୋଭିନୀ
ଲମ୍ପଟ ହାରିଣୀ ନୀରର ନାଦ ,
ଭାବ ତରଙ୍ଗିଣୀ ବହୁଛି ତକ୍ଷଣି
ଥରହର କରେ କବି ଙ୍କ ପାଦ ।

ସଜଳ ନୟନେ କଜ୍ଜ୍ୱଳ ଲଗାଇ
ମହୋଦଧି ସତେ ଗାଉଛି ଗୀତ ,
ଅତି ସୁମଧୁର କଣ୍ଠ ବିରାଜିତା
ସମ୍ମୋହିତ କରେ ମନ ଉନ୍ମାଦ ।




ମାଘ ମାସ ଶୀତ ହୃଦୟ କମ୍ପିତ
ମୃଦୁ ସମୀରଣ ଶୀତଳ ସ୍ପର୍ଶରେ ,
ଲୋହିତ ମିହିର ତେଜ ବିକିରଣେ
ଆନନ୍ଦ ଉଲ୍ଲାସେ ଥୟ ଯେ ଧରେ ।

ଲେଖିଲା ବେଳ ଯେ ପାଶ ହୋଇଗଲା
ଲେଖିବାକୁ ଇଚ୍ଛା ନାହିଁ ଯେ ମୋର ,
ପ୍ରକୃତି ବିରାଜି ଚାରୁ ଚିତ୍ରପଟେ
ଶୋଇ ଯାଆନ୍ତି କି ଲମ୍ବାଇ ଶିର ।

ମହ୍ଲାର ଇ- ପତ୍ରିକା
ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ବିଲୁପ୍ତ ପଥରେ ଓଡ଼ିଶାର ଲୋକକଳା...



**ସଦାନନ୍ଦ ବାରିକ**
ମନାପଡ଼ା, ଅତାବିରା,
ବରଗଡ଼

ବିଭିନ୍ନତା ଭିତରେ ଉତ୍କୃଷ୍ଟ ଆମରି
ଓଡ଼ିଶା ପ୍ରଦେଶ ରାଜ୍ୟ,
କଳା ଭାସ୍କର୍ଯ୍ୟ କୀର୍ତ୍ତିରେ ପରିପୂର୍ଣ୍ଣ
ଦେଖୁଅଛି ସାରା ଜଗତ ।୧।
ଗ୍ରାମଠୁ ସହର ମିଳିମିଶି ଆମେ
ସ୍ଥାପନ କରି ଜନବସତି ,
କେତେ ଭାଷାଭାଷୀ ରହିଅଛୁ ଏଠି
ଭାବ ବନ୍ଧନରେ ବାନ୍ଧି ।୨।
ବେଶ ପୋଷାକ ଦେଖିଲେ ଆମର
ଜାଣିଥାଆନ୍ତି ଆମ ପରିଚୟ ,
ପୁରାତନ କାଳରୁ ବହନ କରୁଅଛୁ
ଉତ୍କଳ ସଂସ୍କୃତିର ଟେକ ।୩।

ଲୋକକଳା ଆଜି ବିଲୁପ୍ତ ପଥରେ
ଆଧୁନିକତାକୁ ନେଇ ଆବୋରି ,
ଛଉ - ଗୋଟିପୁଅ - ଡାଲଖାଇ ନୃତ୍ୟ
ଯାଇଛୁ ଆମେ ପାସୋରି ।୪।
କେତେ ଆସବାସ ବାଉଁସର ଦରବ
ମାଟିରେ ତିଆରି କଣ୍ଢେଇ ,
ଗୋଟିଗୋଟି କରି ଗଲାଣି ସତେ
ମନ୍ଥର ଗତିରେ ଉଭେଇ ।୫।
ସହରୀ ସଭ୍ୟତା ଭିତରେ ଆଜି
ଲୋକକଳା ଖୋଜୁଛି ସ୍ଥାନ ,
ଭାଗବତ ଟୁଙ୍ଗୀ ବସୁନାହିଁ ଆଉ
ଗ୍ରାମ ଲାଗେ ଜନଶୂନ୍ୟ ।୬।
ବିଦେଶୀ ଜିନିଷର ଆସର ବଢ଼ିଛି
ଅଲୋଡ଼ା ହେଲା ମାଟିପାତ୍ର ,
ଘର ଅଗଣାରେ ମାଟିର କାନ୍ଥରେ
ଆଙ୍କୁନାହିଁ ଆଉ ଝୋଟିଚିତ୍ର ।୭।
ଭେରୀ - ତୂରୀ ଶୁଭୁନାହିଁ ଆଉ
ଶୁଭୁନାହିଁ ମୃଦଙ୍ଗ ନାଦ ,
ପ୍ରତ୍ୟେକ ଶୁଭକାର୍ଯ୍ୟରେ ଗାଆଁଠୁ ସହର
ଶୁଭୁଛି ବ୍ୟାଣ୍ଡବାଜାର ଶବ୍ଦ ।୮।



ଏ ଦୃଶ୍ୟଦେଖି ଭାଲୁଛି ମୁହିଁ ବସି
କୁଆଡ଼େ ଲୁଚିଗଲା ସଂସ୍କୃତି ,
କିମ୍ବା ପ୍ରୟୋଜନ ପ୍ରଗତି ପଥରେ
ଲୋଡ଼ାନାହିଁ ସେହି ପ୍ରୀତି । ୯।
କେତେ କବି ମହାକବି ଲେଖିଗଲେ
ଉତ୍ତର ସ୍ୱର୍ଣ୍ଣିମ ଅଧ୍ୟାୟ ,
ତାହାରି ଭବିଷ୍ୟତ ଉଜ୍ଜ୍ୱଳ ହୋଇବ
ପରମ୍ପରାକୁ ରଖିଲେ ବଜାୟ ।୧୦।




ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଗୀତା...



**ବାବାଜୀ ଚରଣ ସାହୁ**
ଫୁଲନଖରା, କଟକ

ଜୀବନ ଯେତେ ପାପର ମହୋଦଧି ରହିଛି ପୂର୍ଣ୍ଣ
ସେ ସବୁର ମୁକ୍ଷର ଠିକଣା ରହିଛି ପରିପୂର୍ଣ୍ଣ ଏଥିରେ
ସବୁ କିଛି ଭୁଲି ଗଲା ପରେ ଯଦି ମନେ ରଖିବ  ଏହାର ଭାବନା
ଯେତେ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ଥିଲେ ଲାଗେ ପରିପୂର୍ଣ୍ଣ ମନା ।।
ଗୀତା ଭାଗବତର ଏହି ଭାଗ୍ୟର ଲେଖା...
ସମସ୍ତ ଯୋଗ ରେ ଭରି ରହିଛି ଜୀବନର ଯେତେ ସବୁ ପ୍ରାର୍ଥନା
ଜୀବନର ଚାଲିବା ପଥରେ ଲଗାଇଲେ ଶାନ୍ତି ମିଳେ ଶାନ୍ତ୍ୱନା
ହଜିଗଲା ପରେ ଜୀବନ ଯେତେବେଳେ ହୋଇ ପଡଜ ବିପନ୍ନ
ସେହି ସମୟରେ ସମ୍ପର୍କ ଦରିଆର ହୁଏ ହୃଦୟର  ବାଟବଣା ।।
ଗୀତା ମହାପୁଣ୍ୟ  ମହାକାବ୍ୟର ପରିପୂର୍ଣ୍ଣ ଝରଣା...
ସମସ୍ତ କାର୍ଯ୍ୟ ର ଯେତେ ସବୁ ପଥ ଅଛି ଏଥିରେ ତାର ଠିକଣା
ଯେତେବେଳେ ସବୁ ଶୂନ୍ୟ ଶୂନ୍ୟ ମହାଶୂନ୍ୟ ହୋଇ ଯାଏ ଜୀବନ
ଏହି ମହାକାବ୍ୟ ସ୍ପର୍ଶ ରେ ଆସିଲେ ପରିବର୍ତ୍ତନ ହୁଏ ମନର ଜ୍ଞାନ
ଅମୃତର ଏହି ଦରିଆବୁକୁରେ ବୁଡି ଗଲେ ସାର୍ଥକ ହୁଏ ମନର ମାନ
ମିଛ ଠିକଣାର ସତ୍ୟ ଗୀତା ର ଏ ବାଣୀ ଧାରା...
ସତ୍ୟ ଶିବ ସୁନ୍ଦର ସୌନ୍ଦର୍ଯ୍ୟର ସୌଭାଗ୍ୟ ଏହି ଗୀତା ର ବିବେକ
ସବୁ ବିବେଚନାର ସାମ୍ରାଜ୍ୟ ସାମ୍ନାରେ ସତ୍ୟରେ ନାହିଁ ଶୂନ୍ୟସ୍ଥାନ
ରହିଛି ରହିବ ସତ୍ୟର ଏ ମହାପୁଣ୍ୟ ମହାମୁକ୍ତିର ମହାଧାୟ
ମହାମୁକ୍ତିର ମହାଶକ୍ତିର ଏହି ଅମୂଲ୍ୟ ଶାନ୍ତ୍ୱନା ଶାନ୍ତି ଶୃଙ୍ଖଳା ର ସ୍ତୁପ
ଗୀତା ମହାଜ୍ଞାନର ମହସାଗରର ଏ ମହାମୁକ୍ତିର ର ଧାରା...





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଅଭାବୀ ମଣିଷ...



**ଅନିତା କୁମାରୀ ଆଚାର୍ଯ୍ୟ**
ଖଲ୍ଲିକୋଟ, ଗଞ୍ଜାମ, ଓଡ଼ିଶା

ଅଦ୍ୱିତୀୟ ପୃଥିବୀରେ ଜନ୍ମିତ
ମୁଁ ଏକ ପୁରୁଷ
ଅଭାବୀ ମଣିଷ ।।
ଅଭାବ ମୋ ଚିର ସାଥୀ
ଭୋକରେ ମୋ କଟେ ରାତି
ଚୁଲିରେ ମୋ ନିତି ଖାଲି
ଶୀତଳ ପାଉଁଶ
ନିରନ୍ନ ମଣିଷ ..... ମୁଁ ଏକ ନିରନ୍ନ ମଣିଷ ।।
ଝରକା ଖୋଲା ମୋର
ଅଗଣା ମୋ ଖୋଲା
ସେଥିରେ ଲାଗେନା କେବେ
ଅଳନ୍ଧୁ - ଯନ୍ତ୍ରଣା
ଆକାଶ ର ଖୋଲା ଛାତିତଳେ
କରେ ମୁଁ ସ୍ୱପ୍ନ ର କଳ୍ପନା
ଗାଢ଼ ନିଦ୍ରା କୋଳେ
କେବେ ସ୍ୱପ୍ନ ଆସି ପୁଣି ଫେରିଯାଏ
ତା'ର ହିସାବ ରଖେନା
ତଥାପି ସରେନା ମୋର ଜୀବନ ଆୟୁଷ
ତଥାପି ପୁରୁଷ ..... ମୁଁ ନିରନ୍ନ ମଣିଷ ।।

ସରକାରୀ ଯୋଜନା ରେ
ନାହିଁ ମୋର ଅଂଶ
ଅଇଁଠା ପତରେ ମୋର
ହୁଏ ଦିନ ଶେଷ
ସମୟ ର ଇଙ୍ଗିତ କୁ
ବୁଝି ପାରିଲିନି ବୋଲି
ସଂସାର ତୁଠରେ ଆଜି
ସହୁଛି ମୁଁ କ୍ଲେଶ
ବାସ ହୀନ ଗନ୍ଧ ହୀନ ମଳିନ ପୌରୁଷ
ନିରନ୍ନ ମଣିଷ ..... ମୁଁ ଏକ ଅଭାବୀ ପୁରୁଷ ।।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ମା'...



**ସିପାଞ୍ଜଳୀ ମଲ୍ଲିକ**
ଆବୁଲଲପୁରା, ସୁଲଣ,
କେନ୍ଦୁଝର

ଦଶ ମାସ ଦଶ ଦିନ ଗର୍ଭେ ଧରି କରି ଜନ୍ମ ଦେଇଛି ଯେ ସେ ମା'
କେତେ କଷ୍ଟ ସେହି ଦୁନିଆ କୁ ଆଣିଚି ଯେ ସେ ମା'

ବିନା ମୂଲ୍ୟରେ ବିନା ଦରମାରେ ସାରା ଜୀବନ ଯିଏ ଯତ୍ନ ନିଏ ସେ ମା'
ପରିଶ୍ରମ ର ମୂଲ୍ୟ କେବେ ମାଗେ ନାହିଁ ଯେ ସେ ମା'।

ଅନ୍ଧାର ଭିତରେ ଆଲୋକର ଦିଗ ଦେଖାଏ ଯେ ସେ ମା'
ଦୁନିଆର କୋପ ଦୃଷ୍ଟିରୁ ଘୋଡ଼େଇ ରଖେ ଯେ ସେ ମା'।

ଲୋକମାନଙ୍କର କଥାକୁ ଖାତିର ନ କରି ଆଗକୁ ବଢିବାର ରାହା
ଦେଖାଏ ଯେ ସେ ମା'।

ଜୀବନର ଦୋ ଛକିରେ ଲଢ଼ିବା ଶିଖାଏ ଆଗକୁ ବଢ଼ିବା ଶିଖାଏ ମା'।
ଜୀବନ ର ଆରମ୍ଭ ରୁ ଶେଷ ପର୍ଯ୍ୟନ୍ତ ସମାଜରେ ବଞ୍ଚିବା ଶିଖାଏ ମା'।
ଦୁଃଖ ସମୟରେ ସବୁ ଛାଡି ଚାଲିଯିବେ ହେଲେ.....
ମୁଣ୍ଡ ଆଉଁଶି ଦୁଃଖ ନିବାରଣ କରେ ଯେ ସେ ମା'।

ସକାଳୁ ଉଠିବା ଯାଏ ରାତି ଶୋଇବା ପର୍ଯ୍ୟନ୍ତ ପ୍ରତ୍ୟେକ ଜିନିଷର ଧ୍ୟାନ ରଖେ ଯେ ସେ ମା'।

ଦୁନିଆରେ ଯାହା ବିଷୟରେ କେବେ ବର୍ଣ୍ଣନା କରି ହବନି ସେ ଅମୂଲ୍ୟ ଶବ୍ଦଟି ହେଉଛି ମା'।

ମା ନଥିଲେ ଏ ଜିବନ ତ ପୁରା ଅସ୍ଥିର ଅଚଳ।

ଯାର ଅଭାବ କେହି କେବେ ପୁରା କରିପାରିବେନି ସେ ହେଉଛି ମା'।

ସବୁ ଛାଡି ଚାଲିଯିବେ ଜୁଇ ପାଖରୁ....
ହେଲେ ଶେଷ ଅପେକ୍ଷା ରେ ଚାହିଁ ରହିଥାଏ ମା'।

ମହ୍ଲାର ଇ- ପତ୍ରିକା
ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ମୋ' ଗାଁ...



**ଅଲିଶା ବି ମହାରଣା**
ଅନନ୍ତପୁର, ସିମୁଳିଆ,
ବାଲେଶ୍ୱର

ସବୁ ଗାଁ ପରି....
ସେ ବି ଅଳସ ଭାଙ୍ଗେ ସକାଳ ହେଲେ,
ହେଲେ ସେ ଅଳସୀ କନ୍ୟା ନୁହଁ...
ସେ ମୋ ଜନ୍ମସ୍ଥାନ, ଅନନ୍ତପୁର।

ଦୀର୍ଘ କୋଡିଏ ବର୍ଷର ସମ୍ପର୍କ
ତା'ର ଆଉ ମୋର....
ଏମିତି ନିବିଡ଼ ବନ୍ଧନ ଯେ..
ମୁଁ କୁଆଡେ ଦୂରବାଟ ଚାଲିଗଲେ...
ମୋ ଫେରିବା ବାଟକୁ ଚାହିଁ ରହିଲା ପରି...
ମୋତେ ବୋଧହୁଏ।

ତା' ବକ୍ଷର ପାଦପ ଠୁ ଆରମ୍ଭ କରି..
ମାଟି, ଗୋଡି ଯାଏଁ...
ମୋ ସହ ପରିଚିତ...
ବେଳେ ବେଳେ ରାସ୍ତା ରେ ଯିବା ବେଳେ..
ବାର୍ତ୍ତାଳାପ ବି ହୁଏ ତାଙ୍କସହ..
ସୁଖ, ଦୁଃଖ ଠୁ ଆରମ୍ଭ କରି...
ଭଲ ଆଉ ମନ୍ଦ ଯାଏଁ..
ସବୁକିଛି ପଚାରି ନିଅନ୍ତି ସେମାନେ..

ହଁ,ଯେତେହେଲେ ବି ମୁଁ ତା'ରି ଝିଅ ନା...
ଅନନ୍ତପୁର ର ମାଟି, ବାମ୍ବା ଆଉ ପାଣି ପବନରେ
ଦୀର୍ଘ କୋଡିଏ ବର୍ଷ ର ଜୀବନ ମୋର...
ଆଉ ତା' ବକ୍ଷ ରେ ଅଛି ମଧ...
ମୋ ଆରାଧ୍ୟ, ମହାଦେବଙ୍କ ମନ୍ଦିର।
ତା'ଠୁ କିଛି ଦୂର ସରଳ ରୈଖିକ ଅବଧି ରେ
ପୂଜା ପାଆନ୍ତି ମା' ମଙ୍ଗଳା...
ଏବଂ ଅନତି ଦୂରରେ ଜୟ ଶ୍ରୀ ହନୁମାନ।

ଅନନ୍ତେଶ୍ୱର ହ୍ରଦ ଟି...
ମୋ ଗାଁ ହୃଦୟ ରେ ଅବସ୍ଥିତ...
ପୂଜା ପାର୍ବଣରେ ମୋ ଗାଁ..
କେଉଁ ସାଧବ ବୋହୂ ଠୁ କମ୍ ଲାଗେନି ମୋ..
ମୋ ଜୀବନ ପରି ଲାଗେ ମୋ ଗାଁ..
ମୋ ଏକ୍ଟୁଡ଼ିଶାଳ ଅନନ୍ତପୁର..।

ଏଇ ଗାଁ'ର ଗଛ-ଲତା, ମାଟି-ଆକାଶ.....
ପାଣି-ପବନ ଦେଇ..
ଶହ ଶହ ଜୀବନ ପରିଚାଳିତ ହୁଅନ୍ତି....
ଥରେ ଆସି ଦେଖି ଯାଆନ୍ତୁ ନା...
ମୋ ଗାଁ ର ସୌନ୍ଦର୍ଯ୍ୟତା.....
ଆଉ ପରସ୍ପର ସ୍ନେହ, ସଦ୍ଭାବ ମଧ୍ୟରେ
ଅନୁଭବ କରନ୍ତୁ....
ଏଇ ଅନନ୍ତପୁର ର ମାଧୁର୍ଯ୍ୟତା।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଝିଅ ଟିଏ...



**ଇତିଶ୍ରୀ ଜାନା**
ଗୋଡ଼ା,ଜଗତସିଂହପୁର

ଶୀତ ପାହାନ୍ତାର ଧୁଆ ଅନ୍ଧାରରେ
ଗଲି ମୁଁ କୁହୁଡି ଚିରି ,
କୁହୁଡି ଭିତରେ ଅପ୍ସରୀ ଜଣକ
ରହିଛି କି' ଠିଆ ହୋଇ...

ତା ମୁଖ ଝଲକ ଦେଖିବି ବୋଲି
ରହିଗଲା ଆପେ ପାଦ ,
ଯେତେ ଚାହିଁଲେବି ଫେରିଲାନି ଆଖି
କଲା କି କୁହୁକ ଛନ୍ଦ...

ନୀଳ ଚାଦରରେ ଖୋଲା କେଶରେ
ନାଲି ଅତର ଓଠ ,
ଚଞ୍ଚଳ ନୟନେ କଳା କଜ୍ଜଳ

ଦେହ କି ହଂସୀର ବର୍ଣ୍ଣ...
ଚାଲିଗଲେ ଲାଗେ ରାଜହଂସୀ ପରି
ହସରେ ଝରଇ ହୀରା ,
ଇନ୍ଦ୍ର ନଗରୀରୁ ଓହ୍ଲାଇ ଆସିଛି
ସତେ କି ସ୍ୱର୍ଗର ଅପ୍ସରା…

ଦେଖିଦେବା କ୍ଷଣି ଭୁଲିଗଲି ସବୁ
ଯାଉଥିଲି ଯେଉଁ ରାସ୍ତା ,
ମନରେ ପାଞ୍ଚିଲି ନିଜର କରିବି
ହେଲେ ତାକୁ ପାଇବାଟା କ'ଣ ଶସ୍ତା...



ଦିବାସ୍ୱପ୍ନ ଦେଖି ଖୁସି ହୋଇଗଲି
ଧାଇଁ ଗଲି ତା' ପାଶେ ,
ପାଶେ ଯାଇ ଦେଖେ ଚିହ୍ନବର୍ଣ୍ଣ ନାହିଁ
କି ଉଭା ହୋଇଗଲା ଆପେ...

ଏଣେତେଣେ ବୁଲି ଖୋଜି ହେଉଥିଲି
କୁହୁଡି ଭରା ଅୟନେ ,
କାନରେ ବାଜିଲା ମାଆ କଣ୍ଠସ୍ୱର
ତାକୁ ଦେଖୁଥିଲି କି ସପନେ...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# କାଠ...



**ଆଚାର୍ଯ୍ୟ କ୍ଷିତୀଶ ଜେନା**
କଣ୍ଟିଗଡ଼ିଆ,ଧର୍ମଶାଳା,ଯାଜପୁର

ଏନ୍ତୁଡ଼ିଶାଳରୁ ମଶାଣି ପର୍ଯ୍ୟନ୍ତ
କାଠ ପରା ଦରକାରୀ ,
ଦିନୁ ଦିନ ବଢ଼େ ଏହା ବ୍ୟବହାର
ବଜାର ମୂଲ୍ୟ ଯେ ଭାରୀ ।
ଗଛ କାଟି ଆମେ କାଠ ପାଇଥାଉ
ସେହିପରି ଗଛଟିଏ ,
ହେବାକୁ ଭାଇରେ କେତେ ପରିଶ୍ରମ
କେତେ ବର୍ଷ ଲାଗିଯାଏ ।
କାଟିବା ହାରରେ ସେହିପରି ଯଦି
ଗଛପୋତି ଯତ୍ନ ନେବା ,
ପରେ ପରେ ଗଛ ସୃଷ୍ଟି ହୁଏ,କମ୍
ମୂଲ୍ୟରେ କାଠ ପାଇବା ।
କାଠ ମିଳେ ନାହିଁ କାରଣ ପଦାକୁ
ପଠାନ୍ତି ଚୋରା ବେପାରୀ ,
କାରଖାନା ଜନବସତି ଗଢ଼ନ୍ତି
ଲୋକେ ବଣ ପଦା କରି ।
ଜଙ୍ଗଲକୁ କାଟି ଗୋଡ଼ିମାଟି ନେଇ
କରିଥା'ନ୍ତି ଲୋକେ ଖାଲ ,
ଖରାଦିନେ ପୁଣି ଘସି ହୋଇ ଗଛ
ଜଳଇ ଘଞ୍ଚ ଜଙ୍ଗଲ ।
ତିନି ଠାକୁର ଓ ରଥ କାଠେ ଗଢ଼ା
ଦରଶନେ ପୁଣ୍ୟ ମିଳେ ,
କାଠ ଡଙ୍ଗା ପୁଣି ପାରିକରେ ନଦୀ
ବ୍ୟକ୍ତିକୁ ଅକାତ ଜଳେ ।
କବାଟ ଝରକା ବନ୍ଧ ଆଲମୀରା
ସିମେଣ୍ଟରେ କର ଯଦି ,
ଗଛବି ବଞ୍ଚିବ, ସ୍ୱଳ୍ପ ଖର୍ଚ୍ଚ ଲୋଡ଼ା
ନଥିବ ଉଇର ଭୀତି ।
ଗୁଣ୍ଡା,ଘସି,କାଠି,କୁଟା ଓ ପତର
ଜାଳିକି କଲେ ରୋଷେଇ ,
ସିମୀତ ସମ୍ବଳ କାଠ ଅଯଥାରେ
ବ୍ୟବହାର ହେବ ନାହିଁ ।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ସ୍ମୃତିର ଆସ୍ୱାଦ...



**ଲୋପାମୁଦ୍ରା ମହାପାତ୍ର**
ଗଣ୍ଡପଡା, ଗୁଆମାଳ , ଭଦ୍ରକ

ହଁ ସେ ସ୍ମୃତିର
ବି' ଗୋଟେ ହୃଦୟ ଅଛି!

ଏ ରାତିର କିଟି ମିଟି ଅନ୍ଧାରରେ
କେଉଁ ଅଲୋଡ଼ା କୋଣରେ ଦୁକ ଦୁକ ହୋଇ ଜଳୁଛି।

କେମିତି ଭୁଲିବ ସେ ଅଲିଭା କାହାଣୀ
ଅନ୍ଧାର ଯେ ନିଜେ ଦେଉଛି ବଖାଣି।

ହଜାଇ ନିଜକୁ ବୁଝାଇ କହୁଛି
କିଏ ବା କହିବ ମୋ ଗହନ କାହାଣୀ।

ବୁକୁଫଟା ଚିତ୍କାର ସହ ଲୁହର ଶ୍ରାବଣ
ବିତିଗଲାଣି ସେ ଶବ୍ଦର ଫୁହାର।

ନୃଶଂସ ହତ୍ୟାର ମୁଁ ନିଜେ ନିର୍ଣ୍ଣାୟକ
ତଥାପି କିକିତି ତଉଲିବା କଷ୍ଟ।

ନ୍ୟାୟିକ ଗଳ୍ପରେ ଶବ୍ଦର ନାୟକ
ଅନ୍ଧତ୍ୱରେ ଆଜି ନିଜେ ପୋଷେ ପେଟ।

ସମାଜ ଆଗରେ ମୁଁ ଆଜି ବି ଲଜ୍ଜିତ
କେମିତି ଆଙ୍କିବି ଏ ଚକ୍ରବ୍ୟୁହର ଚରିତ୍ର।





ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର,
ଗୁରୁ ସାକ୍ଷାତ ପରମବ୍ରହ୍ମ, ତସ୍ମୈଶ୍ରୀ ଗୁରୁବେ ନମଃ ।।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଚନ୍ଦ୍ର ବଦନୀ ମୋ ପ୍ରିୟାଠି କାଳିମା'...



**ରାମଚନ୍ଦ୍ର ଜେନା**
ଜଗନ୍ନାଥ ପୁର, ଭଦ୍ରକ

ଚନ୍ଦ୍ର ବଦନୀ ପ୍ରିୟତମା ଗୋ' ,
ଜାଣି  ଜାଣି କାହିଁ ମାଖ ଦେହେ କାଳିମା ଗୋ' ||
ପାଇବା ପାଇଁ ଟିକେ ପାର୍ଥିବ ଭୋଗ ,
ଫେଡି ଚାଲିଯାଅ ମୋ ଠି ସଂପର୍କର ଯୋଗ ||
ପାରୁଛ ଯଦି ପ୍ରିୟେ ଗୋ ପ୍ରୀତି ଜୋଛନା ଛିଞ୍ଚିଦିଅ କିଞ୍ଚିତ,
ସେ ଜୋଛନାକୁ ନ କରି ଦୂର ହ୍ରୁଦୟେ କରିବି ସଞ୍ଚିତ ||
ଫେରି ଆସ ଫେରି ଆସ ପ୍ରିୟା ଗୋ' ,
ତ୍ୟାଗି ଦିଅ ସେ ସବୁ ମୋହ ଗୋ' ||
ନ କରି ତିଳେ ମାତ୍ର ଭୋଗ  ,
ଆସ ହୋଇ ଯିବା ପୁନଶ୍ଚ ଯୋଗ ||
କର ନାହିଁ ପ୍ରେମେ ମୋତେ ହତଭାଗା ,
କରି ନିଅ ତୁମେ ମୋ ହ୍ରୁଦୟେ ଜାଗା ||
କାହିଁ ବଦଳାଅ ପ୍ରେମର ଦିଗଗୋ' ,
ପଶ୍ଚାତାପ କରିବାକୁ ନଥିବ ବେଳ ଗୋ' ||
ଭାବନା ତୁମର ହୋଇବ ଦୁଶ୍ଚିନ୍ତା ରୋଗ ,
ଆଶା ଛାଡିଦେବ ସେ ବେଳେ ଭୋଗ ||
ପ୍ରୀତିକର ସମ୍ପର୍କକୁ ନକରି ଅସ୍ଥାଇ ,
ପାରୁଛ ଯଦି କର ବଳପୂର୍ବକ ସ୍ଥାୟୀ ||
ମାନ ଭଞ୍ଜନ କର ସଅଳ ପ୍ରିଏ ଗୋ ,
ପ୍ରୀତି ଶଗଡେ ଗତି ବଢାଓ ଗୋ ||
ପ୍ରେମ ପିରତିରେ ନ କରି ଭାଗ ,
ବସିଯାଅ  ଆସି ସେ ଶଗଡେ ଆଗ ||
କରିଲେ ପ୍ରିୟାଲୋ ମୋ ପ୍ରେମକୁ ହେଳା ,
ଜାଣି ରଖିଥା ସଜନୀ ବୁଡିବ ନିଶ୍ଚୟ
ଜୀବନ ଭେଳା ||



ମହ୍ଲାର ଇ- ପତ୍ରିକା
ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଉଠ ଶୁପ୍ତ ଶଶୀ...



ତ୍ରିନାଥ ନନ୍ଦୀ
ଦେଉଳିପଞ୍ଚୁଘଣ୍ଟା

ଉଠ ଶୁପ୍ତ ଶଶୀ ...
ଉଠ ରେ ଉତ୍କଳ କଳିଙ୍ଗ ବାସୀ
ଜାଗ୍ରତ ହୁଅ ଶୁପ୍ତ ଶଶି ।। ୧
ଜାଗ୍ରତ ହେଉ ଅମୃତ କଷି,
ନ କରି ହେଳା ବିଜୟ ବାସୀ ।। ୨
ଜାଗ୍ରତ ଚେତନା ର ସମୟ ଇଏ ,
ହେଳା କରିବାକୁ ମନ ନ ହୁଏ ।। ୩
ଜୀବନ ଏଇ ଆମ ସଂଗ୍ରାମ ପଥ ,
ସଂଘର୍ଷ ଆମ କର୍ତ୍ତବ୍ୟ ରଥ ।। ୪
ଗିରିଶୃଙ୍ଗ ଦେଖ ଟେକିଛି ମଥା ,
ଆମେ ଗଢ଼ିବା ଆମ ବୀର ଗାଥା ।। ୫
ହାରିବା ଶବଦ ନ ଆଣିବା ମନେ,
ବିଜୟ ଜାତକ ଶୁଭୁ କାନେ କାନେ ।। ୬
ଜାଗ୍ରତ ହୁଅ ଶୁପ୍ତ ଶଶୀ,
ଭୁଷିତ ହୁଅ କରମ ରାଶି।। ୭
ଏତିକି ମାଗୁଣି କରୁଛି ନିଶି ,
ମୋହ ରସେ ନ ଯାଅ ଫସି ।।୮
ତନୁ କୁ କରି କାରାଗାର ନିବାସୀ,
ଗଢିଦେବୁ ଆମେ ବିଜୟ ରାଶି ।। ୯
ଜଗତ ଦେବତା ଦେଖୁଛି ବସି ,
କରମ କର ଧରି ଧର୍ଯ୍ୟ ରାଶି ।। ୧୦
ଉଠ ରେ ଉତ୍କଳ କଳିଙ୍ଗ ବାସୀ,
ଜାଗ୍ରତ ହୁଅ ଶୁପ୍ତ ଶଶି ।। ୧୧



ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

## ଆଜିର ପ୍ରେମ...



ଆଜିର ଦିନରେ ପ୍ରେମର ଅର୍ଥକୁ ବୁଝୁନାହିଁ କେହି ଜଣେ,
କାହାର ମନରେ ପ୍ରେମ ଯେ କିପରି କହି ହେବ ନାହିଁ ଭଲେ।
ଆଜିର ସମାଜ ପ୍ରେମର ଅର୍ଥକୁ ଦେଇଛି କଳଙ୍କ କରି,
ନିସ୍ୱାର୍ଥ ମନର ପ୍ରେମକୁ ଆଜି ଖୋଜି ପାଉ ନାହିଁ କେହି।
ପ୍ରେମର ଅର୍ଥ ପାଇବାରେ ନୁହେଁ ତ୍ୟାଗରେ ଥାଏ ବୋଲି,
ଏହି ଭାବନାଟି ସାରା ସମାଜରେ କାହାରି ମନରେ ନାହିଁ।
ଆଜିର ଦିନରେ ସକାଳର ପ୍ରେମ ସଞ୍ଜରେ ତ' ସରିଯାଏ,
ରାତି ପାହି ଗଲେ ଗଲା ପ୍ରେମ କଥା, ଅତୀତ ଯେ' ହୋଇ ଯାଏ।
ଆଜିର ଏହି ସଭ୍ୟ ସମାଜେ ପ୍ରେମ ଯେ' ଯାଇଛି ହଜି,
ଯେତେ ଚେଷ୍ଟା କଲେ ସେହି ଯେ ପ୍ରେମକୁ ପାଉ ନାହିଁ ଆଉ ଖୋଜି।
ଏବେ ବି ସମୟ ହାତ ପାହାନ୍ତାରେ ବଦଳି ପାରିବା ଆମେ,
ପ୍ରେମର ସେହି ପୂର୍ଣ୍ଣ ଅର୍ଥକୁ ବାଣ୍ଟିବା ଜନମନେ।

**ଶେଖ ନିୟମାତୁଲ୍ଲା**
ଶିକ୍ଷକ,ଲକ୍ଷ୍ମୀବରାହ ସରକାରୀ ଉଚ୍ଚ ବିଦ୍ୟାଳୟ, ହାତୀନା, ରାଜନଗର, କେନ୍ଦ୍ରାପଡ଼ା

## ସମୟ...




ମ୍ଳାନ ଗୋଧୂଳିର ରଙ୍ଗ ହଜିଲାଣି
ସଞ୍ଜ ପରେ ହେବ ରାତି,
ନିଷ୍ଠୁର ସମୟ ଗିଳି ଦେବ ପରା
ସୂର୍ଯ୍ୟଙ୍କର ମହା ଜ୍ୟୋତି ।
ସମୟ କାହାକୁ ପ୍ରତୀକ୍ଷା କରେନା
ଅବାରିତ ତାର ଗତି,
ବୁଝେନା ବି କେବେ ଯନ୍ତ୍ରଣା କାହାର
ଭରା ଫଗୁଣର ପ୍ରୀତି।
ବୁଝେନା ବାର୍ଦ୍ଧକ୍ୟ ଭରି ଦିଏ ଦୁଃଖ
ଅଲୋଡ଼ା ଯେମିତି ସିଏ ,
ନିଷ୍ଠୁର ସମୟ ପର କରେ ସବୁ
ଶରୀରେ ଯାତନା ଦିଏ ।

**ଜାଗୃତି ସାହୁ**
ବୀରତୋଇ, ଗଡଖାରଦ, ପୁରୀ



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

ସମୟ ଅଟଇ ମହାକାଳ ପରା।
ନିଜ ପର ଜାଣେ ନାହିଁ।
କଞ୍ଚା ବା ପାଚିଲା ବୁଝେ ନାହିଁ କିଛି
ଅସମୟେ ଯାଏ ନେଇ।
କେତେ ଯେ ସାମ୍ରାଜ୍ୟ ଗିଳିଛି ସମୟ
ଇତିହାସ ଅଛି ସାକ୍ଷୀ ,
କେତେ ରାଜା କେତେ ରୂପବତୀ ରାଣୀ
କାଳ ଯେ ଦେଇଛି ଭକ୍ଷୀ।
ନେଇଛି ସମୟ ମମତାଜ୍ ଆଉ।
ସାହାଜାହାନ ଙ୍କ ପ୍ରୀତି,
ପ୍ରୀତିର ସ୍ମାରକି ତାଜମହଲ ଯେ
ଭରିଛି କେବଳ ସ୍ମୃତି।
ଅତି  କମନୀୟା ଭରା ଯଉବନ
ରୂପେ ମହକାଏ ଧରା,
କାଲି ସେ ରୂପ ରୁ ରଙ୍ଗ କାଢି ନେବ
ନିଷ୍ଠୁର ସମୟ ପରା।
ସମୟ ଅଟେ ଯେ କ୍ରୁର ମହାକାଳ
ଅନ୍ୟ ନାମ ତାର ଯମ,
କର୍ମ ଫଳ ଦାୟୀ ନିଷ୍ଠୁର ସତ୍ୟ ସେ
କରେ ସବୁ କାର୍ଯ୍ୟ କ୍ଷମ ।
ପାପ କର୍ମ ପାଇଁ ଶାସ୍ତି ଆସିଥାଏ
ସମୟ ସ୍ରୋତରେ ଭାସି,
କାହାର ମଥା ରୁ ସିନ୍ଦୁର ପୋଛଇ
ନହୋଇ ବାସର ବାସି।
ମଣିଷ ଅଟଇ ସମୟ ର ଦାସ
ଚାଲେ ସମୟ କୁ ନେଇ,
ନିଜର ଶକତି ମ୍ଲାନ ପଡ଼ିଯାଏ
ବଞ୍ଚେ ପରାଜିତ ହୋଇ।
ସମୟ ସତେକି ନିଜେ ହିଁ ଈଶ୍ୱର
ବିଚାର ର ମହାଶକ୍ତି,
ସଂସାର ବୁକୁରେ ଖେଳ ବିଭୀଷିକା
ରଖିଯାଏ ତିକ୍ତ ସ୍ମୃତି ।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ତୁମେ ଗଲା ପରେ ପରେ...



ଜୟନ୍ତ ଦାସ ପ୍ରଫୁଲ୍ଲ
ଥାଲସଡା, ବାହାନଗା ,
ବାଲେଶ୍ୱର

ତୁମେ ଗଲା ପରେ ପରେ ,ମୋ ଭାଗର ସେ ଜହ୍ନକୁ କେଉଁ କଳା ବାଦଲ
ଟେ ଢାଙ୍କି ଦେଇଛି,
କାହିଁ କେତେଦିନୁ କେବଳ ଏ ଆଖି କଳା ମଚ୍ ମଚ୍ ଅନ୍ଧାର ହିଁ ଦେଖୁଛି ।।

ଉଡି ଯାଇଥିବା ସେ ପକ୍ଷୀଟା ଆଉ ସଂନ୍ଧ୍ୟାରେ ତା ବସା କୁ ଫେରୁନି,
ତୁମକୁ ପସନ୍ଦ ଥିବା ସେ କଇଁ ଟା ବି ଆଉ ପଙ୍କ ଗାଡିଆରେ ଫୁଟୁନି ।।

ରାତି ତମାମ୍ ମୁଁ ସେ ଗଛ କୋରଡରେ ବସିଥିବା କଳା ପେଚାକୁ ପ୍ରଶ୍ନ
କରେ ,
ତୁମେ ବି କଣ ମୋ ଭଳି ରାତି ଉଜାଗର ହେଉଥିବ !
ତୁମେ ବି କଣ ମୋ ଭଳି ସ୍ମୃତି କୁ ଜାବୁଡି ଧକେଇ ଲୁହ ପିଉଥିବ !

ସେ କଳା ପେଚା ଉତ୍ତର ଦିଏ ,,,
ହଁ ତୁମେ ବି କୁଆଡେ ଉଜାଗର ରହୁଛ
ହେଲେ ଆମ ବିଛେଦର ସ୍ମୃତି ରେ ନୁହେଁ ବରଂ ନୂତନ ପ୍ରେମିକର ପ୍ରୀତିରେ ।।

ମୁଁ ଆଖି ଲାଖି ଦେଖେ ମୋ କୋଠରୀର ସେ ଚଳନ୍ତା ପଙ୍ଖାକୁ ତ' କେବେ ବାପାଙ୍କ କ୍ଷର ହେବା
ବାକ୍ସର ଧାରୁଆ ବ୍ଲେଡ୍ କୁ ।।

ମୋ ସହରେ ଶ୍ରାବଣ ବି ଆସି ଚାଲି ଯାଉଛି ବିନା ମେଘର ବର୍ଷାରେ,
ଫଗୁଣର ଫଗୁ ବି କାହିଁକି ଫିକା ଲାଗୁଛି ପ୍ରଚଣ୍ଡ ରୌଦ୍ରତାପରେ ।।

ଆଉ ମୋ ଅଗଣାର ସେ କୋଇଲିର ସଙ୍ଗୀତ ଶୁଣା ଯାଉନାହିଁ ,
ତୁଳସୀ ଚଉରାର ସେ ତୁଳସୀ ଗଛଟା ବି କାହିଁକି ଆଉ ଉଧଉନାହିଁ ।।



ଥକି ପଡ଼ିଥିବା ଏ ହୃଦୟର ମାନସ ପଟ୍ଟରୁ
ତୁମ ସ୍ମୃତିକୁ ବି ଦୂରେଇ ପାରୁନି,
ପ୍ରତାରଣା ନିଆଁର ଧାସ ସହି ଏ ଶରୀର ଆଉ ବଞ୍ଚିବାକୁ ଚାହୁଁନି ।।

ହଁ ତୁମେ ଗଲା ପରେ ପରେ,,, ମୁଁ ଆଉ ନିଜକୁ ନିଜେ ଖୋଜି ପାଉନି,
ମୁଁ ଆଉ ନିଜକୁ ନିଜେ ଖୋଜି ପାଉନି ।।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଶେଷ ସମୟେ ମୁଁ...



**ରାକ୍ଷୀ ପ୍ରଧାନ**
ସୋରିଷପଙ୍କ, ଆଠମଲ୍ଲିକ,
ଅନୁଗୋଳ

ସାଜନ୍ତି କି ମୁଁ ଶ୍ମଶାନ ର ଘାଟ ,
କଉ କାଳ ବେଳେ ହୁଅନ୍ତି ମୁଁ ଭେଟ ।।
ହୁଅନ୍ତି କି ସେଇ ଅଧ ଗଢା ହାଣ୍ଡି ,
ଓଗାଡ଼ି ହୁଅନ୍ତି ଶ୍ମଶାନ ର ଘାଟି ।।
ହୁଅନ୍ତି କି ସେଇ ଅବିର ମୁଠାକ ,
ବୋଲି ହୁଅନ୍ତି ସେ ଶେଷ ଥରକ ।।
ହୁଅନ୍ତି କି ସେଇ ଗଙ୍ଗା ଜଳ ଧାର ,
ଶେଷ କାଳେ ଲୋଡା ପଡନ୍ତା ମୋହର ।।
ଆରମ୍ଭ କାହାର ନ ହେଲେ ନାହିଁ ,
ଶେଷ ରେ ଲୋଡନ୍ତେ ସମସ୍ତେ କି ଯାଇ ।।
ସତରେ ସାଜନ୍ତି କି ଖଇ କଉଡ଼ି ମୁଠାକ ,
ବିଞ୍ଚି ହେଇ ଯାଆନ୍ତି ଦାଣ୍ଡ ଦୁଆର ଯାକ ।।
ହୁଅନ୍ତି କି ସେ କୋକେଇ ଛଣ ପଟ ,
ବୁହା ହେଇ ଯାଆନ୍ତି ଚାରି କାନ୍ଧ ର ସହିତ ।।
ହୁଅନ୍ତି କି ସେଇ ମାଟି ଦୁଇ ମୁଠା ,
ଆପଣାର ହାତେ ହୁଅନ୍ତି ମୁଁ ତୃପ୍ତ ।।
ହୁଅନ୍ତି ଯଦି ସେ ଦର ପୋଡ଼ା ଦେହ ,
ଭୋଗି ପାରନ୍ତି କି ଯନ୍ତ୍ରଣା ଓ କୋହ ।।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଜଗନ୍ନାଥ ଓ ତନ୍ତ୍ର...



ଲୋପାମୁଦ୍ରା ପାଣିଗ୍ରାହୀ
ଶକ୍ତି ନଗର , ବରଗଡ଼

ମହାପ୍ରଭୁ ଶ୍ରୀଜଗନ୍ନାଥ ବ୍ରହ୍ମାଣ୍ଡର ସ୍ୱାମୀ ଅଟନ୍ତି। ଜଗନ୍ନାଥ ଶବ୍ଦ ମଧ୍ୟରେ ହିଁ ତା'ର ଅର୍ଥଟି ନିହିତ ରହିଛି। ଜଗନ୍ନାଥ ଶବ୍ଦ ଏକ ଆତ୍ମ ବ୍ୟାଖ୍ୟାତ୍ମକ ଶବ୍ଦ ଯାହାର ଅର୍ଥ ହେଉଛି ଜଗତର ନାଥ ବା ବ୍ରହ୍ମାଣ୍ଡର ସ୍ୱାମୀ। ପ୍ରଭୁ ଜଗନ୍ନାଥ ନିଳାଚଳ ଧାମରେ ଦାରୁ ବ୍ରହ୍ମ ଭାବରେ ପୂଜା ପାଆନ୍ତି । ପ୍ରଭୁ ଜଗନ୍ନାଥ ମୁଖ୍ୟ ରୂପରେ ଓଡ଼ିଶା, ବଙ୍ଗଳା, ବିହାର, ଗୁଜରାଟ, ଆସାମ, ତ୍ରିପୁରା ରାଜ୍ୟରେ ପୂଜା ପାଆନ୍ତି। ଜଗନ୍ନାଥଙ୍କ ସହିତ ତାଙ୍କ ଜ୍ୟେଷ୍ଠ ଭ୍ରାତା ବଳଭଦ୍ର ଏବଂ ଭଗିନୀ ସୁଭଦ୍ରା ମଧ୍ୟ ରତ୍ନବେଦୀରେ ଶୋଭା ପାଆନ୍ତି। ପ୍ରଭୁ ଜଗନ୍ନାଥଙ୍କର କେତୋଟି ତାନ୍ତ୍ରିକ ଦିଗ ମଧ୍ୟ ରହିଛି।

"ବିମଳା ସା ମହାଦେବୀ ଜଗନ୍ନାଥ ତୁ ଭୈରବ "
'ଉତ୍କଳ ନାଭିଦେଶେଶ୍ଚ ବିମଳା ପୁରୁଷୋତ୍ତମ , ବିମଳା ଭୈରବୀ ଯତ୍ର ଜଗନ୍ନାଥସ୍ତୁ ଭୈରବ' ଅର୍ଥାତ୍ ତନ୍ତ୍ରରେ ଜଗନ୍ନାଥ ଭୈରବ ଓ ପୁରୀର ଦେବୀ ବିମଳା ଭୈରବୀ ଭାବରେ ପୂଜିତ।

ଜଗନ୍ନାଥ ମନ୍ଦିରରେ ରତ୍ନସିଂହାସନ ପାଖରେ ଭୈରବୀ ଚକ୍ର ନିର୍ମିତ। ଏହି ଶ୍ରୀ ଚକ୍ର ଉପରେ ଜଗନ୍ନାଥ ସ୍ଥାପିତ। ଏତଦ୍ ବ୍ୟତୀତ କାଳିକା ପୁରାଣ , ରୁଦ୍ର ଯାମଳ, ବ୍ରହ୍ମ ଯାମଳ, ତନ୍ତ୍ର ଯାମଳ ପରି ଗ୍ରନ୍ଥ ଗୁଡିକରେ ଜଗନ୍ନାଥଙ୍କୁ ଉଡ୍ର ବା ଉତ୍କଳର ପ୍ରସିଦ୍ଧ ଦେବତା ଦକ୍ଷିଣ କାଳିକା ଭାବରେ ବର୍ଣ୍ଣନା କରାଯାଇଛି। ତାନ୍ତ୍ରିକ ପରମ୍ପରାରେ ଜଗନ୍ନାଥଙ୍କ ପୂଜା ବୀଜ ମନ୍ତ୍ର କ୍ଲୀଂ ଦ୍ୱାରା କରାଯାଇଥାଏ ଏବଂ ଜଗନ୍ନାଥ କାଳୀ ଯନ୍ତ୍ରରେ ଦକ୍ଷିଣ କାଳିକା ରୂପରେ ବିରାଜମାନ।

କାଳିକା ପୁରାଣ ଅନୁସାରେ -"ଉଡ୍ରାଖ୍ୟଂ ପ୍ରଥମଂ ପୀଠଂ ଦ୍ୱିତୀୟଂ ଜଳଶୈଳଜଂ ତୃତୀୟଂ ପୂର୍ଣ୍ଣପୀଠଂତୁ କାମରୂପଂ ଚତୁର୍ଥକଂ " ଅର୍ଥାତ୍ ତାନ୍ତ୍ରିକ ପୀଠ ମାନଙ୍କ ମଧ୍ୟରେ ଉତ୍କଳ ପ୍ରଥମ, ଜଳଶୈଳ ଦ୍ୱିତୀୟ, ପୂର୍ଣ୍ଣପୀଠ ତୃତୀୟ ଏବଂ କାମରୂପ ଚତୁର୍ଥ ସ୍ଥାନ ଅଧିକାର କରିଛି।

ଦେବୀ ଭାଗବତ ଅନୁଯାୟୀ -"ସୃଷ୍ଟିଭୂତ ମହାଶକ୍ତି ମଣିପୁର ନିବାସିନୀ ବିମଳା ସା ପରାଶକ୍ତି ଉଡ୍ରିୟାନ ଶୁଦ୍ଧେଶ୍ୱରୀ ଅଂଜୁନା ଦେହି ମେଂ ଦେବୀ ବହିର୍ଯୋଗେ ମମମ୍ବିକେ ମାଧବଃ ଭୈରବ ସାକ୍ଷାତ୍ ପ୍ରାଣତୋସ୍ମି ଜଗତ୍ପତେ " ଅର୍ଥାତ୍ ଓଡ଼ିଶାରେ ଦେବୀ ବିମଳା ପରାଶକ୍ତି ଏବଂ ପୁରେଶ୍ୱରୀ ଅଟନ୍ତି ଯିଏ ବ୍ରହ୍ମାଣ୍ଡ ରଚନାର ସ୍ରୋତ, ଯିଏ ରତ୍ନ ସହରରେ ନିବାସ କରନ୍ତି, ସେ ଦେବୀ ମୁଁ ଆପଣଙ୍କୁ ଏବଂ ଆପଣଙ୍କ ଭୈରବ ମାଧବଙ୍କୁ ମୋର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ଦୟାକରି ମତେ ଆଶୀର୍ବାଦ ପ୍ରଦାନ କରନ୍ତୁ।

ଜଗନ୍ନାଥ ମନ୍ଦିରର ଦୈନିକ ପୂଜାରେ ପ୍ରଯୁକ୍ତ ମନ୍ତ୍ର -କ୍ଲୀଂ କୃଷ୍ଣାୟ ଗୋପୀଜନବଲ୍ଲଭାୟ ନମଃ , କ୍ଲୀଂ କାମଦେବାୟ ବିଦ୍ମହେ ପୁଷ୍ପବନାୟ ଧୀମହି ତନନ୍ନଙ୍ଗୀ ପ୍ରଚୋଦୟାତ୍।

ବୌଦ୍ଧ ଧର୍ମରେ ଜଗନ୍ନାଥଙ୍କୁ ବୁଦ୍ଧ ରୂପେ ବିବେଚନା କରାଯାଏ।

"ପ୍ରାଣିପତ୍ୟ ଜଗନ୍ନାଥଂ ସର୍ବଜିନବରାରଚିତମ୍
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍
ସର୍ବଦଂ ସର୍ବସ୍ୱତ୍ତ୍ୱେଭ୍ୟଃ ସର୍ବଜ୍ଞ ବର ବଜ୍ରଣମ୍
ଭକ୍ତ୍ୟାହଂ ସର୍ବଭାବେନ କକ୍ଷେ ତସ୍ୟଧନଂ ବଜ୍ରଣମ୍ "





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

ଉପରୋକ୍ତ ପଂକ୍ତି ଗୁଡ଼ିକରୁ ଏହା ସୁସ୍ପଷ୍ଟ ଯେ ରାଜା ଇନ୍ଦ୍ରଭୂତି ପ୍ରଥମ ଥର ପାଇଁ ଜଗନ୍ନାଥଙ୍କୁ ବୁଦ୍ଧ ରୂପେ ଉଲ୍ଲେଖ କରି
ଥିଲେ। ମୋକ୍ଷ ବା ନିର୍ବାଣ ପ୍ରାପ୍ତି ପାଇଁ ବୌଦ୍ଧ ଧର୍ମରେ ତ୍ରିରତ୍ନ
ଯଥା -ବୁଦ୍ଧ, ଧର୍ମ ଏବଂ ସଂଘର ଅନୁସରଣ କରିବା ଉଚିତ୍ । ବୌଦ୍ଧ ଧର୍ମାନୁସାରେ ଜଗନ୍ନାଥ (ବୁଦ୍ଧ), ବଳଭଦ୍ର (ସଂଘ) ଏବଂ ସୁଭଦ୍ରା (ଧର୍ମ) ଅଟନ୍ତି। ବିଷ୍ଣୁଙ୍କ ଦଶାବତାର ମଧ୍ୟରେ ବୁଦ୍ଧ ଅନ୍ୟତମ।

ତାନ୍ତ୍ରିକ ପଦ୍ଧତିରେ ଜଗନ୍ନାଥଙ୍କୁ ନୃସିଂହ ରୂପରେ ମଧ୍ୟ ପୂଜା କରାଯାଏ । ଯାହା ଏକ ଉଗ୍ରରୂପ ଅଟେ। ଜଗନ୍ନାଥ ମନ୍ଦିର ବିମଳା ଦେବୀଙ୍କ ନିକଟରେ ମତ୍ସ୍ୟ ଭୋଗ ଅର୍ପଣ କରାଯାଏ।

ଦୁର୍ଗାପୂଜା ଭଳି ଦିନରେ ପଶୁବଳିର ବିଧାନ ମଧ୍ୟ ରହିଛି।

ମହାନିର୍ବାଣ ତନ୍ତ୍ରରେ ବର୍ଣ୍ଣିତ -"ଉଗ୍ରତାରା ସୁଳାପାଣି ସୁଭଦ୍ରା ଭୁବନେଶ୍ୱରୀ ନିଳାଦ୍ରୌ ତୁ ସାକ୍ଷାତ୍ ଜଗନ୍ନାଥ ଦକ୍ଷିଣ କାଳିକା "
ଅର୍ଥାତ୍ ନୀଳାଦ୍ରିରେ ବଳଭଦ୍ର ଉଗ୍ରତାରା, ସୁଭଦ୍ରା ଭୁବନେଶ୍ୱରୀ ଏବଂ ଜଗନ୍ନାଥ ଦକ୍ଷିଣ କାଳିକା ଅଟନ୍ତି।

ଆରଣ୍ୟକ ତୈତ୍ତିରୀୟ ଉପନିଷଦ ରେ କୁହାଯାଇଛି
-"ତ୍ୱମ୍ ସ୍ତ୍ରୀଂ ତ୍ୱମ୍ ପୁମାନ୍ ଅସି ତ୍ୱମ୍ କୁମାର ଭତା ବା କୁମାରୀ ତମ ଜୀର୍ଣ୍ଣ ଦଣ୍ଡବ ଚେସି ତ୍ୱମ୍ ଜାତା ଭବତି ବିଶ୍ୱତୋ ମୁଖଃ " ଅର୍ଥାତ୍ ତୁମେ ଉଭୟ ସ୍ତ୍ରୀ ଏବଂ ପୁରୁଷ, କୁମାର ଏବଂ କୁମାରୀ, ତୁମେ ସର୍ବୋଚ୍ଚ, ତୁମେ ନିଜେ ପ୍ରକଟିତ ଏବଂ ତୁମର ଦିବ୍ୟ ମୁଖ ସର୍ବତ୍ର ବିଦ୍ୟମାନ।

ରୁଦ୍ର ଯାମଳ ତନ୍ତ୍ର କହେ-ଉଡ୍ରେଷୁ ବିମଳା ଶକ୍ତିଃ ଜଗନ୍ନାଥ ତୁ ଭୈରବ ।କୃଷ୍ଣାନନ୍ଦ ଆଗମବାଗୀଶ ତାଙ୍କ ଲିଖିତ ବୃହଦ୍ ତନ୍ତ୍ରସାର ଗ୍ରନ୍ଥରେ ଜଗନ୍ନାଥଙ୍କୁ 'ସମ୍ମୋହନ କୃଷ୍ଣ ' ବୋଲି କହିଛନ୍ତି। ଜଗନ୍ନାଥ କାଳୀ ଯନ୍ତ୍ର, ବଳଭଦ୍ର ତାରା ଯନ୍ତ୍ର ଏବଂ ସୁଭଦ୍ରା ଭୁବନେଶ୍ୱରୀ ଯନ୍ତ୍ର ଉପରେ ସ୍ଥାପିତ। ଜଗନ୍ନାଥଙ୍କ ପୂଜୋପଚାର ବାମାଚାର ପଦ୍ଧତିରେ ମଧ୍ୟ ହୋଇଥାଏ, ପଞ୍ଚମକାର ର ପ୍ରୟୋଗ ମଧ୍ୟ ରହିଛି।
ବୃହନ୍ନୀଳ ତନ୍ତ୍ରରେ ପୁରୀ ପୁରୁଷୋତ୍ତମ କ୍ଷେତ୍ରକୁ 'ନୀଳ ପର୍ବତ ପୀଠ ' ବୋଲି କୁହାଯାଇଛି।
ଜ୍ଞାନାର୍ଣ୍ଣବ ତନ୍ତ୍ରରେ ପୁରୀ ପୁରୁଷୋତ୍ତମ କ୍ଷେତ୍ରକୁ 'ଶ୍ରୀ କ୍ଷେତ୍ର ମହାଲକ୍ଷ୍ମୀ ପୀଠ 'ବୋଲି କୁହାଯାଇଛି।

ଜଗନ୍ନାଥ ଏକ ପ୍ରତୀକାତ୍ମକ ଦେବତା। ବୈଦିକ ଆର୍ଯ୍ୟମାନଙ୍କ ପାଇଁ ସେ ଭୂ,ଭୁର୍ବ ଏବଂ ସ୍ୱଃ, ବୌଦ୍ଧ ମାନଙ୍କ ପାଇଁ ବୁଦ୍ଧ, ଧର୍ମ, ସଂଘ, ଯୋଗୀ ମାନଙ୍କ ପାଇଁ ଇଡା, ପିଙ୍ଗଳା ,ସୁଷୁମ୍ନା, ପଣ୍ଡିତ ମାନଙ୍କ ପାଇଁ ମହାଲକ୍ଷ୍ମୀ, ମହାକାଳୀ, ମହାସରସ୍ୱତୀ।

ତେବେ ଜଗନ୍ନାଥ ଯେ କେବଳ ଏକ ମୂର୍ତ୍ତି ତାହା ନୁହେଁ ,
କୋଟି କୋଟି ଓଡିଆଙ୍କ ପ୍ରାଣ, ଆତ୍ମା । ଜଗନ୍ନାଥ ହେଉଛନ୍ତି ସର୍ବୋଚ୍ଚ ଐଶ୍ୱରୀୟ ସତ୍ତା। ବିଭିନ୍ନ ସମ୍ପ୍ରଦାୟ ନିଜ ନିଜ ମତ ଓ ବିଚାର ଅନୁଯାୟୀ ଜଗନ୍ନାଥଙ୍କୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କରିଛନ୍ତି କିନ୍ତୁ ପ୍ରଭୁ ଜଗନ୍ନାଥଙ୍କ ସତ୍ତା ଏବେ ମଧ୍ୟ ରହସ୍ୟମୟ । ତାଙ୍କ ଶକ୍ତି ଅଚିନ୍ତନୀୟ, ଅବିଶ୍ୱସନୀୟ, କଳ୍ପନାତୀତ । ସେ ନିରାକାର, ଅନନ୍ତ, ପରଂବ୍ରହ୍ମ, ସଂପୂର୍ଣ୍ଣ ଜଗତର ଉତ୍ସ, ଲୀଳାମୟ। ସେ ଯେ ହାତ, ଗୋଡ଼ ନଥାଇ କିପରି ସଂପୂର୍ଣ୍ଣ ବ୍ରହ୍ମାଣ୍ଡର ପରିଚାଳନା କରନ୍ତି, କାନ ନ ଥାଇ ମଧ୍ୟ କିପରି ଭକ୍ତଙ୍କର ଆକୁଳ ଚିତ୍କାର ଶୁଣନ୍ତି ତା'ର ରହସ୍ୟ ତାଙ୍କୁ ହିଁ ତା'ର ରହସ୍ୟ କେବଳ ତାଙ୍କୁ ହିଁ ଜଣା।

ସମ୍ମାନନୀୟ ସମ୍ପାଦକ ମହୋଦୟ,
ଓଡ଼ିଶାର ଜଗନ୍ନାଥ ସଂସ୍କୃତି ର ମହନୀୟତା ଲୋକଲୋଚନକୁ ଆଣିବା ପାଇଁ ଏହା ମୋର ଏକ କ୍ଷୁଦ୍ର ପ୍ରଚେଷ୍ଟା, ତେଣୁ ଆପଣ ଯଦି ଆସନ୍ତା ମାସରେ ପ୍ରକାଶିତ ହେବାକୁ ଥିବା ମହ୍ଲାର ପତ୍ରିକାରେ ମୋର ଏହି ଲେଖାକୁ ସ୍ଥାନ ଦେବେ ତେବେ ମୁଁ ଆପଣଙ୍କ ଠାରେ ଚିର କୃତଜ୍ଞ ରହିବି। 🙏



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୃତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ପାରିଜାତ

# ବିରହର ବ୍ୟଥା...



ଗୁରୁ ଚରଣ ମହାକୁଡ଼
ଟିକରପଡା, କେନ୍ଦୁଝର

ଜୀବନ୍ତ ଦଗ୍ଧ ମୁଁ ପ୍ରେମିକ
ତୁମେ ଯେ ବାଟହୁଡା ନଈ,
ତୁମକୁ ପାଇବା ଅଭିସାର
ନୃଶଂସରେ ଦେଲ ଧୋଇ ।।
ନୀରବରେ ଏବେ ଦେଖିବି
ମୋ ବିନା ତୁମ ହସ ଖୁସି,
କିଛି ହେଲେ କହିବିନି ଆଉ
ବାଧିଲେ ବି ହୃଦୟକୁ ବେଶି ।।
ମୁଁ ଛାର ପ୍ରେମିକ ତୁମର
ତୁମ ପ୍ରେମରେ ଭାଗ କାହିଁ,
ଜାଣେନା ମୁଁ ସତ ପ୍ରେମିକ
କିବା ସେ କଳଙ୍କର ଛାଇ ।।
ଛଡେଇ ନେଇ ସାଇତା ସପନ
ଛାଡିଗଲ ଜାଳିବାକୁ ଏକାକରି,
ସଦା ଖୋଜି ବୁଲେ ମୋ ଅସ୍ତିତ୍ୱ
ଏକାନ୍ତରେ ଆଜି ନିଜକୁ ହାରି ।।
ଭାଙ୍ଗିଲ ହୃଦୟ ଉଜାଡ଼ି ସପନ
ସବୁ ସମ୍ଭାବନା ଧ୍ୱଂସ କରି ,
କେମିତି ଏକା ଜୀଇଁବି ଜୀବନ
ନ ପାଇଲେ ପ୍ରେମକୁ ଫେରି ।।
ହୃଦୟ ସ୍ପନ୍ଦନ ବଢ଼ି ବଢ଼ି ଯାଏ
ଫୋନ୍ ନୋଟିଫିକେସନ ଦେଖି ,
କାଳେ ତମେ ମେସେଜ କରିଛ
ଅଣ୍ଡାଳି ହୁଏ ମୋର ଦୁଇ ଆଖି ।।
କବିତା କଲମୁ ଦୂରେଇ ଯାଉଛି
ଲେଖୁନି ମୁଁ ଆଉ ପ୍ରେମ କବିତା ,
ହୃଦୟ ଦରଦ ବଖାଣୁଛି ଖାଲି
ଗାଇ ବିରହର ଅସହ୍ୟ ବ୍ୟଥା ।।
ନିରୀହ ମନ କ୍ଷତାକ୍ତ ମୋର
ତୁମ ପ୍ରଣୟ ପ୍ରବଞ୍ଚନାରେ ,
ବିଷାଦ ଭୁଲି ଅମୃତ ଖୋଜିବି
ଜୀଇଁବାକୁ ଆଉଥରେ।।



ଯିବାକୁ ହେବ ଦୂର ଗୋ' ପ୍ରିୟା
ନିର୍ଜନ ପଥରେ ଏବେ ମତେ ,
ଅଜଣାରେ ଦରଦ ଦେଇଚି ମୁଁ
ମୋ ପରିବାରକୁ କାହିଁ କେତେ ।।
ଆତ୍ମହତ୍ୟାରେ ନାହିଁ ଅନ୍ତ
ମୋ ଅଙ୍ଗେ ଲିଭା ଆଘାତର,
ମରିଲେ ଯିବ ଦେହ ଯନ୍ତ୍ରଣା
ନ ଯିବ ହୃଦୟ ଯାତନା' ର ।।
ଏଣୁ ମୁଁ ଜୀଇଁବି ଆଉଥରେ
ଖୁସି ଅନ୍ୱେଷଣାରେ ଘର ପାଇଁ,
ଯେତେ ଦୂର ପଥ ଚାଲିବି ଏକା
ଛୋଟ ଛୋଟ ହସଖୁସି ନେଇ ।।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଏମିତି ତ' ହବାର ନ'ଥିଲା...



ଜ୍ୟୋତ୍ସ୍ନା ରାଣୀ ଜେନା
ବିନାୟକ କୋଲନୀ, ଅଙ୍ଗାରଗଡ଼ିଆ
,ବାଲେଶ୍ୱର

ଏମିତିତ' ହବାର ନ'ଥିଲା
ନ୍ୟାୟ ପୃଷ୍ଠାରେ !
ହଠାତ୍ ଯୁଦ୍ଧର କୌଶଳ ପରି
ପ୍ରେମର ପାଦ ଚିହ୍ନ ବଦଳି ଯିବ
ଛଳନାର ଛନ୍ଦାୟିତ ରେଖାରେ ।
ସରଳତା ହେବ,
ଦୁର୍ବଳତାର ପ୍ରତୀକ
ଆସନ୍ତା କାଲି ପାଇଁ ଦେଖିଥିବା
ମୁଠାଏ ସ୍ୱପ୍ନ
ଏମିତି ପାଲଟିଯିବ
ଅପ୍ରତ୍ୟାଶିତ ଅନ୍ଧାରର ମୁହୂର୍ତ୍ତ ।

ଏମିତିତ' ହବାର ନ'ଥିଲା
ପରମାର୍ଥଙ୍କର ପୁଣ୍ୟତାରେ !
ସବୁ ବିଷକୁ ଛାତିରେ ଲୁଚାଇ
କେବଳ ହସର ପସରା ମେଲାଇ
ଖାଲି ନାଚିବାକୁ ହେବ ,
ଶୀତଳ ରତ୍ନମାଳା ସତେ
ଅଗ୍ନିକୁଣ୍ଡରେ ତରଳିବ
ପାଲଟିବଅଙ୍ଗାରର ଅସ୍ତିତ୍ୱ
ପରିଣାମ କେବଳ
ଦୁଃଖର ସାଗର ହେବ ।



ଏମିତିତ' ହବାର ନ'ଥିଲା
ସର୍ବୋଚ୍ଚ ଅଦାଲତରେ !
ଜୀବନ ବଞ୍ଚିଥିବା ସ୍ଥିର ପବନରେ
ହଠାତ୍ ଝଡ଼ ଆସିବାର ,
ନିଜକୁ ନ୍ୟାୟ ଦେବା ନ୍ୟାୟରେ
ଯାଜ୍ଞ୍ୟସେନୀ କେବଳ
ଯୋଜ୍ଞ କୁଣ୍ଡରେ ଆବଦ୍ଧ ପଡିବାର
କେବଳ ଅପେକ୍ଷାର ବାଟକୁ
ଅପେକ୍ଷା କରିବାର
ଅବଶିଷ୍ଟ ଆୟୁଷ ସାରିବାର ।

ଏମିତିତ' ହବାର ନ'ଥିଲା
ନିୟତିର ନିତି ଶାସ୍ତ୍ରରେ !
ସାରଥି ହେବ
ବିଶ୍ୱାସଘାତକର ସାଥୀ !
ସତ୍ୟ ସର୍ତ୍ତାର
ନହେବ ମହାନତା
କ୍ରାନ୍ତିରେ ନହେବ ଶାନ୍ତି
କେବଳ ଭୟକୁ
ଭଗବାନ ମାନିବାର
ବିଜୟ କେବଳ
ଅଧର୍ମ ଯୁଦ୍ଧର ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

## ପ୍ରିୟ ମଣିଷ...



**ଶକ୍ତି ସୁମନ ଦାସ**
ଭାରିଓଦା, ବାଲିକୁଦା,
ଜଗତସିଂହପୁର

ତା'ର ଆଜି ହଠାତ୍ ଆସିବା ମତେ ଭାରି ବ୍ୟତିବ୍ୟସ୍ତ କରୁଥାଏ।
କିନ୍ତୁ ଏ ଶୀତ ସକାଳର କାକର ବିନ୍ଦୁ ସ୍ପର୍ଶରେ
ତା ଯୌବନର ସୁନ୍ଦରତା ମତେ ବେଶୀ ଆକର୍ଷଣ କରୁଥାଏ ମଧ...
ମୁଁ କିଛି ବୁଝିବା ଆଗରୁ ହଠାତ୍ ତା'ର
ସେ ବରଫ ଭଳି ଥଣ୍ଡା ଦୁଇ କୋମଳ ହାତ,
ମୋ ହାତ ଦୁଇଟିକୁ ଜାବୁଡି ଧରି
ଅନେକ କିଛି କହିବା ଆରମ୍ଭ କରିଦେଇଥିଲା।
ଅତୀତର ପୃଷ୍ଠା ଲେଉଟାଉଥିବା ଏ ମନଟି ଠପ୍ କରି ବନ୍ଦ ହୋଇଗଲା
ତା' ସ୍ପର୍ଶରେ....
ତା ପରେ ଶୁଭିଲା,
ଅତୀତର ସେ ଫର୍ଦ୍ଦ ସବୁ ଚିରି ଫିଙ୍ଗିଦିଅ..!
ଏବେ ବର୍ତ୍ତମାନ ଓ ଆଗାମୀ କାଲି ପାଇଁ ବୀଜ ବୁଣିବା ଆରମ୍ଭ କରିଦିଅ।
ବାସ୍ ଏତିକି ସବୁ ମୋ କାନ ଦୁଇଟି ଶୁଣୁଥିଲା,
କିନ୍ତୁ ମୋ ଆଖି ତା'ର ସେ ଚେହେରାରୁ ହଟୁନଥିଲା ||

## ସତୀତ୍ୱ...



**ସୁସନ୍ଧ୍ୟା ପ୍ରିୟଦର୍ଶନୀ ନାୟକ**
ଅଧ୍ୟାପିକା,
ଭୋଗରାଇ, ବାଲେଶ୍ୱର

ନାରୀର ସତୀତ୍ୱର ପରୀକ୍ଷାରେ
ସତୀତ୍ୱର ଅପହରଣରେ
କେତେ ଖୁସି ହୁଏ ଏ ସମାଜ
ଦେଖିବାକୁ ନାରୀର ଫୁଙ୍ଗୁଳା ଦେହ
ଯଦିଓ ଜାଣିଛି ସେ
ଲୁଗା ତଳେ ସମସ୍ତେ ଲଙ୍ଗଳା
କି ମାନସିକ ବିକଳାଙ୍ଗ ଏମାନେ
ଏ ରୋଗର ଔଷଧ କଣ ?
କିଏ ଯଦି ପାଅ
ଅନୁରୋଧ
ଜଣାଇବ
ଇତି ତୁମ ଦ୍ରୌପଦୀ




ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# କ୍ୟାମ୍ପସ ଓ ପ୍ରେମ...



**ସ୍ୱପ୍ନା ବେହେରାମାଝୀ**
ଭିମିରିଗୁଡ଼ା, ସରାମୁଳୀ,
କନ୍ଧମାଳ

ଆଜି ବି ମନେପଡ଼େ,
ଚଗଲାମୀ ସାଙ୍ଗସାଥି ମେଳକୁ।
ଭୁଲି କି ହେବ?
ସ୍ମୃତିପୀଠ କଲେଜ କ୍ୟାମ୍ପସ କୁ।
ମନ ତ' କହୁଛି ଭେଟିବାକୁ,
ଥରେ ମିସି ହସିବାକୁ ପୁଣି ଗାଇବାକୁ।
କିନ୍ତୁ ଏଠି ସମୟର ଯେ ଗଣତି ଚାଲେ,
ନ' ଦେବ ତ' ଲଭିବାକୁ ସେ ଗତକାଲିକୁ।
କ୍ୟାମ୍ପସ ନୂଆ ଭାବନା ମଧ ନୂଆ,
ନାହିଁ କାରଣ ତୁଳନା କରିବାକୁ।
ତଥାପି ଅନାଦର କି କରିହେବ?
ସ୍ମୃତିର ସେ ଚଳଚ୍ଚିତ୍ରକୁ।
ଆଜି ବି ମନ ଝୁରେ,
ପୀରତି ରେ ତୁମ ପୁଣିଥରେ ଭିଜିଯିବାକୁ।
କିନ୍ତୁ ମନକୁ ସ୍ଥିର କରିବାକୁ ପଡ଼େ,
ଦେଖି ଗୋଟି ଗୋଟି ସ୍ୱୟଂଚିତ୍ରପଟକୁ।
ପ୍ରଶ୍ନ ମୋ ଜାଗ୍ରତ ହୁଏ ମନରେ,
ସୁବାସ ବାଟିକା ମଧ୍ୟସ୍ଥ ପୁଷ୍ପ ଆଉ ଭଅଁର।
ପୁଣି କ୍ୟାମ୍ପସ ମଧ୍ୟସ୍ଥ ପୀରତି ର ଧାରାକୁ,
କିଏ ବା କଳ୍ପନା କରିପାରେ?
କେଡ଼େ ବିଚିତ୍ର ସତେ,
ଲାଗେ ପ୍ରତିଯୋଗୀ ଅମ୍ଳାନ ମୁକୁଟେ।
ବୀର ଦର୍ପରେ କ୍ୟାମ୍ପସ ମଧରେ,
କୋଟିଏ ସପନ ପଲକେ ଉଙ୍କି ମାରେ।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ନିରବ ପାନ୍ଥଶାଳା...



**ସସ୍ମିତା ତ୍ରିପାଠୀ**
କହ୍ନାଇପୁର , ଯାଜପୁର ରୋଡ

ଦେଖିଛ କି' କେବେ ପାନ୍ଥଶାଳାର
ଅନ୍ତରର ଅନ୍ତର୍ଦାହ ,
ପୋଛିକି ଦେଇଛ ଆଖିଲୁହ ତାର
ଆଗନ୍ତୁକ ତୁମେ କୁହ ||

ଥିଲା ସେ ନିରବ ଆଜିବି ସେ ମୌନ
ନିସ୍ତବ୍ଧ ସେ ଚିରକାଳ ,
ତୁମ ପଥ ଚାହିଁ ମଳିନ ହେଲାଣି
କେତେ ସୁନେଲି ସକାଳ ||

ଆଗନ୍ତୁକ ତୁମ ଆଗମନେ ସିନା
ପାଏ ସେ ଆଦେଖା ସୁଖ ,
ବିଦାୟ ଯେ ତୁମ ମର୍ମଭେଦୀ କୋହ
ଦିଅଇ ଯନ୍ତ୍ରଣା ଦୁଃଖ ||

ତୁମେକି ବୁଝିବ ତା ମରମ ବ୍ୟଥା
ବାଟଭୁଲା ଯାଯାବର ,
ହୃଦୟ କାନ୍ଥରେ ତୁମ ପାଦଚିହ୍ନ
ଆଙ୍କିଥିଲ ହସ୍ତାକ୍ଷର ||

ବୁଝିନାହିଁ କେବେ ଠିକଣା ତୁମର
ପଚାରେନା ପରିଚୟ ,
ଆବେଗରେ ଅତି ହୃଦୟରେ ତାର
ଦେଇଥାଏ ସେ ଆଶ୍ରୟ ||

ସାନ୍ନିଧରେ ତାର ଭୁଲିଥିଲ ତୁମେ
ପଥପ୍ରାନ୍ତ ଯେତେ ଶ୍ରମ ,
ଦିଦିନ ଅତିଥି ସାଜିଥିଲ ବୋଲି
ନଥିଲା ତା ମନେ ଭ୍ରମ ||

ଅନେକ ପଥିକେ ଦେଇଛି ବିଶ୍ରାମ
ମୂକସାକ୍ଷୀ ତାଙ୍କ ପ୍ରଣୟର ,
ବିରହ ବତୁରା ଲୁହରେ ଭିଜିଛି
ପଥରର ଛାତି ବାରବାର ||



ପ୍ରତୀକ୍ଷା ତା ଚିର ସହଚର ବୋଲି
ଅବଶୋଷ କରି ନାହିଁ ,
ପଥିକ ପଥକୁ ଅବିଶ୍ରାନ୍ତ ନେତ୍ରେ
ଯୁଗଯୁଗ ଥାଏ ଚାହିଁ ||

ଘଡ଼ିଏ ଅଟକି ଦେଖିଛ କି ତାର
ବିଦୀର୍ଣ୍ଣ ବକ୍ଷର କୋହ ,
କେବେ ତା ମୋହରେ ବାନ୍ଧିକି ହୋଇଛ
ଆଗନ୍ତୁକ କୁହ କୁହ,,,
ତୁମେ ଆଗନ୍ତୁକ କୁହ କୁହ ....



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ


# ବୋଉ ତୁ' ମନେପଡୁ...



**ରଶ୍ମିରଞ୍ଜନ ସାହୁ**
ମୁଖ୍ୟ-ଉପଦେଷ୍ଟା
(ମହ୍ଲାର ଇ-ପତ୍ରିକା)
ଚାନ୍ଦୋଳ, କେନ୍ଦ୍ରାପଡ଼ା

ବୋଉ, ତୁ' ନା ବହୁତ ମନେପଡୁ,
ଯେତେବେଳେ ମୋ କଷ୍ଟ ସୀମା ଉଲଙ୍ଘନ କରେ;
ଯେତେବେଳେ କିଏ ମୋତେ ଅଣଦେଖା କରେ
ମୋତେ ତୋର ଆବଶ୍ୟକତା ଲୋଡା ପଡେ;
ତୋ ପଣତରେ ମୋ ଆଖିକୁ ପୋଛି
ତୋ କୋଳରେ ମଥା ରଖି
ତୋର ସେ ସ୍ନେହଭରା ଆଉଁସାକୁ ସାହାରା କରି
ତୋ ପାଖରେ ମନ ଭରି
ଭାରି ଇଛା ହୁଏ
ଅନୁତାପ ଏବଂ ମନସ୍ତାପ କରିବାକୁ!!

ବୋଉ, ତୁ' ନା ବହୁତ୍ ମନେ ପଡୁ
ଯେତେବେଳେ ମୋ ଦୁଷ୍ଟାମୀ ଚରମକୁ ସ୍ପର୍ଶ କରେ
ଇଛା ହୁଏ ତୋ ପାଦତଳେ ପଡ଼ି କ୍ଷମା ମାଗିବାକୁ
ଭାରି ଇଛା ହୁଏ
ତୋ ଗାଳିରେ ନିଜକୁ ଭିଜାଇ
ଆଖିର ଅମୃତ ଧାରାରେ
ମୋର ଏ ଅର୍ଦ୍ଧମୃତ ଜୀବନକୁ
ଆଉଥରେ ଜୀବନ୍ତ କରି ଦେବାକୁ!!



ହଁ, ବୋଉ
ତୁ' ମନେପଡୁ ବାରମ୍ବାର ଏକାନ୍ତରେ
ପିଲା ବେଳର ସେ ଧୂସର ସ୍ମୃତିରେ
ଇଛା ହୁଏ ଆଉଥରେ ଅମୂଲ୍ ଚୋର ସାଜି
ଧରାପଡ଼ି ତୋ'ରି ହାତରେ
ଖାଇବାକୁ ଚାପୁଡ଼ାର ଦୁଷ୍ପ୍ରାପ୍ୟ ତିଅଣ;
ଇଛାହୁଏ ତୋ ଆଗରେ
କାନ୍ଦି କାନ୍ଦି ଅଳି କରି
ପାଇବାକୁ ହଜିଥିବା ଖୁସିର ସନ୍ଧାନ...
ହଁ, ବୋଉ ତୁ' ନା ଭାରି ମନେପଡୁ।।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ବିକଶିତ ଭାରତ, ଏକ ସୁପ୍ତ ମନର ଆକାଂକ୍ଷା...



**ପ୍ରଜ୍ଞା ପରିମିତା ମିଶ୍ର**
ଜଗତସିଂହପୁର

**ବି**ଭିନ୍ନ ସଂସ୍କୃତି, ସମୃଦ୍ଧ ଇତିହାସ ଏବଂ ଅପାର ସମ୍ଭାବନା ଥିବା ଭାରତ ଏକ ପରିବର୍ତ୍ତନଶୀଳ ଯୁଗର ଦ୍ୱାରରେ ଠିଆ ହୋଇଛି | "ବିକଶିତ ଭାରତର" ଦୃଷ୍ଟିକୋଣ ଅର୍ଥନୈତିକ,ସାମାଜିକ,ବୈଷୟିକ ଏବଂ ପରିବେଶ କ୍ଷେତ୍ରରେ ସାମଗ୍ରିକ ପ୍ରଗତି ହାସଲ କରିବା ଆକାଂକ୍ଷାକୁ ଅନ୍ତର୍ଭୁକ୍ତ କରେ | ଆମେ ଆଗକୁ ବଢିବା ସହିତ ଏହି ଦୃଷ୍ଟିକୋଣ ଭାରତକୁ ଏକ ବିଶ୍ୱସ୍ତରୀୟ ଅଗ୍ରଣୀର ଉଚ୍ଚପାବଚ୍ଛ ରେ ପହଞ୍ଚେଇବା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରେ।
ବ୍ୟକ୍ତିବିଶେଷ, ସମ୍ପ୍ରଦାୟ ଏବଂ ସରକାରଙ୍କ ସାମୂହିକ ପ୍ରୟାସ ହିଁ ଦେଶର ପ୍ରତ୍ୟେକ କ୍ଷେତ୍ରରେ ଅଭିବୃଦ୍ଧି ଏବଂ ସ୍ଥିରତା ସୁନିଶ୍ଚିତ କରେ।

**ବିକଶିତ ଭାରତର ଦର୍ଶନ :-**
ଏକ ବିକଶିତ ଭାରତ କହିଲେ ଏକ ଉନ୍ନତ ରାଷ୍ଟ୍ରକୁ ବୁଝାଏ। ଯେଉଁଠାରେ ଦାରିଦ୍ର୍ୟ ଦୂରୀଭୂତ ହୁଏ, ଶିକ୍ଷା ସମସ୍ତଙ୍କ ପାଇଁ ଉପଲବ୍ଧ, ସ୍ୱାସ୍ଥ୍ୟସେବା ସୁଲଭ ଏବଂ ପ୍ରତ୍ୟେକ ନାଗରିକଙ୍କର ଉନ୍ନତି ପାଇଁ ସମାନ ସୁଯୋଗ ରହିଛି। ଏହା ଏକ ଭାରତକୁ କଳ୍ପନା କରେ ଯାହା ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ଉତ୍କୃଷ୍ଟ, ନବସୃଜନକୁ ପ୍ରୋତ୍ସାହିତ କରେ ଏବଂ ବିଶ୍ୱର ପ୍ରଗତିକୁ ନିରନ୍ତର ବିକାଶରେ ଆଗେଇ ନେଇଥାଏ | ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିକାଶ ଭାରତ କେବଳ ଅର୍ଥନୈତିକ ସମୃଦ୍ଧତା ନୁହେଁ ସାମାଜିକ ସମନ୍ୱୟ, ପରିବେଶ ସଂରକ୍ଷଣ ଏବଂ ସାଂସ୍କୃତିକ ସମୃଦ୍ଧତା ବିଷୟରେ ମଧ୍ୟ ଧ୍ୟାନ ନିକ୍ଷେପ କରିବା ଆବଶ୍ୟକ।।

**ଆର୍ଥିକ ବିକାଶ :-**
ଅର୍ଥନୈତିକ ଅଭିବୃଦ୍ଧି ଏକ ବିକଶିତ ରାଷ୍ଟ୍ରର ମେରୁଦଣ୍ଡ ସୃଷ୍ଟି କରେ | ୫ ଟ୍ରିଲିୟନ ଡଲାରର ଅର୍ଥନୀତି ହେବାକୁ ବିକାଶ କରିବାରେ ଭାରତର ସ୍ୱପ୍ନକୁ ସାକାର କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ। ଶିଳ୍ପ ଅଭିବୃଦ୍ଧି ହେବା ଦ୍ୱାରା ଏହା ଏକ ସମୃଦ୍ଧ ଉଦ୍ୟୋଗୀ ଭିତ୍ତିଭୂମିରେ ମହତ୍ତ୍ୱପୂର୍ଣ୍ଣ ବିନିଯୋଗ ଆବଶ୍ୟକ |
"ମେକ୍ ଇନ୍ ଇଣ୍ଡିଆ" ଏବଂ "ଷ୍ଟାର୍ଟଅପ୍ ଇଣ୍ଡିଆ" ପଦକ୍ଷେପଗୁଡ଼ିକ ଉତ୍ପାଦନ ଏବଂ ନବସୃଜନ ବୃଦ୍ଧି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିସାରିଛି। ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ବିନିଯୋଗ (ଏଫଡିଆଇ) କୁ ଉତ୍ସାହିତ କରିବା, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗକୁ (SMEs) ପ୍ରୋତ୍ସାହନ ଦେବା ଏବଂ ସ୍ଥାୟୀ ଅର୍ଥନୈତିକ ଅଗ୍ରଗତି ପାଇଁ ଭାରତର ଜନସଂଖ୍ୟାକୁ ଭାଗଭାଗ କରିବା ଜରୁରୀ |

**ଶିକ୍ଷା ଏବଂ ଦକ୍ଷତା ବିକାଶ :-**
ଶିକ୍ଷା ହେଉଛି ବିକାଶର ମୂଳଦୁଆ | ଏକ ବିକଶିତ ଭାରତ ଏକ ଉନ୍ନତ ଶିକ୍ଷା ବ୍ୟବସ୍ଥାକୁ ଅନୁଧ୍ୟାନ କରେ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

ଉନ୍ନତ ଶିକ୍ଷା ପଦ୍ଧତି ବିଶ୍ୱ ମାନାଙ୍କ ସ୍ଥିରତା ସହିତ ଅନ୍ତର୍ଭୁକ୍ତ ଅଟେ | ଜାତୀୟ ଶିକ୍ଷା ନୀତି (NEP) ୨୦୨୦ ର କାର୍ଯ୍ୟରେ ପରିଣତ କରିବା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତାଧାରା, ଡିଜିଟାଲ ସାକ୍ଷରତା ଏବଂ ଧନ୍ଦାମୂଳକ ତାଲିମ ଉପରେ ଗୁରୁତ୍ୱ ଦେଇ ଭାରତର ଶିକ୍ଷା ଦୃଶ୍ୟପଟରେ ପରିବର୍ତ୍ତନ ଆଣିବା ପାଇଁ ଏହା ଏକ ପଦକ୍ଷେପ |
ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ବିଶେଷତଃ ଅନୁନ୍ନତ ଗ୍ରାମାଞ୍ଚଳରେ ଯୁବକମାନଙ୍କୁ ନିଯୁକ୍ତି ଯୋଗ୍ୟ ଦକ୍ଷତା, ବେକାରୀ ହ୍ରାସ ଏବଂ ସହରାଞ୍ଚଳ-ଗ୍ରାମୀଣ ବିଭେଦକୁ ଦୂର କରିପାରିବ | ଅଭିନବ ଚାଳିତ ଶିକ୍ଷା ମଧ୍ୟ ଅନୁସନ୍ଧାନ ଏବଂ ବିକାଶକୁ ଉତ୍ସାହିତ କରିବ, ଯାହାକି ଭାରତକୁ ଅତ୍ୟାଧୁନିକ ଜ୍ଞାନକୌଶଳ ପାଇଁ ଏକ ମାର୍ଗ ଉଦ୍ଧାର କରିବ |

**ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା :-**

ଏକ ଦେଶର ଅଭିବୃଦ୍ଧି ପାଇଁ ଏକ ସୁସ୍ଥ ଜନସଂଖ୍ୟା ଗୁରୁତ୍ୱପୂର୍ଣ୍ଣ | ବିକଶିତ ଭାରତର ଏକ ଅଗ୍ରଗାମୀ ପଦକ୍ଷେପ ହେଉଛି ପ୍ରତ୍ୟେକ ନାଗରିକଙ୍କ ପାଇଁ ଏକ ଉନ୍ନତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା। ଆୟୁଷ୍ମାନ ଭାରତ ଭଳି ପଦକ୍ଷେପ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅଗ୍ରଗତି କରିଛି,କିନ୍ତୁ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିରେ ଥିବା ପାର୍ଥକ୍ୟକୁ ଦୂର କରିବା ପାଇଁ ଅଧିକ ପ୍ରୟାସ ଆବଶ୍ୟକ |
ଡାକ୍ତରୀ ଅନୁସନ୍ଧାନ, ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଏବଂ ଟେଲି ମେଡିସିନ୍ ବିନିଯୋଗ ଭାରତର ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଆଣିପାରେ। ଏହା ସହିତ, ସ୍ୱଚ୍ଛତା, ପୁଷ୍ଟିକର ଏବଂ ମାନସିକ ସ୍ୱାସ୍ଥ୍ୟ ବିଷୟରେ ସଚେତନତା ଅଭିଯାନ ସାମଗ୍ରିକ ସୁସ୍ଥତା ପାଇଁ ଗୁରୁତ୍ୱପୂର୍ଣ୍ଣ |

**ବୈଷୟିକ ଉନ୍ନତି :-**

ଟେକ୍ନୋଲୋଜି/ପ୍ରଯୁକ୍ତିବିଦ୍ୟା ହେଉଛି ବିକଶିତ ଭାରତ ଦିଗରେ ଏକ ପ୍ରମୁଖ ମାର୍ଗ | ଭାରତ ଏକ ବିଶ୍ୱସ୍ତରୀୟ "ଆଇଟି ପାୱାରହାଉସ୍" ଭାବରେ ଉଭା ହୋଇଛି ଏବଂ କୃତ୍ରିମ ବୁଦ୍ଧି, ରୋବୋଟିକ୍ସ, ବ୍ଲକ୍ ଚେନ୍ ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଧିକ ଅଗ୍ରଗତି ଦେଶକୁ ନୂତନତ୍ୱର ନେତୃତ୍ୱ ଅଭିବୃଦ୍ଧି ଦିଗରେ ପ୍ରେରିତ କରିପାରିବ |
ଇଣ୍ଟରନେଟ୍ ସଂଯୋଗ ଏବଂ ଇ-ଶାସନ ଉପରେ ଧ୍ୟାନ ଦେଇ ଡିଜିଟାଲ୍ ଇଣ୍ଡିଆ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ଡିଜିଟାଲ୍ ସାକ୍ଷରତାକୁ ବିସ୍ତାର କରିବା ଏବଂ ସୁଦୂର ଅଞ୍ଚଳରେ ଟେକ୍ନୋଲୋଜି/ପ୍ରଯୁକ୍ତିବିଦ୍ୟାର ପ୍ରବେଶ ସୁନିଶ୍ଚିତ କରିବା ଡିଜିଟାଲ୍ ବିଭାଜନକୁ ଦୂର କରିବ ଏବଂ ଅନ୍ତର୍ଭୁକ୍ତ ବିକାଶକୁ ବୃଦ୍ଧି କରିବ |

**ପରିବେଶ ସ୍ଥିରତା :-**

ଭାରତ ଅଗ୍ରଗତି କଲାବେଳେ ପରିବେଶ ସ୍ଥିରତା ଏକ ପ୍ରାଥମିକତା ହେବା ଆବଶ୍ୟକ | ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ କ୍ଷୟ ରୋକିବା ଏବଂ ପ୍ରଦୂଷଣ ମୁକ୍ତ ଭାରତର ବିକାଶ ଯାତ୍ରା ପାଇଁ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ସୃଷ୍ଟି କରେ। ବିକାଶ ଭାରତ ଏକ ସବୁଜ ଅର୍ଥନୀତିକୁ କଳ୍ପନା କରେ ଯେଉଁଠାରେ ଅଭିବୃଦ୍ଧି ପରିବେଶ ଖର୍ଚ୍ଚରେ ନୁହେଁ |


ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

ଅକ୍ଷୟ ଶକ୍ତି ପ୍ରୋତ୍ସାହନ, କଠୋର ପରିବେଶ ନିୟମାବଳୀ କାର୍ଯ୍ୟକାରୀ କରିବା ଏବଂ ନିରନ୍ତର କୃଷି ଅଭ୍ୟାସକୁ ଉତ୍ସାହିତ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ | ଆନ୍ତର୍ଜାତୀୟ ସୌର ଶକ୍ତିର ବିନିଯୋଗ ଏବଂ ସ୍ୱଚ୍ଛ ଗଙ୍ଗା ପାଇଁ ଜାତୀୟ ମିଶନ ପରି ପଦକ୍ଷେପ ଜଳବାୟୁ ପରିବର୍ତ୍ତନ ସହ ମୁକାବିଲା କରିବା ଏବଂ ପ୍ରାକୃତିକ ସମ୍ପଦ ସଂରକ୍ଷଣ ପାଇଁ ଭାରତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ।

**ସାମାଜିକ ସମାନତା ଏବଂ ଅନ୍ତର୍ଭୁକ୍ତୀକରଣ :-**
ପ୍ରକୃତ ବିକାଶ ହେଉଛି ସାମାଜିକ ସ୍ତରରେ ମନୁଷ୍ୟ ସମାଜରେ  ସମାନତା ରଖିବା | ଏକ ବିକାଶ ଭାରତ ହେଉଛି ଯେଉଁଠାରେ ଲିଙ୍ଗଗତ ସମାନତା, ସାମାଜିକ ନ୍ୟାୟ ଏବଂ ବର୍ଗର ସମ୍ପ୍ରଦାୟର ସଶକ୍ତିକରଣ ବିକାଶ ପାଇଁ ଅବିଚ୍ଛେଦ୍ୟ ଅଟେ। କର୍ମକ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣ, ନିଷ୍ପତ୍ତି ନେବାରେ ସଂଖ୍ୟାଲଘୁଙ୍କ ପ୍ରତିନିଧିତ୍ୱ, ଏବଂ ସାମାଜିକ ସମନ୍ୱୟ ହାସଲ କରିବା ପାଇଁ ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ବିଭାଗଗୁଡ଼ିକର ଉନ୍ନତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ |

"ବେଟି ବଚାଓ, ବେଟି ପଢାଓ" ଏବଂ "ଷ୍ଟାଣ୍ଡ ଅପ୍ ଇଣ୍ଡିଆ" ଭଳି କାର୍ଯ୍ୟକ୍ରମ ମହତ୍ତ୍ୱପୂର୍ଣ୍ଣ ଅଗ୍ରଗତି କରିଛି, କିନ୍ତୁ ଗଭୀର ମୂଳ ଅସମାନତାକୁ ଦୂର କରିବା ପାଇଁ ତଥା ନିରନ୍ତର ପ୍ରୟାସ ଆବଶ୍ୟକ ଏବଂ ପ୍ରତ୍ୟେକ ନାଗରିକ ଦେଶର ଅଭିବୃଦ୍ଧିରେ ସହାୟକ ହେଉଛନ୍ତି ଏହା ମାନବସମାଜ ମଧ୍ୟରେ ଗ୍ରହଣ କରିବା ଆବଶ୍ୟକ।

**ଶାସନ ଏବଂ ଅନୁଷ୍ଠାନକୁ ମଜବୁତ କରିବା :-**
ଏକ ବିକଶିତ ଭାରତ ପାଇଁ ଉତ୍ତମ ଶାସନ ଗୁରୁତ୍ୱପୂର୍ଣ୍ଣ | ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ନାଗରିକ-କୈନ୍ଦ୍ରିକ ଶାସନ ଜନସେବାର ଦକ୍ଷ ବିତରଣକୁ ସୁନିଶ୍ଚିତ କରେ ଏବଂ ସରକାର ଏବଂ ଏହାର ଲୋକଙ୍କ ମଧ୍ୟରେ ବିଶ୍ୱାସ ବଢ଼ାଇଥାଏ | ଇ-ଶାସନ ପାଇଁ ପ୍ରଯୁକ୍ତିବିଦ୍ୟା, ଅମଲାତାନ୍ତ୍ରିକ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ଏବଂ ଦୁର୍ନୀତିର ମୁକାବିଲା ପାଇଁ ଏକ ଦୃଢ଼ ପ୍ରଶାସନିକ ଗୋଷ୍ଠୀ ଢାଞ୍ଚା ଗଠନ ନିତ୍ୟାନ୍ତ ଅତ୍ୟାବଶ୍ୟକ |

**ଗ୍ଲୋବାଲ୍ ଷ୍ଟେଜ/ପୃଥିବୀ ସ୍ତରରେ ଭାରତର ଭୂମିକା :-**
ବିଶ୍ୱସ୍ତରୀୟ ନୀତି ଗଠନ ତଥା ଆନ୍ତର୍ଜାତୀୟ ଆହ୍ୱାନର ମୁକାବିଲା କରିବାରେ ବିକଶିତ ଭାରତ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।
ଜି -20, ବ୍ରିକ୍ସ ଏବଂ ଅନ୍ୟାନ୍ୟ ବହୁପକ୍ଷୀୟ ସଂଗଠନର ସଦସ୍ୟ ଭାବରେ ଭାରତର ସ୍ୱର ପ୍ରଭାବଶାଳୀ ହୋଇସାରିଛି।ଏକ ବିକାଶଶୀଳ ଭାରତ ଏକ ରାଷ୍ଟ୍ରକୁ ଅନୁଧାନ କରେ ଯାହା ଜଳବାୟୁ କାର୍ଯ୍ୟ, ବିଶ୍ୱ ସ୍ୱାସ୍ଥ୍ୟ ଏବଂ ଶାନ୍ତି ପ୍ରତିଷ୍ଠା ଭଳି କ୍ଷେତ୍ରରେ ଆଗେଇ ଆସେ, ଏକ ଦାୟିତ୍ୱପୂର୍ଣ୍ଣ ବିଶ୍ୱ ଶକ୍ତି ଭାବରେ ନିଜର ସ୍ଥିତିକୁ ଦୃଢ଼ କରେ |

**ଉଚିତ୍ ମାର୍ଗ :-**
ବିକଶିତ ଭାରତ ଦର୍ଶନ ହାସଲ କରିବା ପାଇଁ ସମସ୍ତ ଭାରତୀୟଙ୍କ ସାମୂହିକ ପ୍ରୟାସ ଆବଶ୍ୟକ | ନୀତି ନିର୍ଣ୍ଣୟକାରୀମାନେ ନିଶ୍ଚିତ ଭାବରେ ଦୀର୍ଘକାଳୀନ ରଣନୀତି ଉପରେ ଧ୍ୟାନ ଦେବେ,


ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/

ବ୍ୟବସାୟ ଲାଭ ସହିତ ସାମାଜିକ ଦାୟିତ୍ୱକୁ ପ୍ରାଧାନ୍ୟ ଦେବା ଉଚିତ ଏବଂ ନାଗରିକମାନେ ରାଷ୍ଟ୍ର ନିର୍ମାଣରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ଆବଶ୍ୟକ । ଶିକ୍ଷା, ନବସୃଜନ ଏବଂ ନିରନ୍ତର ବିକାଶ ପାଇଁ ଏକ ପ୍ରତିବଦ୍ଧତା ହେଉଛି ଏକ ସ୍ତମ୍ଭ ଯାହା ଏକ ବିକଶିତ ରାଷ୍ଟ୍ର ହେବା ପାଇଁ ଭାରତର ଯାତ୍ରାକୁ ସମର୍ଥନ କରିବ ।

**ଉପସଂହାର :-**

ବିକଶିତ ଭାରତ ସ୍ୱପ୍ନ କେବଳ ଏକ ଆକାଂକ୍ଷା ନୁହେଁ ବରଂ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଏକ ଦାୟିତ୍ୱ । ଯେହେତୁ ଆମେ ଏହି ଦର୍ଶନ ଦିଗରେ କାର୍ଯ୍ୟ କରୁ, ଆସନ୍ତୁ ଏକତା, ସ୍ଥିରତା ଏବଂ ନୂତନତ୍ୱର ମୂଲ୍ୟବୋଧକୁ ଗ୍ରହଣ କରିବା ଯାହା ଆମ ଦେଶକୁ ବ୍ୟାଖ୍ୟା କରେ । ମିଳିତ ଭାବେ ଆମେ ଭାରତକୁ ବିକଶିତ ସ୍ତରରେ ଆଗେଇ ନେଇ ପ୍ରଗତି ଏବଂ ସମୃଦ୍ଧିର ଏକ ଆଲୋକରେ ପରିଣତ କରିପାରିବା । ଏକ ବିକଶିତ ଭାରତ କେବଳ ଏକ ଗନ୍ତବ୍ୟସ୍ଥଳ ନୁହେଁ; ଏହା ସାମୂହିକ ଅଭିବୃଦ୍ଧିର ଏକ ଯାତ୍ରା, ଆଗାମୀ ପିଢ଼ି ପାଇଁ ଏହା ଏକ ଉଜ୍ଜ୍ୱଳ ଭବିଷ୍ୟତ ନିଶ୍ଚିତ କରେ ।

## ବାଳିକା ବୃଦ୍ଧା...



ଜୟଶ୍ରୀ କ୍ରାନ୍ତିପୂରଭି
କୁଆଖିଆ, ଯାଜପୁର

ବାଲ୍ୟତ କୈଶୋର ଯୁବ ବୃଦ୍ଧାବସ୍ଥା
ବୟସ ଏ ଚାରିଖଣ୍ଡ,
ଖଣ୍ଡ ଖଣ୍ଡ ହୋଇ ଯନ୍ତ୍ରଣା ରହିଛି
ଅଭିଜ୍ଞତା ମାପଦଣ୍ଡ ।।
ବାଳିକା ବୟସେ ବହୁ ବାଟ ଚାଲି
କ୍ଷତାକ୍ତ ଆଜି ଏ ପାଦ ,
ପ୍ରମାଣ ପାଇଁ ତ ପାଉଁଜି ଥକିଛି
ରୁଣୁଝୁଣୁ ନାହିଁ ଶବ୍ଦ ।।
ବୃଦ୍ଧା ବୟସ ମୋ ଅପେକ୍ଷା ତ ନାହିଁ
ବାସ୍ତବତା ଏବେ ସ୍ପଷ୍ଟ,
ଆଖିର କଜ୍ଜ୍ୱଳ ପ୍ରମାଣ ସାଜିଛି
ଲୁହରେ ଧୋଇଛି କଷ୍ଟ ।।
ଜୀବନ ଯୁଦ୍ଧରେ ଏତେ ଯେ ଲଢ଼ିଲି
ପ୍ରମାଣ ମୋର ସେ ଚୁଡ଼ି,
ସମୟ ସମାଜ ହାରିଯାଇ ମୋତେ
ଟାଣିପାରିଲାନି ଭିଡି ।।
ଅଭିଜ୍ଞତା ମୋର ଏତେ ଯେ ରହିଛି
ସମ୍ପର୍କ ରହୁଛି ଅଧା,
ମିଛ ପ୍ରହସନ ଜ୍ଞାତ ହୋଇଯାଏ
ମୁଁ ଯେ ବାଳିକା ବୃଦ୍ଧା ।।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ବନ୍ଧୁତ୍ୱ ନା ପ୍ରେମ ?...



**ଲୋପାମୁଦ୍ରା ମଳିକ**
ରଣସାହି, ବାଲେଶ୍ୱର

ଚାଲ ଥରେ ଆମ ପ୍ରେମ କରିବା
ପ୍ରେମର ହିସାବ ଖାତାକୁ
ସମୁଦ୍ର ମଧ୍ୟରେ ସମାହିତ କରି
ଋତୁରାଜ ବସନ୍ତ ପାଲଟିଯିବା ।
ଯେଉଁଠି ପ୍ରେମ ଥିବ ଅଥଚ ପ୍ରତାରଣା ନଥିବ,
ଭରଷା ଥିବ ଅଥଚ ଭବିଷ୍ୟତ ନଥିବ,
ତ୍ୟାଗ ଥିବ ଅଥଚ ସ୍ୱାର୍ଥ ନଥିବ,
ଅଭିମାନ ଥିବ ଅଥଚ ଅଭିଯୋଗ ନଥିବ ।
ଯେବେ ଏ କ୍ଷୁଦ୍ର ନୟନ
ପ୍ରଥମ କରି ତୁମକୁ ଦେଖିଥିଲା
ଚୁମ୍ବନ ନୁହେଁ ସ୍ପର୍ଶ କରିବାକୁ ଇଚ୍ଛା ପ୍ରକାଶ କରିଥିଲା ।
ମୁଁ ତୁମକୁ ଦେଖେ ପାଖ ବେଞ୍ଚରେ
ତୁମେ ମତେ ନଚିହ୍ନିଲା ପରି
ଏଡ଼ାଇ ଏଡ଼ାଇ ଚାହଁ ।
ତୁମ ସାଙ୍ଗସାଥୀ ଯେତେବେଳେ
ମୋ ନାଁ ଧରି ଡକାଡୁକି ହୁଅନ୍ତି
ଭାରି ମତେ ଖୁସି ଲାଗେ ।
ଖୁସିର ଅନ୍ୟ ନାମ କ'ଣ ପ୍ରେମ ?
କୌଣସି କଥାର ସମାଧାନ ପାଇଁ
ମୋ ନିରବତା ହିଁ ତୁମକୁ ଜଣାଇଦିଏ
ମୁ ଯେ ତୁମ ପାଇଁ କେତେ ପାଗଳ ।
ଏ ବନ୍ଧୁତ୍ୱ ନା ପ୍ରେମ ?
ବନ୍ଧୁକୁ ପ୍ରେମ କରିବା ଆଦୌ ପାପ ନୁହେଁ,
କିନ୍ତୁ ପ୍ରେମ କରିସାରି ତାକୁ ବନ୍ଧୁତ୍ୱ ବୋଲି କହିବା
ନର୍କରେ ପଡ଼ିବା ପରି ସମାନ ।



# ରଙ୍ଗ ବଦଳାଇ ନିଏ...




**ପ୍ରଶାନ୍ତ କୁମାର ନାଥ**
ରାଜନଗର,କେନ୍ଦ୍ରାପଡ଼ା

ପ୍ରେମ ପାଇଁ ଦିନେ ତା'ର ହୃଦୟରେ
ବାସୁଥିଲି ହେନା ଭଳି ,
ଆଜି ସେହି ମୋତେ ଭୁଲିଗଲା ପରେ
ଦେଉଅଛି ଖାଲି ଗାଳି ।

ପ୍ରେମ କ'ଣ କେବେ ଘୃଣା ହୋଇପାରେ
କହିବ କିଏସେ ମୋତେ ,
ଯେଉଁ ପ୍ରେମ ପାଇଁ ସାଜିଥିଲି ଦିନେ
ତା ଆଶା ନୌକା ସତେ ।

ଯମୁନା କୂଳରେ କଦମ୍ବ ମୂଳରେ
କରୁଥିଲେ କେତେ କେଳି ,
ମାନିନୀ ରାଧିକା ନୁହେଁ ଏମିତିକା
କାହ୍ନୁକୁ ଦେବ ସେ ଗାଳି ।



ଗୋପରେ ରହୁ କି ଦ୍ୱାରିକାରେ ରହୁ
ଭାବୁଥିବ କାହ୍ନୁ ରାଇକୁ ,
ହେଲେ ଏ ରାଧିକା ବୁଝେ ନାହିଁ ପ୍ରେମ
ଅବୁଝା ହୁଏ ନିଜକୁ ।

ଶାଶ୍ୱତ ପ୍ରେମର ନାହିଁ ଆଉ ଚିହ୍ନ
ପ୍ରେମ ଏଠି ମଲା ଜହ୍ନ ,
ହୃଦୟ ନୁହଇଁ ଶରୀର ରେ ତା'ର
ଛଳନାରେ ପରିପୂର୍ଣ୍ଣ ।

ମିଛକଥା କହି ହାତଧରି ନେଇ
ଅଧା ବାଟେ ଛାଡ଼ି ଦିଏ ,
ଏମିତିକା ଝିଅ ହଜାରେ ଅଛନ୍ତି
ରଙ୍ଗ ବଦଳାଇ ନିଏ ।।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ପୂର୍ଣ୍ଣଚ୍ଛେଦ...



**ପ୍ରିୟାଂଶୀ ବିଶ୍ୱାଳ**
ତିର୍ତ୍ତୋଲ, ଜଗତସିଂହପୁର

ତା' ପ୍ରେମରେ ପୂର୍ଣ୍ଣଚ୍ଛେଦ ଟାଣି ଫେରିଲା ପରେ,
ଅନେକ ଥର ମୋ ଜଡଦେହେ
ପ୍ରାଣ ସଞ୍ଚାରିବାକୁ ପ୍ରୟାସ କରିଥିଲି,
ମୋ ଦ୍ରବୀଭୂତ ଅଶ୍ରୁରୁ ସବୁକୁ
ବରଫରେ ପରିଣତ କରିବାର ପ୍ରଚେଷ୍ଟାରେ ଥିଲି ।
ସେ କରୁଥିବା ମିଛ ଅଭିନୟର
ଶେଷ ପର୍ଯ୍ୟାୟରେ ପହଞ୍ଚିଲା ବେଳକୁ
ମୁଁ ଗୋଟାପଣେ ତାକୁ ଚିରନ୍ତନ ପ୍ରେମୀର
ଆଖ୍ୟା ଦେଇ ସାରିଥିଲି,
ସେ କିନ୍ତୁ ଘାତକ ସାଜି ଅବିଶ୍ୱାସର
ଅନଳରେ ଜାଳି ଦେଇ ଥିଲା ଆମ
ସମ୍ପର୍କର ସବୁଜ ବନାନୀ ।
ହେଲେ, ଶେଷରେ ସେ ପାଲଟିଲା
ମୋ ପାଇଁ ଅପୂର୍ଣ୍ଣତାର ଏକ ଅମର କାହାଣୀ,
ଗୋଟିଏ ପୃଷ୍ଠାରେ ଅସଂପୂର୍ଣ୍ଣ
ହୋଇ ରହି ଯାଇଥିବା
ଅବଶୋଷର ଏକ ଅଲିଭା ଟିପ୍ପଣୀ ।
ବିଶଲ୍ୟକରଣୀ ସାଜି ମୋ ଯନ୍ତ୍ରଣାର
ବିଷକୁ ଶିରା ପ୍ରଶିରାରୁ ଶୋଷିନେବ ବୋଲି
ଅବଶିଷ୍ଟ ବିଶ୍ୱାସ ଯାହା ସାଇତି ଥିଲି,
ତା ପ୍ରତାରଣାର ପ୍ଳାବିତ ବନ୍ୟା
ଧୋଇ ନେଇଥିଲା ସବୁକିଛି,
ତେଣୁ ଆଜିବି ମୋ ଅନ୍ତରରେ
ଆବେଗର କଣିକାମାନ
ଅଭିମାନରେ ମୁହଁମାଡି ପଡ଼ିରହିଛନ୍ତି ।
ବୋଧ ହୁଏ କେଉଁ ଏକ ଅଭିଶପ୍ତ ଲଗ୍ନରେ
ସେ ସ୍ୱାକ୍ଷର କରିଥିଲା
ଆମ ପ୍ରେମର ଦସ୍ତାବିଜ୍ ରେ,
ଅନ୍ତ ହେବା ଆଗରୁ ପୂର୍ଣ୍ଣଚ୍ଛେଦ ପଡ଼ିଗଲା
ପ୍ରେମର ପ୍ରଥମ ପଂକ୍ତିରେ ।
ସେବେଠୁ ମୋ ସାଇତା ଅଭିଧାନରୁ
ଆକସ୍ମାତ୍ ଲିଭିଯାଇଥିବା ଶବ୍ଦସମୂହ ଆଉ
କେବେ ଫେରିବାର ନାଆଁ ଧରିନାହାନ୍ତି,
ତା ସ୍ମୃତିର ପ୍ରତିଧ୍ୱନି ଆଜିବି ମୋ ହୃଦୟରେ
ପ୍ରେମର ତରଙ୍ଗ ସୃଷ୍ଟି କରୁଛି ।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
ମହ୍ଲାର
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ନିଆଁ...



**ସୁଜିତ କୁମାର ମିଶ୍ର**
ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର

ଓଠରେ ନିଆଁ,
ଗୋଠରେ ନିଆଁ,
ଆଖିରେ ନିଆଁ,
ଛାତିରେ ନିଆଁ
ଗାଁରେ ନିଆଁ
ସହରରେ ନିଆଁ,
କୁହୁଳୁଛି କାଟୁଛି ତା ଶାଣିତ ଅସ୍ତ୍ରରେ,
ଥମିବାର ନାଁ ନେଉନି,
କେଉଁଠି ବସ୍ତ୍ର ହରଣ
କେଉଁଠି ବସନ୍ତ ହରଣ
କେଉଁଠି ଲଙ୍କା ଦହନ,
କେଉଁଠି କଢ଼ିର କ୍ରନ୍ଦନ,
କେଉଁଠି ପେଟର ପ୍ରଳାପ,
କେଉଁଠି  ଅଭାବୀ ବୈଶାଖ,
ଦିନକୁ ଦିନ ଅସ୍ଥିର ଏ ନିଆଁ,
ଆସ୍ଥା ଜମଉଛି ନିଆଁ,
ଅସ୍ଥିକୁ ଜାଳୁଛି ନିଆଁ,
ପାଗଳା କୁକୁର ପରି ଭୁକୁଛି,
ମୁନିଆଁ ଦାନ୍ତରେ ଚୋଟ ମାରୁଛି,
ଏବେ ତ ନିଆଁ  ଉଛୁଳା ନଈ ପରି
କୂଳ ଲଙ୍ଘୁଛି  ।

ନିଆଁ ଆମରି ଭିତରେ
ନୀରିହପଣରେ,ନିର୍ମମ ଆତଙ୍କରେ,
ନବ ଉନ୍ମାଦନାରେ ।

କେଉଁଠି ଅଛି ଯେ ଆଖି ଆଉ ପାଣି
ନିଆଁ ହେବ ନିର୍ଝରିଣୀ ?



ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଚିତ୍ରଲେଖା...



**ତାରାପ୍ରସାଦ ଜେନା**
ରଣପୁର, ନୟାଗଡ଼

ଚିତ୍ରଲେଖା ତୁମେ ଚିତ୍ରରେ ନ ଥାଅ
ମନରେ ରହିଛ ପୂରି ,
ନିଝୁମ ରାତ୍ରିର ଅଳସ ବିଳାସେ
ସପନେ ଆସୁଛ ଘୂରି ।

ପୁଲକେ ହସୁଛ ମୁଲକେ ଗପୁଛ
ଲାଗୁଛ ବଢ଼ିଆ ଖୁସି ,
ଟିକିଏ ବିଚ୍ଛେଦ ମନକୁ ପାଉନି
କାନ୍ଦକୁ ମାଡୁଛ ବେଶି ।

ଅନ୍ଧାର ଭିତରେ ଆଲୋକ ଆଣୁଛ
ଉଜ୍ଜ୍ୱଳ ହୀରକ ଗେଲ ,
ପାହାନ୍ତି ଆକାଶେ ଚମକ ଖେଳୁଛ
ସୁନ୍ଦର ତାରାଟେ ଭଲ ।



ମନକୁ କିମିଆ ରୂପରେ ଗୁଣରେ
ଆଉ କା' ଦିଶୁନି ମୁହଁ ,
ପାଖରେ ଦୂରରେ ଯାହା ବି ଭାବିଲେ
ଜୀବନ ସରାଗ ଚାହଁ ।

ନୀରବେ ପାଉଁଜି ନୂପୁର ଶୁଭୁଛି
ମନର ଆସରେ ନାଚ ,
ପ୍ରୀତିର ଗୀତରେ ତାଳକୁ ପକାଇ
ବାହୁରେ ହଲାଅ କାଚ ।

ମହ୍ଲାର ଇ- ପତ୍ରିକା
ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଥିଲେ କେତ ପ୍ରେମରେ ପ୍ରେମରେ...



**ପୁଷ୍ପାଞ୍ଜଳି ପଣ୍ଡା**
କେନ୍ଦ୍ରାପଡ଼ା

ତୁମେ ଭଲପାଉଥିଲ ବୋଲି
ସହର ଟା ଭଲ ଲାଗୁଥିଲା ,
ଏବେ ତୁମେ ଭୁଲିଗଲ
ବାଟ ଭାଙ୍ଗି ଚାଲିଗଲ
ସହର ଟା ଅଚିହ୍ନା ଲାଗିଲା ।।

ତୁମେ ଅଛ ତୁମ ସହରର
ଅଜଣା ମୋ ଘର ,ସହର
କେତେ ଜହ୍ନ ବୁଡି ଲେଣି
ଏକା ଆକାଶ ରେ
ସମୟର ହାତ ନାହିଁ
ଗୋଡ଼ ନାହିଁ
ତଥାପି ସେ ବାନ୍ଧି ଦେଲା
ଅଲଗା କରିଲା
ଥିଲେ କେତେ ପ୍ରେମରେ ପ୍ରେମରେ।।



ମୋ ସ୍ଥିତି ରେ ମୁଁ ଅଛି
ତୁମ ସ୍ଥିତି ତୁମେ ବାଛିନେଲ
ଆୟୁଷ ସରିବା ଯାଏ
ଭୋଗାଭୋଗ ସାରିବାର ଯାଏ
ବ୍ୟତିକ୍ରମ ହୁଏତ ମୁଁ
କରିପାରେ କେବେ
ନିଦାରୁଣ ଧକ୍କା ଟିଏ
ସହିପାରେ କେବେ
ମଥାପାତି ମୃତ୍ୟୁ ବାଛି ନେବି
ତୁମ ସହର କୁ କେବେ
ଖବର ଯିବନି
କନ୍ଦାଇ ଦେବିନି।।

ମୁଁ କାନ୍ଦୁଛି , କାନ୍ଦୁ ଥିବି
ସରିବାର ଯାଏ ଆମ ପ୍ରେମ ଫଳାଫଳ
ସବୁଠାରୁ ବଡ଼ ମହାକାଳ
ଏକାଠି କରିବ
ଦୁନିଆଁ ଦେଖିବ
ସେତେବେଳେ ହୁଏତ ନଥିବି
ଅନ୍ୟ ରାଇଜରେ ଘୁରୁଥିବି।।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# କୁମ୍ଭିରେ ଗଳେଇ ଦେଲି...



**ଶିଶିର କୁମାର ପଣ୍ଡା**
କୁଆଁସ , ମେରଦା କାଟିଆ ,
ଯାଜପୁର

ବାପା ଦେଇଥିଲେ ଶହେ ଟଙ୍କା ମୋତେ
ବାରୁଣୀ ଯାତରା ପାଇଁ
ବୁଲିବୁଲି କିଛି ଖରଚ କରିବି
ଏଣୁତେଣୁ ସବୁ ଖାଇ ।
କଅଣ ଖାଇବି ଭାବି ମୁଁ ପାରୁନି
ଅସନା ତ ଚାରିଆଡ଼େ
ଖାଇବା ଥାଳିକି ଅନେଇଲେ ମୋର
ପେଟମୋଡ଼ି ବାନ୍ତି ମାଡ଼େ ।
ସବୁଆଡ଼େ ହୁଏ ମାଛି ଭଣଭଣ
ଦୋକାନୀ ଧୋଉନି ହାତ
ପଚାରିଲେ ଏହା କିଛି ନ କହିକି
ଦେଖେଇ ଦଉଛି ଦାନ୍ତ ।
ଭାବିଲି କି ଲାଭ ଖାଇକି ଏଠାରେ
ରୋଗକୁ ଆଣିବି ଡାକି
ଝାଡ଼ାବାନ୍ତି ହେବ ପଡ଼ାପଡ଼ି ବେଳେ
ବସିବି ପେଟକୁ ଜାକି ।
ଖରଚ ନ କରି ସେଇ ଟଙ୍କା ଯଦି
ସଞ୍ଚୟ କରିବି ନେଇ
ଦରକାର ବେଳେ କାମରେ ଆସିବ
ଦେଉକି ନ ଦେଉ କେହି ।
ଏହା ଭାବି ସେଇ ଶହେ ଟଙ୍କାଟିକୁ
କୁମ୍ଭିରେ ଗଳେଇ ଦେଲି
ବୋଉ ବାଢ଼ିଦେଲା ଭାତ ତରକାରୀ
ଖାଇଦେଇ ଖୁସି ହେଲି ।






ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# କିଁ ଘେନି ଯିବୁ ତୋର ଛୁଟିଲେ ଘଟ...



ସୁନନ୍ଦା ମହାନ୍ତି
ସାକ୍ଷୀଗୋପାଳ, ପୁରୀ

ସ୍ତ୍ରୀ ଲୋକଟା କାଠ ହୋଇଗଲା ନା କଣ. କୌଣସି ପ୍ରତିକ୍ରିୟା ନଥିଲା. ଏମିତିକି ପାଟିରେ କୋହ କି ଆଖିରେ ଟୋପେ ଲୁହ ନଥିଲା. ସ୍ୱାମୀଙ୍କ ସେବା ଉପଚାର ଯେତେ କରୁଥିଲେ ମଧ୍ୟ ସ୍ୱାମୀ ଚାଲିଗଲା ପରେ କିଛି ବି ପ୍ରତିକ୍ରିୟା ନଥିବା ନୀଳିମା ଦାସ ସତରେ କଣ କାଠ ପରି ଜଡ଼ ପାଲଟିଗଲେ ନା କଣ. ମଣିଷ ଜାଣେ ଜୀବନ ଏକ ଜଳ ବିନ୍ଦୁ. କେତେ ସଂଘର୍ଷ ଭିତରେ ମଧ୍ୟ ନିଜର ମଣିଷଟା ସଂସାରରୁ ଚାଲିଗଲେ ମାୟା, ମୋହରେ ଲୁହ ଟୋପେ ଅନ୍ତତଃ ନିଗିଡି ପଡିବା କଥା. କେମିତିକା ସ୍ତ୍ରୀ ଲୋକଟା କେଜାଣି କହି ସମସ୍ତେ ମୁହଁ ମୋଡୁଥିଲାବେଳେ ଏକମାତ୍ର ବିବାହିତା କନ୍ୟା ପହଞ୍ଚି ପରିବେଶକୁ କରିଥିଲା ଗୁରୁଗମ୍ଭୀର. ଝିଅ ଦୁଇ କୂଳର ହିତା. ଦେଲା ନାରୀ ହେଲା ପାରି ବୋଲି କହୁଥିବା ଲୋକ ବୁଝିବା ଦରକାର ପୁଅ ଯେତିକି ଝିଅ ବି ସେତିକି. ଝିଅର ମଧ୍ୟ ଅଧିକାର ଅଛି ବାପା ମୁହଁରେ ନିଆଁ ଦେବା ସହ ସମ୍ପତ୍ତି ମଧ୍ୟ ତାର. ଏହି ଝିଅ ବଳରେ ବଳିୟାନ ହୋଇ ସ୍ତ୍ରୀ ଲୋକଟା ଏମିତି କାଠେଇ ଯାଇଥିବାର ଅନୁମାନକୁ ଏଡେଇ ଦିଆଯାଇନପାରେ ଭାବୁ ଭାବୁ ଅଭାବନୀୟ ଘଟଣାଟିର ସୂତ୍ରପାତ ହେଲା

କାରଟିଏ ଅଟକି ଗଲା ଦାଣ୍ଡଦୁଆରେ. କାଳେ ନାହିଁ ବଳେ ନାହିଁ କିଏ ଏମାନେ ମୃତକଙ୍କର. ଆଜି ଯାଏଁ ନୀଳିମା ଦାସ ଏକା ଏକା ସଂଘର୍ଷ କରୁଥିଲା ବେଳେ କୋଉଠିଥିଲେ ଏ କାର ଚଢିଲାବାଲା ପରିବାର!କାରରୁ ସଦ୍ୟ ବିଧବା ବେଶରେ ଧଳା ଲୁଗା ପରିହିତା ବୟସ୍କା ସ୍ତ୍ରୀ ଲୋକ ସହିତ ଏ ଭେଣ୍ଡିଆ ଯୁବକ ଜଣକ କିଏ? ଓହ୍ଲେଇ ପଡି ଦୁମ ଦୁମ ଭିତରକୁ ଯାଇ କୋକେଇ ସହ ମୁଖାଗ୍ନି ଦେବା ଉପକରଣ ସବୁକୁ ଅକ୍ତିଆର କରୁ କରୁ ଝିଅ ବୋଲାଇ ଦୁନିଆଁ ଦାଣ୍ଡରେ ଏକମାତ୍ର ଅଲିଅଳି ଝିଅ ଫଂ ଫଂ ହେଉଥିଲା. ଏମାନେ କିଏ ମାଆ? ସେମାନେ ତାଙ୍କ ପୁଅ ଓ ସ୍ତ୍ରୀ.ହଠାତ ଝଣଝଣ କରି ଝିଅ ସହ ଭାଙ୍ଗି ପଡ଼ିଲାଓ ତା ସହିତ ଭାଙ୍ଗିପଡୁଥିଲା କେତେ ବୁନିଆଦି ଓ କଳ୍ପନା ଜଳ୍ପନା. କୋକେଇ ସହ ଶବ ଆଗକୁ ବଢୁଥିଲା. ପଛେ ପଛରେ ମାଆ ନାମ୍ନୀ ସ୍ତ୍ରୀ ନୀଳିମା ଦାସ ଓ ଏକମାତ୍ର ଝିଅ ସୁଚେତା କାଠେଇ ଯାଇଥିଲେ. ପରିବେଶକୁ ହାଲକା କରି ଶୁଭୁଥିଲା ଚାପା ଗୁଞ୍ଜରଣ. କିଏ କହୁଥିଲା ଏଇଥି ପାଇଁ ସ୍ୱାମୀ ସ୍ତ୍ରୀଙ୍କ ଭିତରେ କଳି ହୁଏ ତ କିଏ କହୁଥିଲା ଏହାହିଁ ତାଙ୍କ ରୋଗର କାରଣ. ଲୁଣ ଖାଏ ହାଣ୍ଡି.. ଚିନ୍ତା ଖାଏ ଗଣ୍ଡି, ପୁଣି କିଏ କହୁଥିଲା ଏହାହିଁ ବୋଧହୁଏ ନୀଳିମା ଦାସଙ୍କ ଆଖିରୁ ଲୁହ ଶୁଖିଯିବାର କାରଣ. ଶବଦାହ ସରିଥିଲା, ଅସ୍ଥି ଘରକୁ ଆସିବା ପରେ ନୀଳିମା ଦାସଙ୍କ ମଥା ସିନ୍ଦୁର ଲିଭିଗଲା ଓ ତା ସହିତ ହାତର ଦିପଟ ଚୁଡ଼ି ଅଦୃଶ୍ୟ ହୋଇଗଲା କିନ୍ତୁ ନୀଳିମା ଦାସଙ୍କର ଘଟ ପ୍ରସ୍ତୁତ କରିବା, ଘାଙ୍କୁ ଯିବା, ତୁଠ ଖଟିବା ସହ ସେହି ସ୍ତ୍ରୀ ଲୋକ ଓ ତାଙ୍କ ପୁଅସହ ମିଳିତ ଭାବେ ରହିବା ଦେଖି ଝିଅ କଷ୍ଟ ପାଉଥିଲା. ଚଉଦଦିନ ଯିବା ଉତ୍ତାରୁ ଝିଅ ମାଆକୁ ସାଙ୍ଗରେ ନେଇ ଯିବାକୁ ଚାହିଁଥିଲା ତ ସେ ନାହିଁ କରିଥିଲେ. ଝିଅ ବିଦା ହେବା ବେଳେ କହିଥିଲା ତୁ କାଠ ହୋଇଯାଇ ପାରୁ ହେଲେ ମୁଁ ନୁହେଁ. କୋର୍ଟରେ ଦେଖା ହେବା. ମାଆ ଖାଲି କହିଥିଲେ ସେତେବେଳକୁ ହୁଏତ ଏ କାଠ ସମ୍ପୂର୍ଣ୍ଣ ଉଈଖିଆ କାଠ ହୋଇ ଜୁଇରେ ଜାଳିସାରିଥିବ. ଝିଅର ମନେ ପଡୁଥିଲା ତା ବିବାହ ବେଳେ ମାଆ କହିଥିବା ଦୁଇପଦ ଝିଅରୁ ସ୍ତ୍ରୀ ହେଲାପରେ କାଠ ତ କାଠ



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ପାରିଜାତ

ଶୁଖିଲା କାଠ ହୋଇଗଲେ ଅଢେଇ ଦିନର ଏ ଜଳ ବିନ୍ଦୁ ପରି ଜୀବନର ସମୟ ଖୁବ ଭଲରେ ଭଲରେ କଟିଯାଏ ଝିଅ. ଏବେ ମାଆକୁ ଦେଖି ଝିଅ ଭୋ ଭୋ କାନ୍ଦୁଥିଲା ବେଳେ ତା ହୃଦୟ ଭିତରୁ କେହି ତାକୁ କାଠ ହେଇଯିବା ପାଇଁ ଅନୁରୋଧ କରି କହୁଥିଲା. ଲୁହ ଟୋପା ଗୁଡା ବର୍ଷାବାରି ହୋଇ କାଠରେ ଜୀବନ ସଂଚାର କରେ ବୋଲି ଝିଅ ବୁଝିସାରିଥିଲା.

ମାଆ କିନ୍ତୁ ଚାଲିଯାଇଥିଲା ସେପାରିକୁ ଖୁବ ଅଳ୍ପ ଦିନ ବ୍ୟବଧାନରେ ତ ଝିଅଟି ଥାନା କୋର୍ଟ କଚେରୀ ଦଉଡି ଦଉଡି  ଗୋଡ଼ ହାତରୁ ପାଣି ଶୁଖି କାଠ ହୋଇଯାଇଥିଲା କିନ୍ତୁ ନିଜ ହକ ପାଇବାକୁ ସେ ସଂଗ୍ରାମ ଜାରି ରଖିଥିଲା. କାଗଜ ପତ୍ର ସବୁ ତା ସପକ୍ଷରେ ଥିଲା. ଝିଅର ଏକମାତ୍ର ଜିଦ ଥିଲା ଯେଉଁମାନଙ୍କ ପାଇଁ ମାଆ ନୀଳିମା ଦାସଙ୍କୁ କାଠ କରିଦିଆଗଲା ସେମାନେ ତା ଶତ୍ରୁ ଆଉ ଶତ୍ରୁର ମୁକାବିଲା ସେ ନିଶ୍ଚୟ କରିବ. ଭାଦ୍ରବମାସ ଥିଲା. ଶିବଙ୍କ ଉପାସ ବାଲିତୃତୀୟା ଓ ଗଣେଷଙ୍କ ଉପାସ ଗଣେଷ ଚତୁର୍ଥୀ ଆସୁଛି ଆଗକୁ. ଗୁରୁଦିବସ ପୂର୍ବରୁ ମାଆ ତାର ଶ୍ରେଷ୍ଠ ଗୁରୁଙ୍କ ପାଇଁ ସେ ନିଶ୍ଚୟ କିଛି କରିବ. ସେଦିନ ଥାଏ ରାକ୍ଷୀପୂର୍ଣ୍ଣିମୀ. ଆଜି କୋର୍ଟରେ ସେ ଆଗୁଆ ଉପସ୍ଥିତ ଥିଲା. ଝିଅ ଏପଟ ସେପଟ ଚାହିଁ ସେ ମାଆ ପୁଅ ଦୁହିଁଙ୍କୁ ଦେଖିବାକୁ ପାଉ ନଥିଲା. ହଠାତ ତା ପଛପଟ ବେଞ୍ଚରୁ ହାତଟିଏ ଲମ୍ବି ଆସିଲା ତା ଆଡକୁ. ସେ ବୁଲି ଚାହିଁଲା. ମାଆଟି ମଥାନତ କରି ବସି ରହିଥିଲା ଆଉ ପୁଅଟି ଗୋଟିଏ ହାତ ତା ଆଡକୁ ବଢ଼େଇ ଆର ହାତରେ ରାକ୍ଷୀଟିଏ ଦେଇ କହୁଥିଲା ପିନ୍ଧାଇ ଦିଅ ଅପା. ଆଜି ପରେ ଆମ ଭିତରେ ଆଉ ଏ ସମ୍ପର୍କ ହୁଏତ ରହିବ କି ନାହିଁ. ଝିଅଟି ମାଆଙ୍କ ଆଡକୁ ଚାହିଁଲା. ସେ ତା ନିଜ ମାଆ ନୀଳିମା ଦାସ ପରି ସେ ଆସ୍ତେ ଆସ୍ତେ କାଠ ହୋଇଯିବା ପୂର୍ବରୁ ଝିଅ ଭାଇ ହାତରେ ରାକ୍ଷୀ ବାନ୍ଧି ମାଆଙ୍କୁ ମୁଣ୍ଡିଆ ମାରୁଥିଲା. ଦୃଶ୍ୟପଟ ବଦଳି ଯାଇଥିଲା. ହୃଦୟରୁ ଶୁଭୁଥିଲା କେତେ ଦିନକୁ ମନ କରିଛୁ ଆଣ୍ଟ... କି ଘେନି ଯିବୁ ତୋର ଛୁଟିଲେ ଘଟ.ଘରକୁ ଫେରି ଝିଅ ଖୁଦୁରୁକୁଣୀ ଓଷା ପାଇଁ ପ୍ରସ୍ତୁତ ପର୍ବ ଆରମ୍ଭ କରୁଥିଲା ତ ମାଆ ଭାଇ ଭାର ଧରି ହାଜର ହୋଇଥିଲେ ଝିଅ ଶାଶୁଘର ଗାଁରେ.






ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଗୋ-ଧୂଳି...



**ବେଣୁଧର ସୂତାର**
କେଶଦୁରାପାଳ, କେନ୍ଦୁଝର

ଲୋହିତ ଗୋଧୂଳି ରଙ୍ଗେ
ସବୁଜ ଧରଣୀ ଅଙ୍ଗେ
ପ୍ରଦୋଷର ଚାରୁଚିତ୍ର ଲେଖା
ବିଲ ବନ ତୋଟା ଭୂଇଁ
ମାଟିରୁ ଆକାଶ ଛୁଇଁ
ଅସ୍ତଗାମୀ ରବି ରଶ୍ମି ରେଖା ।।

ଗୋଧୂଳିର ପଦଧ୍ୱନି
ତୋଳେ ମିଠା ପ୍ରତିଧ୍ୱନି
ଚାରୁ ମୟ ସୁଷମା ସମ୍ଭାର
ଫୁଲେ ଫୁଲେ ମଧୁ ବାସ
ସୁଷମାର ରମ୍ୟ ରାସ
ଲାବଣ୍ୟର ଲଳିତ ବିସ୍ତାର ।।

ଚହଟେ ବକୁଳ ବାସ
କୃଷ୍ଣଚୂଡ଼ା ମୃଦୁ ହାସ
ଅସ୍ତରାଗ ଅରୁଣିମା ଘେନି
ଅସ୍ତଗାମୀ ରବି କରେ
ସନ୍ଧ୍ୟା କୁ ସ୍ୱାଗତ କରେ
କଳ ଗୀତି ସୁରେ ଏ ଅବନୀ ।।

ସ୍ୱପ୍ନିଳ ସୁଷମାମୟ
ଛବିଳ ଦିଗ୍ ବଳୟ
ବସୁନ୍ଧରା ଶ୍ୟାମଳ ଅଙ୍ଗନେ
ଅସ୍ତାଚଳେ ଭାଳେ ରବି
ମଧୁର ରୁଚିର ଛବି
ମାଙ୍ଗଳିକ ଗୋଧୂଳି ଲଗନେ ।।

ଲହରିତ ରୂପ ମାଳା
ପ୍ରକୃତିର ଚାରୁକଳା
ବର୍ଣ୍ଣାଳୀର ବିମୁଗ୍ଧ ଛନ୍ଦରେ
ଗୋଧୂଳିର ମିଠା ଛାଇ
ମାଟିର ମହକ ଛୁଇଁ
ସ୍ୱପ୍ନ ରଚେ ନିଖିଳ ଅନ୍ତରେ ।।

ଅମରାବତୀର ଶୋଭା
ଏ ସୃଷ୍ଟି ଅଙ୍ଗନେ ଅବା
ସାବଲୀଳ ଲଳିତ ଭଙ୍ଗିମା
ଲେଉଟା ବିହଙ୍ଗ ଗୀତ
ଆଦିଗନ୍ତ ମୁଖରିତ
ପ୍ରକୃତି ର ନିଃସର୍ଗ ସୁଷମା ।।

ଚାରୁ ଗୋଧୂଳିର ରଙ୍ଗେ
ଶ୍ୟାମଳ ଧରିତ୍ରୀ ଅଙ୍ଗେ
ସୌମ୍ୟମୟ ଶୃଙ୍ଗାର ବିଭୂତି
ସନ୍ଧ୍ୟାର ଦୀପାଳି ଜାଳି
ଭକ୍ତି ପୂତେ ଅର୍ଘ୍ୟାଞ୍ଜଳି
ଗ୍ରାମ୍ୟବଧୂ ପୂଜେ ବୃନ୍ଦାବତୀ ।।

ଗୋଧୂଳି ଚମକ ଛୁଇଁ
ରୁପାଜହ୍ନ ଆସେ ଉଇଁ
ଦୂର ନୀଳ ଚକ୍ରବାଳ କୋଳେ
ଲୁଚିଗଲେ ବିବସ୍ୱାନ
ତାରାଫୁଲେ ହସେ ଜହ୍ନ
ବିଭାବରୀ ଆସେ ଧରାତଳେ ।।

ଏ ଭବ ସପନ ପୁରୀ
ଜୀବନରେ ରଙ୍ଗ ଭରି
ଗାଉଥାଏ ତୃପ୍ତିର ମହ୍ଲାର
ଗୋଧୂଳି ଲଗନ ପରି
ବୟସ ଯାଇଛି ସରି
ଛାଡିଯିବ ଏ ମାୟା ସଂସାର ।।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଅରାଟ...



**ତୁଷାରକାନ୍ତ ବଳବନ୍ତରାୟ**
ପାଇକବାରବାଟି , ନରସିଂହପୁର , କଟକ

**ସୁ**ଜଳା,ସୁଫଳା, ଶସ୍ୟ ଶ୍ୟାମଳା ପରିପୂର୍ଣ୍ଣ ଏଇ ଅରାଟ ନଗରୀ ବା ଐରାବତ ମଣ୍ଡଳ ଏବେର ନରସିଂହପୁର। ଐରାବତ ମଣ୍ଡଳ ଅର୍ଥାତ୍ ଏହି ଅଞ୍ଚଳ ରେ ଅତ୍ୟଧିକ ହାତୀ ବାସ କରୁଥିବାରୁ ଏପରି ନାମକରଣ ହୋଇଛି ବୋଲି ଲୋକେ କହନ୍ତି ପରେ ଏହା ଅରାଟ ନାମରେ ନାମିତ ହେଲା ଅ- ଅର୍ଥାତ୍ ଘଞ୍ଚ ରାଟ-ଅର୍ଥ ରାଜା ଅର୍ଥାତ୍ ଘୋର ଜଙ୍ଗଲ ପରିପୂର୍ଣ୍ଣ ଏବଂ ରାଜା ଶୂନ୍ୟର ଅଞ୍ଚଳ , ଯେତେବେଳେ ଏହା ଘୋର ଜଙ୍ଗଲ ରେ ପରିପୂର୍ଣ୍ଣ ଥିଲା ଏବଂ ଅରାଟଭୂମି ରାଜା ଶୂନ୍ୟ ଥିଲା।
ଯାହା ୧୩୧୨ ଖ୍ରୀଷ୍ଟାବ୍ଦରେ ନିଜର କାୟା ବିସ୍ତାର କରିଥିଲା।ଏହା କୁ ଦେବଭୂମି,ତୀର୍ଥଭୂମି,କଳାଭୂମି, ବୀରଭୂମି କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ। ଏହା ଥିଲା ଏକ କ୍ଷୁଦ୍ର ଗଡ଼ଜାତ ରାଜ୍ୟ  ଏହାର ପଡୋଶୀ ରାଜ୍ୟ ଥିଲା ବଡ଼ମ୍ବା, ତିଗିରିଆ, ଆଠଗଡ଼, ହିନ୍ଦୋଳ ଏବଂ ଅନୁଗୁଳ।୨୭ଟି ଗଡ଼ଜାତ ମଧ୍ୟରେ ଏହାର ଐତିହ୍ୟ ସ୍ୱତନ୍ତ୍ର ଥିଲା।ଏହି ପ୍ରାଚୀନ ଐରାବତ ମଣ୍ଡଳ କୁ ଏକଦା ୩ଜଣ  କନ୍ଧଶାସକ  ଶାସନ କରୁଥିଲେ। ସେମାନେ ହେଲେ ନରସିଂହ ଜେନା,ପୁର ଜେନା ଏବଂ ଭାନୁ ପାଇକରାୟ । ଏହି ଗଡ଼ଜାତ ର ଇତିହାସ ଯେତିକି ରୋମାଞ୍ଚକର ସେତିକି ରକ୍ତ ରଞ୍ଜିତ ମଧ୍ୟ। ଏହି ଗଡ଼ଜାତ ଅଞ୍ଚଳକୁ ତିନ କନ୍ଧ ରାଜା ଶାସନ କରୁଥିବାବେଳେ ଏହି ଐରାବତ ମଣ୍ଡଳ ର ରାଜଧାନୀ ଥିଲା ଜୟପୁର ର ଝାଳିବଣ। ଏହି ଗଡ଼ଜାତ ଅଞ୍ଚଳ ଟି ଜଙ୍ଗଲ ରେ ପରିପୂର୍ଣ୍ଣ ଥିବାରୁ ଏଠି ବାଘର ଉପଦ୍ରବ୍ୟ ଦେଖାଯାଉଥିଲା। ଏହି ଉପଦ୍ରବ୍ୟ କୁ ରୋକିବା ରେ ତିନି ରାଜା ବିଫଳ ହେଲେ ଫଳରେ ରାଜ୍ୟରେ ଅରାଜକତା ବୃଦ୍ଧି ପାଇଲା।ରାଜା ଭୋଗ,ବିଳାସ,ବ୍ୟସନ ରେ କାଳାତିପାତ କରୁଥିବାରୁ ପ୍ରଜା ଅସନ୍ତୋଷ ମଧ୍ୟ ଦେଖାଦେବାକୁ ଲାଗିଲା ଏହି ସମୟରେ ମହାପ୍ରଭୁ ଜଗନ୍ନାଥ ଙ୍କୁ ଦର୍ଶନ କରିବା ପାଇଁ ଧର୍ମଜୟ ସିଂ ନାମକ ଜଣେ ବୀର ବଳବାନ ଯୁବକ ବାଟରେ ଯିବା ବେଳେ ସନ୍ଧ୍ୟା ହେବାରୁ ଏହି ଐରାବତ ମଣ୍ଡଳରେ ବିଶ୍ରାମ ନେଲେ ଏବଂ ବାଘର ଉପଦ୍ରବ୍ୟ ଦେଖି  ବାଘକୁ ପରାସ୍ତ କରି ଏହାକୁ ଦମନ କରିବାରେ ସଫଳ ହେଲେ । ଲୋକକଥା ଅନୁଯାୟୀ ଧର୍ମଜୟ ସିଂ ବାଘଟିକୁ ବର୍ତ୍ତମାନର ମାଧେଇପଦା ଓ ହରିଚନ୍ଦନପୁରଶାସନ ର ମଧ୍ୟବର୍ତ୍ତୀ ଅଞ୍ଚଳରେ ମାରିଥିଲେ ଏବଂ ବାଘଟିର ମୁଣ୍ଡକୁ ହରିଚନ୍ଦନପୁରଶାସନ ଏବଂ ଗଣ୍ଡିଟିକୁ ଜୟମଙ୍ଗଳ ଗ୍ରାମ ରେ ପୋତା ଯାଇ ଗ୍ରାମଦେବତୀ ରୂପେ ପୂଜା କରାଯାଉଛି।ଯୁବକଙ୍କ ଏହି କାର୍ଯ୍ୟ ଜନସାଧାରଣ ଙ୍କ ହୃଦୟରେ ଗଭୀର ପ୍ରଭାବ ପକାଇଲା ଏବଂ ସେ ଲୋକମାନଙ୍କ ହୃଦୟକୁ ଜୟ କରିବାକୁ ଲାଗିଲେ ଏଥିରେ ଇର୍ଷାନ୍ୱିତ ହୋଇ ୩କନ୍ଧ ରାଜା ଆକ୍ରମଣ କଲେ । ଧର୍ମଜୟ ସିଂ ସେମାନଙ୍କୁ ଯୁଦ୍ଧ ରେ ପରାସ୍ତ କରି ସେମାନଙ୍କ ଶୀର ଛେଦନ କଲେ ଏବଂ ସେମାନଙ୍କ ଶେଷ ଇଚ୍ଛା କୁ ସମ୍ମାନ ଜଣାଇବାକୁ ଯାଇ ନରସିଂହ ଜେନା ଏବଂ



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

ପୁର ଜେନା ଦୁଇ ଭାଇଙ୍କ  ନାମ ଅନୁସାରେ ୧୨୯୨ଖ୍ରୀଷ୍ଟାବ୍ଦରେ ଏହି ଐରାବତ ମଣ୍ଡଳ ବା ଅରାଟ ନଗରୀ କୁ "ନରସିଂହପୁର" ନାମରେ ଅଭିହିତ କଲେ।

ଏବଂ ଭାନୁପାଇକରାୟ ନାମ ଅନୁସାରେ ଅଧୁନା "ନରସିଂହପୁର" ରାଜବାଟୀ ର ରାଜଧାନୀ ରଖାଗଲା ପାଇକପଡ଼ାପାଟଣା।ଏବେ ମଧ ସେଇ ୩ଜଣ କନ୍ଧରାଜା ଙ୍କ କଟାମୁଣ୍ଡ ପୋତା ଯାଇଥିବା ଜାଗାରେ ଏକ ସ୍ମୃତି ସ୍ତମ୍ଭ ଅଛି ଯାହା ନରସିଂହପୁର ନିଜିଗଡ଼ ରେ ଅବସ୍ଥିତ। ତେଣୁ କିମ୍ବଦନ୍ତୀ ଅନୁଯାୟୀ୧୨୯୨ ଖ୍ରୀଷ୍ଟାବ୍ଦରେ ଅଧୁନା ନରସିଂହପୁର ଗଡ଼ଜାତ ଅଭ୍ୟୁଦୟ ହୋଇଥିବା ବୋଲି ବିବେଚନା କରାଯାଏ ଏବଂ ଏହି ଗଡ଼ଜାତ ର ପ୍ରଥମ ରାଜା ରୂପେ ଧର୍ମଜୟ ସିଂ କୁ ବିବେଚନା କରାଯାଏ। ଏହା ପରେ ପାଖାପାଖି ୧୩୦୦ଖ୍ରୀଷ୍ଟାବ୍ଦ ବେଳକୁ ୩/୪ଭାଗ ରେ ବିଭକ୍ତ ଥିବା ଅଞ୍ଚଳ ଟି ବିଦ୍ଧିବଦ୍ଧ ଭାବେ ଏକାଠି ହୋଇ ସମୃଦ୍ଧ ହୋଇଥିଲା।ଯାହାକୁ ନୀଳପାଢୀ, ଗୋବିନ୍ଦ ମାଳିକାର ପ୍ରଭୃତ୍ତି ବ୍ୟକ୍ତି ମାନେ ଶାସନ କରୁଥିଲେ।ଧର୍ମଜୟ ସିଂ ୧୩୧୨-୧୩୨୨ଖ୍ରୀଷ୍ଟାବ୍ଦ ପ୍ରର୍ଯ୍ୟନ୍ତ ଶାସନ କରିଥିବାବେଳେ ପରବର୍ତ୍ତୀ ସମୟରେ ତାଙ୍କର ବଂଶଧର ମାନେ ଏହାକୁ ଶାସନ କରିଥିଲେ ତେବେ କୁହାଯାଏ ଯେ ୧୬୮୬ ମସିହାରେ ନରସିଂହପୁର ର ଗଡ଼ଜାତ ଅଞ୍ଚଳର ତତ୍କାଳୀନ ରାଜା ଦୟାନିଧି ସିଂହ ପୁରୀ ଗଜପତି ମହାରାଜା ଙ୍କୁ କୁଜଙ୍ଗ ଯୁଦ୍ଧରେ ସାହାଯ୍ୟ କରିଥିବାରୁ ଗଜପତି ଏଥିରେ ପ୍ରୀତ ହୋଇ ନରସିଂହପୁର ରାଜାଙ୍କୁ "ମାନସିଂହ ହରିଚନ୍ଦନ ମହାପାତ୍ର" ଉପାଧି ଦେବା ସହିତ ଛତିଶା ନିଯୋଗ ଭୋଗ କରିବାର ଅଧିକାର ଦେଇଥିଲେ। ଯୁଦ୍ଧରୁ ଫେରି ରାଜା ଏକ ବଉଳ ଗଛ ମୂଳେ ଚାଳ ଛପର ଘରେ ଚତୁର୍ଦ୍ଧା ମୂର୍ତ୍ତି ଙ୍କୁ ସ୍ଥାପନ କରିଥିଲେ। ଏଠାରେ ଥିବା ପୂର୍ବ ବିଗ୍ରହ କାନପୁର କୁ ସ୍ଥାନାନ୍ତରିତ ହୋଇ ସେଠାରେ ଅଦ୍ୟାବଧି ପୂଜା ପାଇଲେ। ୧୮୮୨ମସିହାରୁ ୧୯୩୦ ମସିହା ପର୍ଯ୍ୟନ୍ତ ନରସିଂହପୁର ରାଜ୍ୟ କୋର୍ଟ ଅଫ୍ ୱାର୍ଡସ୍ ଅନ୍ତର୍ଭୁକ୍ତ ଥିଲା। ତତ୍କାଳୀନ ସୁପରିଟେଣ୍ଡେଣ୍ଟ ଶ୍ୟାମ ସୁନ୍ଦର ନନ୍ଦ ଏଠାରେ ଶାସନ ପରିଚାଳନା କରି ୧୯୨୨ମସିହାରେ ନରସିଂହପୁର ରେ ରଥଯାତ୍ରା ଆରମ୍ଭ ହୋଇଥିବା ଜଣାପଡେ।ସେତେବେଳେ ତିନୋଟି ରଥ ହେଉଥିଲା ଗୋଟିଏ ରଥରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଏବଂ ଆଉ ଗୋଟିଏ ରଥରେ ପତିତପାବନ ଏବଂ ଆଉ ଗୋଟିଏ ରଥରେପ୍ରସନ୍ନମଣି ବିଜେ ହେଉଥିଲେ।୧୯୪୭ ମସିହାରେ ଦେଶ ସ୍ୱାଧୀନ ହେବା ପରେ ୧୯୪୮ ମସିହା ଜାନୁଆରୀ ପହିଲାରୁ ରାଜାଙ୍କ କ୍ଷମତା ଚାଲିଗଲା ଫଳରେ ୧୯୫୦ ମସିହା ପର୍ଯ୍ୟନ୍ତ କୌଣସି ମତେ ରାଜା ଏହି ରଥଯାତ୍ରା କୁ ବଞ୍ଚାଇ ରଖିଥିଲେ।ମାତ୍ର ପ୍ରଜାଙ୍କ ଅସହଯୋଗ, ରାଜନୈତିକ ପଟ ପରିବର୍ତ୍ତନ ସର୍ବପୋରି ସରକାରୀ ସହାୟତା ବନ୍ଦ ହୋଇଯିବାରୁ ୧୯୫୦ ମସିହାରୁ ୧୯୭୭ମସିହା ପର୍ଯ୍ୟନ୍ତ ୨୭ ବର୍ଷ ନରସିଂହପୁର ରଥଯାତ୍ରା ଜଗନ୍ନାଥ ମନ୍ଦିର ପରିସରରେ ହେଉଥିଲା କିନ୍ତୁ ରଥଯାତ୍ରା ବନ୍ଦ ଥିଲା ପୁନଃ ୧୯୭୮ ମସିହାରେ ନରସିଂହପୁର ରେ ପୁଣିଥରେ ଆରମ୍ଭ ହୋଇଥିଲା। ତିନି ରଥ ବଦଳରେ ଗୋଟିଏ ରଥରେ ଯାତ୍ରା କରନ୍ତି ଚତୁର୍ଦ୍ଧାମୂର୍ତ୍ତି ମାତ୍ର କରୋନା ମହାମାରୀ ପାଇଁ ୨୦୨୦ ଏବଂ ୨୦୨୧ ଦୁଇ ବର୍ଷ ରଥଯାତ୍ରା ବନ୍ଦ ରହି ମନ୍ଦିର ପରିସରରେ ହୋଇଥିଲା ପୁନଃ କୋରନା ମହାମାରୀ ଚାଲିଯିବା



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

ପରେ ବିଧି ପରମ୍ପରା ଅନୁଯାୟୀ ଏହି ଅରାଟ ମାଟିରେ ପ୍ରତ୍ୟେକ ବର୍ଷ ରଥଯାତ୍ରା ପର୍ବ ବେଶ ଧୁମଧାମରେ ପାଳନ ହୋଇଆସୁଛି ।

ନରସିଂହପୁର ୧୫ତମ ରାଜା " ମନ୍ଦରଧର ସିଂହ " ରାଜା ଦୟାନିଧି ସିଂହ ଙ୍କ ଉତ୍ତରାଧିକାରୀ ଭାବେ ସେବେଠାରୁ "ମାନସିଂହ ହରିଚନ୍ଦନ ମହାପାତ୍ର"ଉପାଧି ନିଜ ନାମ ସହ ସଂଯୋଗ କରି ଲେଖିଲେ କାଳକ୍ରମେ ତାଙ୍କର ବଂଶଧର ମାନେ ସେବେଠାରୁ "ମାନସିଂହ ହରିଚନ୍ଦନ ମହାପାତ୍ର ଉପାଧି ରେ ଭୂଷିତ ହେଲେ ରାଜା ଦୟାନିଧି ସିଂହ ୧୬୭୫-୧୬୮୭ ଶାସନ କରିଥିବାବେଳେ ତାଙ୍କ ଅନ୍ତେ ମନ୍ଦରଧର  ମାନସିଂହ ହରିଚନ୍ଦନ ମହାପାତ୍ର" ୧୭୦୭-୧୭୨୨ଖ୍ରୀଷ୍ଟାବ୍ଦ ପ୍ରର୍ଯ୍ୟନ୍ତ ଶାସନ କରିଥିଲେ ଏବଂ ଶେଷ ସ୍ୱାଧିନରାଜା ଭାବରେ ଅନନ୍ତ ନାରାୟଣ ମାନସିଂହ ହରିଚନ୍ଦନ ମହାପାତ୍ର ନରସିଂହପୁର ଗଡ଼ଜାତ କୁ ଶାସନ କରିଥିଲେ ଯେକି ୧୯୩୧ରୁ୧୯୪୮ ମସିହା ପର୍ଯ୍ୟନ୍ତ ନରସିଂହପୁର ଗଡ଼କୁ ରାଜୁତି କରିଥିଲେ।ରାଜା ମନ୍ଦରଧର ମରାଠା ମାନଙ୍କ ଆକ୍ରମଣ ର ସମ୍ମୁଖୀନ ହୋଇ ଅରାଟର ଗାରିମା କୁ ଅକ୍ଷିର୍ଣ୍ଣ ରଖିଥିବା ର ସୂଚନା ମିଳେ।ତେବେ ନରସିଂହପୁର ର ଆରାଧା ଦେବୀ ରୂପେ ମା ପ୍ରଗଳାଙ୍କୁ ଆରାଧନା କରାଯାଏ ।

କିମ୍ବଦନ୍ତୀ ଅନୁସାରେ ରାଜା ଧର୍ମଜୟ ସିଂ ଙ୍କର ଜଣେ ବୀରଙ୍ଗନା ଦୁହିତା ଥିଲେ ଯେକି ମରାଠା ମାନଙ୍କ ଆକ୍ରମଣ ରୁ ନିଜର ପିତାଙ୍କୁ ରକ୍ଷା କରିବା କୁ  ଯୁଦ୍ଧ କୁ ଯାଇ ଯୁଦ୍ଧକ୍ଷେତ୍ରରେ ନିଜର ପିତାଙ୍କୁ ସାହାର୍ଯ୍ୟ କଲାବେଳେ ନିଜର ଗଳାଦେଇଥିଲେ ।ରାଜା ତାଙ୍କର ସ୍ମୃତି କୁ ମନେପକାଇବା ପାଇଁ ଯୁଦ୍ଧରେ ବ୍ୟବହୃତ ତାଙ୍କ ର ଦୁଇଗୋଟି ଖଣ୍ଡା କୁ ପୂଜା କରିବାସହ ସେଇଦିନଠାରୁ ସେ ମାତା ପ୍ରଗଳା ରୂପରେ ନରସିଂହପୁର ଗଡ଼ ର ଇଷ୍ଟଦେବୀ ରୂପେ ପୂଜିତ ହେଲେ।ଆଉ କେହି କେହି କୁହନ୍ତି ସୋମବଂଶର ରାଜା ଅରଣ୍ୟ ରେ ଭ୍ରମଣ କଲାବେଳେ ଅନୁଗୁଳ ତାଳମୂଳ ଠାରେ ଦୁଇଟି ଖଣ୍ଡା ଛାଡିଥିଲେ ଏହି ଖଣ୍ଡାକୁ ଅନୁଗୁଳ ରାଜା ଜଗଦେବ ନରସିଂହପୁର ରାଜା ପୂର୍ଣ୍ଣଚନ୍ଦ୍ର ଙ୍କୁ ଜାମାତା କରିବା ପରେ ଉପହାର ରେ ଦେଇଥିଲେ।ଆଉ ମଧ ଲୋକକଥା ଅଛି ନରସିଂହପୁରଗଡ଼ ଆର୍ଥିକ ସ୍ୱଚ୍ଛଳ ଥିଲା ତେଣୁ ପଡୋଶୀ ରାଜ୍ୟ ମାନେ ଏହାକୁ ଆକ୍ରମଣ କରୁଥିଲେ ବିଶେଷ କରି ଅନୁଗୁଳ ରାଜ୍ୟ ବାରମ୍ବାର ଆକ୍ରମଣ କରେ। ନରସିଂହପୁର ଏବଂ ଅନୁଗୁଳ ଯୁଦ୍ଧ ସମୟରେ ନରସିଂହପୁର ତତ୍କାଳୀନ ରାଜା ମାଆମହାଶିମିଳା କୁ ଆରାଧନା କରିଥିଲେ। ଅନୁଗୁଳ ରାଜା ନରସିଂହପୁର ରାଜା କୁ ଆକ୍ରମଣ ସମୟରେ ମାମହାଶିମଳା ନାରୀ ରୂପେ ନିଜର ଗଳା ଦେଖାଇଥିଲେ ତାଙ୍କ ସ୍ମୃତିରେ ରାଜା ମାମହାଶିମଳା ଙ୍କ ନାମ ରଖିଥିଲେ ମାଆ ପ୍ରଗଳା ବୋଲି କେହି କେହି କୁହନ୍ତି। କୁହାଯାଏ ଯେ ସେହି ଯୁଦ୍ଧ ଅନୁଗୁଳ ଜିତିଥିଲା ପରନ୍ତୁ ପରେ ଏହା ଜାଣିବା ପରେ ଅନୁଗୁଳ ରାଜା ଅନୁତାପ କରିବା ସହ ନରସିଂହପୁର ରାଜା ଙ୍କ ସହ ନିଜର ବନ୍ଧୁତା ସ୍ଥାପନ କରିଥିଲେ।ମାପ୍ରଗଳା ଯେମିତି ପ୍ରତ୍ୟକ୍ଷ ତାଙ୍କ କାହାଣୀ ମଧ ସେମିତି ଅଲୌକିକ ନାନା ଋଷିଙ୍କ ନାନା ମତ ଭଳି କେହି କେହି ସେହି ଖଣ୍ଡା ଦୁଇଟି ବୌଦ୍ଧ ରୁ ଆସିଛି ଯାହାର ନାମ ଥିଲା ଶିମଳା କହୁଥିବାବେଳେ କେହି କେହି ଏହାକୁ ସେନବଂଶର ମାଧବସେନ ଏବଂ ରାଜା ମଧୁସୂଦନ ଅନୁଗୁଳ ବଡ଼ମୂଳ ଠାରେ ଏହାର ସ୍ଥାପନା କରିଥିଲେ ବୋଲି ମତ ରଖନ୍ତି।ସେ ଯାହା ହେଉନା କାହିଁକି ତାହା ତ ଇତିହାସ ର ସ୍ୱର୍ଣ୍ଣ ଗର୍ଭରେ ଆଜି ସାଇତା। କିନ୍ତୁ ଆଜି ର ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ଯୁଗରେ ହଠାତ୍ ଖଣ୍ଡା ଉଭାନ କୁ କେହି



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

ଠଉରେଇ ପାରୁନଥିବା ସମସ୍ତ ଙ୍କୁ ଚକିତ କରୁଛି।ଆଉ ମଧ ଖଣ୍ଡା ଟି ଜଙ୍ଗଲ ରେ ବାଘ,ହାତୀ ବା କିଛି ବିପଦ ଆଶଙ୍କା ଥିଲେ ଲୋକ ମାନଙ୍କ ଆଗରେ ପଡ଼ିଯାଏ ଓ ପରୋକ୍ଷରେ ସଙ୍କେତ ଦିଏ ଆଗକୁ ନଯିବା ପାଇଁ ଏହା ଶୁଣିଲେ ଯାହାକୁ ମଧ ତାହାକୁ ତାଜୁବ ଲାଗିବା ସ୍ଵାଭାବିକ। ସତରେ ନରସିଂହପୁର ର କାହାଣୀ ଆଜିବି ମଧ ଯେତିକି ଅଲୌକିକ ଏବଂ ରୋମାଞ୍ଚକର ହୋଇ ରହିଛି ଏତ ଗଲା ଇତିହାସ ର କଥାବସ୍ତୁ ଏହା କୁ ପୌରାଣିକ କାହାଣୀ ଏବେବି ଜନମାନସରେ ଶୁଣିବାକୁ ମିଳେ କୁହାଯାଏ ଯେ ପୁରାଣଯୁଗରେ ଏ ଅଞ୍ଚଳର ନାମ କୁଆଡ଼େ ଦିନେ ଥିଲା ନୃସିଂହପୁର ଆଉ ଦ୍ଵାପର ଯୁଗରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ନାତି ଅନିରୁଦ୍ଧ ଏବଂ ଓଷା ଙ୍କ ପ୍ରଣୟ ନେଇ ବାଣେଶ୍ଵର ଠାରେ ବାଣାସୁର ସହିତ ଭୀଷଣ ଯୁଦ୍ଧ ହୋଇ ଚାରିଆଡ଼େ ହୋଇଥିଲା ରକ୍ତରଞ୍ଜିତ ତେଣୁ ଦ୍ଵାପର ଯୁଗରେ ଏହି ଅଞ୍ଚଳ ର ନାମଥିଲା କୁଆଡ଼େ "ଶୋଣିତପୁର"।ନରସିଂହପୁର ର ରାଜା ପ୍ରତ୍ୟେକ ମୌଜା ରେ ଜଣେ ଜଣେ "ସର୍ବରାକାର" ନିଯୁକ୍ତି ଦେଇ ତାହାରି ମାଧମରେ କର ଆଦାୟ ଏବଂ ରାଜ୍ୟ ର ଶାସକ କାର୍ଯ୍ୟ କୁ ତଦାରଖ କରୁଥିଲେ। ସୁରକ୍ଷା ଦୃଷ୍ଟିରୁ ବାହ୍ୟ ଆକ୍ରମଣ କୁ ଲକ୍ଷ୍ୟ କରି ନରସିଂହପୁର ର ରାଜା ରାଜ୍ୟ ର ସୀମାବର୍ତ୍ତୀ ଅଞ୍ଚଳରେ କ୍ଷତ୍ରିୟ ସମ୍ପ୍ରଦାୟର ଲୋକଙ୍କୁ ଥଇଥାନ କରିବା ସହିତ ଜଙ୍ଗଲ ଅଞ୍ଚଳରେ ସୁଦ ସମ୍ପ୍ରଦାୟର ଲୋକଙ୍କୁ ଥଇଥାନ କରିଥିଲେ।ବାସେଳିହତା, ପାଇକବାରବାଟୀ, ଚକ୍ରଗଡ଼ ପ୍ରଭୃତି ମୌଜା ର ପାଇକମାନେ ରାଜ୍ୟ ସୀମାସୁରକ୍ଷା ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ।ଏହି ନରସିଂହପୁର ଗଡ଼ ଟି ପୂର୍ବରେ ବାଲିସାହି,ପଶ୍ଚିମରେ ସରଧାପୁର, ଉତ୍ତର ରେ ହିନ୍ଦୋଳ, ଦକ୍ଷିଣ ରେ ମହାନଦୀ ପ୍ରର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ଅବଶ୍ୟ ପରେ ଏହାର ସୀମା ବଢିଥିଲା ବର୍ତ୍ତମାନ ର ନରସିଂହପୁର କହିବାକୁ ଗଲେ ସମସ୍ତେ ବାଲିଝରୀ ରୁ ବାଲିପୁଟ କୁ ବୁଝନ୍ତି।ଧୀରେ ଧୀରେ ଏହି ନରସିଂହପୁର ଗଡ଼ ରୁ ରାଜତନ୍ତ୍ର ଶାସନ ଅବସାନ ଘଟି ପ୍ରଜାତନ୍ତ୍ର ଶାସନ ପ୍ରଚଳିତ ହେଲା। ଗଣତନ୍ତ୍ର ଶାସନ ବ୍ୟବସ୍ଥା ଅନୁଯାୟୀ ୧୯୫୭ ମସିହାରେ ମହାରାଣୀ କନକଲତା ସିଂଦେଓ ବଡ଼ମ୍ବା-ନରସିଂହପୁର ନିର୍ବାଚନ ମଣ୍ଡଳୀ ର ବିଧାୟିକା ଭାବେ ଦାୟିତ୍ଵ ଗ୍ରହଣ କରିଥିବା ବେଳେ ୧୯୯୫ମସିହା ଠାରୁ୨୦୨୪ପର୍ଯ୍ୟନ୍ତ ବିଧାୟକ ଥିବାବେଳେ ୨୦୨୪ ସାରା ରାଜ୍ୟରେ ଏକ ସ୍ଵତନ୍ତ୍ର ପରିଚୟ ସୃଷ୍ଟି କରି ସ୍ଵାଧୀନ ଭାବରେ ନିର୍ବାଚିତ ହୋଇ ଶ୍ରୀ ବିଜୟ କୁମାର ଦଳବେହେରା ବଡ଼ମ୍ବା -ନରସିଂହପୁର ନିର୍ବାଚନ ମଣ୍ଡଳୀ ର ବିଧାୟକ ଅଛନ୍ତି।

ଏହି ଅରାଟ ନଗରୀ ରେ ପ୍ରଥମେ ବୌଦ୍ଧ ଧର୍ମ ର ପ୍ରଚାର ପ୍ରସାର ଆରମ୍ଭ ହୋଇଥିଲା ଯାହା କି ବାଣେଶ୍ଵର ର ଶିବମନ୍ଦିର ର କାରୁକାର୍ଯ୍ୟ ଏହାର ଏକ ଜ୍ଵଳନ୍ତ ପ୍ରମାଣ,ପରେ ପରେ ଏହି ରାଜ୍ୟ ରେ ଶୈବ ଏବଂ ବୈଷ୍ଣବ ଧର୍ମର ଅଭ୍ୟୁଦୟ ହୋଇଥିଲା ନରସିଂହପୁର ର ଅଷ୍ଟଶମ୍ଭୁ ଏବଂ ବିଷ୍ଣୁ ମନ୍ଦିର ର କାରୁକାର୍ଯ୍ୟରୁ ଏହା ଜଣାପଡ଼େ। ନରସିଂହପୁର ରାଜା ଅନନ୍ତ ନାରାୟଣ ମାନସିଂହ ହରିଚନ୍ଦନ ମହାପାତ୍ର ଙ୍କ ସମୟରେ ଶିକ୍ଷା ର ପ୍ରସାର ଘଟିଥିଲା ପରେ ଅନେକ ସ୍କୁଲ ଓ କଲେଜ ଗଢି ଉଠିଥିଲା। ଡ଼ାକ୍ତରଖାନା ଏବଂ ଶିଳ୍ପ ରେ ଅବଶ୍ୟ ଆଗ ଅପେକ୍ଷା ନରସିଂହପୁର ଟିକେ ପଛରେ ତଥାପି ତାର ପୁରୁଣା ଗୌରବକୁ ମନେ ପକାଇ ଏ ମାଟି ହସୁଛି। ବର୍ତ୍ତମାନ ସେଇ ରାଜା ରାଜୁଡା ଶାସନ ଆଉ ନାହିଁ ରାଜା ଅଛନ୍ତି ରାଜବାଟୀ ମଧ ଅଛି ଆଉ ଅଛି ସେଇ ପୁରୁଣା ପରମ୍ପରା



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

ସଂସ୍କୃତି । ୨୮ ପୁରୁଷ ଶାସକ ଏଠାରେ ଶାସନ କରିସାରିଲେଣି ସେବେଠାରୁ ଚାଲିଥିବା ସେହି ପରମ୍ପରା ଅନୁଯାୟୀ ବର୍ତ୍ତମାନ ର ରାଜା ସାହେବ ଅଙ୍କିତ ସିଂଦେଓଙ୍କ ଉପସ୍ଥିତି ନରସିଂହପୁରବାସୀ ସବୁବେଳେ କାମନା କରିଆସୁଛନ୍ତି ।
ସେ ନରସିଂହପୁର ଗଡ଼ଜାତ ର ରଥଯାତ୍ରା ହେଉ ବା ଅଷ୍ଟଶମ୍ଭୁ ବା କ୍ଷତ୍ରିୟ ମାନଙ୍କ ଗଣପର୍ବ ଦଶହରା । ଏହା ବ୍ୟତୀତ କାର୍ତ୍ତିକ ମେଳା, ବାଣିଜ୍ୟ ମେଳା,ଆଉ ନରସିଂହପୁର ର ଗଣପର୍ବ ଛାଡ଼ଖାଇ ସମସ୍ତ ଙ୍କ ଭାଇଚାରାର ମୁକସାକ୍ଷୀ ହୋଇ ଆଜି ମଧ ଛିଡ଼ା ହୋଇଛି । ଯେଉଁଠି ହିନ୍ଦୁ, ମୁସଲମାନ ର ଭେଦ ଭାବ ଭୁଲି ସମସ୍ତେ ନରସିଂହପୁରିଆ ବୋଲି ଗର୍ବରେ ଆତ୍ମବିଭୋର ହୋଇଥାନ୍ତି ।ବର୍ତ୍ତମାନ ଏହି ପ୍ରାଚୀନ  ଐରାବତ ମଣ୍ଡଳ ଅରାଟନଗରୀ  ଟି ନରସିଂହପୁର ନାମରେ ନାମିତ । ଏହାର ଶାସନ ବ୍ୟବସ୍ଥା  ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା ଦ୍ୱାରା ପରିଚାଳିତ ସେହି ଦୃଷ୍ଟିରୁ ବିଚାର କଲେ ଏହା ବର୍ତ୍ତମାନ କଟକ ଜିଲ୍ଲାର ର ବଡ଼ମ୍ବା ନିର୍ବାଚନ ମଣ୍ଡଳୀ ର ଏକ ଅଂଶ ନରସିଂହପୁର ଏକ ବ୍ଲକ୍ ରେ ବିଭକ୍ତ ଖାଲି ସେତିକି ନୁହେଁ ଆଠଗଡ଼, ତିଗିରିଆ, ନରସିଂହପୁର, ବଡ଼ମ୍ବା ବ୍ଲକ୍ କୁ ନେଇ୧୯୪୮ ମସିହା ଜାନୁଆରୀ ୧ ତାରିଖରେ ଓଡ଼ିଶା ର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡ଼ଃ ହରେକୃଷ୍ଣ ମହତାବ "ନରସିଂହପୁର"କୁ ଏକ ଜିଲ୍ଲା ର ମାନ୍ୟତା ଦେବା ପାଇଁ ଏକ ସ୍ୱତନ୍ତ୍ର ଗେଜେଟ୍ ଜରିଆରେ ଆବଶ୍ୟକ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ ମହାମହିମ ରାଜ୍ୟପାଳ ଙ୍କୁ ଜଣାଇଥିଲେ ଯାହା ଏ ପ୍ରର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ନରସିଂହପୁର ଏକ କୃଷି ପ୍ରଧାନ ଅଞ୍ଚଳ ହୋଇଥିବାରୁ ଏହି ନିର୍ବାଚନ ମଣ୍ଡଳୀ ରେ ଜଳସେଚନ ବ୍ୟବସ୍ଥା,ଭଲ ଚିକିତ୍ସାଳୟ, ନରସିଂହପୁର ବସଷ୍ଟାଣ୍ଡ, ନରସିଂହପୁର କୁ N.A.C ର ମାନ୍ୟତା, ରେଳପଥ ର ଯୋଗାଯୋଗ ଭଳି ଅନେକ ପ୍ରମୁଖ ଦାବି ଏବେ ମଧ ପଡ଼ି ରହିଛି ତଥାପି ନରସିଂହପୁର ତାର ପୁରୁଣା ଅତୀତ କୁ ଧରି ଏବେବି ହସୁଛି ।ସତରେ ଐରାବତ ମଣ୍ଡଳ ଅରାଟନଗରୀ ରୁ ନରସିଂହପୁର ର କାହାଣୀ କେତେ ରୋମାଞ୍ଚକର ଆଉ ରକ୍ତ ରଞ୍ଜିତ  ଏଇ ମାଟି କୁ ଦେଖିଲେ ବୁଝାପଡେ  ।ଆଉ ଅରାଟନଗରୀ ର ସନ୍ତାନମାନେ ଭାବରେ ବିଭୋର ହୋଇ ଏବେବି ସମସ୍ତେ ଗର୍ବରେ କୁହନ୍ତି ଆମେ ଗଡ଼ଜାତିଆ ଖାଣ୍ଟି ନରସିଂହପୁରିଆ ବୋଲି ।

(ବାସ୍ତବ ନହେଲେ ମଧ ଅରାଟନଗରୀ ର ଇତିହାସ କୁ ବିଶ୍ଳେଷଣ କଲେ  ମନେହୁଏ ସତେ ଯେପରି ଅ-ଅନ୍ଧାର ର ତମସା କାଢ଼ି ରା-ରାଇଜ ବନେଇଥିଲେ ଟ-ଟାଇଗର ମାରି ଏହା ଅରାଟର ଅର୍ଥ ବୋଲି?)



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ମହ୍ଲାର ପାରିଜାତ

# ଭାବ ପାର୍ଥକ୍ୟ...

**ଦେବ୍ରାଜ୍ ରଣା**
ଚାଉଳଡିଆ, ଟଙ୍କପାଣି,ବଲାଙ୍ଗୀର

ମୁଁ ସିନା ଉଆଁସ ଛାତିରେ
ଲିଭା ଆକାଶ ଜହ୍ନ,
ତୁମେ ତ' ପୂର୍ଣ୍ଣମୀ ତିଥିର
ନୂଆ ଏକ ରୂପ ଚିହ୍ନ ।

ମୋ ଅସ୍ତିତ୍ୱ ଥୁଣ୍ଟା ଗଛ ଛାଇ
ଆଶା ହିନ ଭାବ ରଙ୍ଗ,
ରଙ୍ଗ ପସରା-ତୁମ ଦେହେ ବୋଲା
ହଳଦୀ ବସନ୍ତର ଢଙ୍ଗ ।

ଛିଣ୍ଡା ରଶି ମୋର ସମ୍ପର୍କ ଡୋରି ଟା
ଗଣ୍ଠିରେ ପଡୁଥାଏ ଚିହ୍ନ,
ତୁମରି ସମ୍ପର୍କ ନୂତନ ଦେଉଳ
ସମ୍ପର୍କ ସ୍ତମ୍ଭର ସାକ୍ଷ୍ୟ ଚିହ୍ନ ।

ଧୂଳି ଧୁସରେ ବୋଲା ମୋ ମନ
ଧୂଳି କଣା ମୋ ରୂପ ବର୍ଣ୍ଣ,
ସାଇତା ସ୍ମୃତିର ପ୍ରୀତି ଗନ୍ଧା ତୁମେ
ପ୍ରେମ ପସରା ତୁମ ବର୍ଣ୍ଣ ।

ମୁଁ ହାରିଯାଏ ମନର ଗଭୀରେ
ନାହିଁ ମୁଁ-ତୁମ ସମକକ୍ଷ,
ପ୍ରେମ ତ ନୀତି ସମଞ୍ଜସ୍ୟେ ହୁଏ
ଭାବନା ଏହାର ପଦପକ୍ଷ ।





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ତୁମେ ଆସ ଏ' ସଞ୍ଜରେ...



**ନୀଳମଣି ଚାନ୍ଦ**
ଗୋଠପାଟଣା,
ଭୁବନେଶ୍ୱର

ତୁମେ ଆସ ଏ ସଞ୍ଜରେ ଶୁଣି ବଂଶୀ ସ୍ୱନ
ଭୁଲିଯାଇ ମନୁ ସବୁ ମାନ ଅଭିମାନ।

ମିଟି ମିଟି କରିଲେଣି ଆକାଶରେ ତାରା
ଜୋଛନାରେ ଭିଜିଅଛି ଧରଣୀଟି ସାରା।

ସମୀରରେ ଭାସି ଆସେ ରାଧା ରାଧା ନାମ
ରାଧାପାଇଁ ଝୁରେ ବସି ଏକା ସେହି ଶ୍ୟାମ।

ମନଯମୁନାରେ ଏବେ ଉଠିବ ଜୁଆର
କଦମ୍ବ ଡାକିବ ଠାରି ସତେ ବାରବାର।

ହଜିଯିବ ଦୁଃଖ ମନୁ ତୁମ ଆଗମନେ
ଭାବିବି ତୁମେ ମାନସୀ ଏକା ଅଛ ଜଣେ।

ତୁମେ ଆସ ପ୍ରତୀକ୍ଷାର ଅନ୍ତ ହୋଇଯାଉ
ଏଇ ମନ ପ୍ରୀତିଭରା ଗଜଲଟି ଗାଉ।



# ସଂସାର ଜଞ୍ଜାଳ...



**ଜସ୍ମିନୀ ନାୟକ**
(ଶିକ୍ଷୟିତ୍ରୀ ) ତୁମୁଡିବନ୍ଧ,
କନ୍ଧମାଳ

ସଂସାର ଜଞ୍ଜାଳେ ଜଳି ଜଳି
ମୁଁ ସରିକି ଯିବି ଠାକୁର
ଜିମେଦାରୀର ଦାୟିତ୍ୱ ଭିତରେ
ଲୀନ ହେବକି ଶରୀର,,!୧!!

ଏକୁଟିଆ ବସି ଭାବୁଥାଏ ମୁହିଁ
ଦେଲ କି ଜନମ ମୋତେ
ଦିନ ପରେ ଦିନ ରାତି ପରେ ରାତି
ଦୁଃଖ ମୋ ସରୁନି ଟିକେ,,!୨!

ଯେତେବେଳେ ଯାଏ କରମ କ୍ଷେତ୍ରକୁ
ନିଶ୍ଚଳ ମୁଖ ପ୍ରାୟେ ଯାଏ
କାଳେ ସମାଜଟା ମୋ ପରେ ହସିବ
ସେଥିପାଇଁ ତୁନି ରୁହେ,,!୩!!

ଗୃହକୁ ଫେରିଲେ ମୁଣ୍ଡ ବୋଝ ଲଗେ
ଲଗେ ହୃଦୟଟା ଭାରି ଭାରି
ସତେ କି ଯେମିତି ସାରା ଦୁନିଆରେ
ମୁଁ ଏକା ଯାଇଛି ହାରି,,୪!!

ଏତେ ଦୁଃଖ ପାଇ ବି ହାରି ମୁଁ ଯାଇନି
ତୁମକୁ ଆସରା କରି
ଦିନେ ନିଶ୍ଚେ ତୁମେ ଦୃଷ୍ଟି ପକାଇବ
ମୋ ପରେ କୃରୁପା କରି,!୫!!

ଆହେ ଜଗତର ତାରଣ କରତା
ଶୁଣ ବାରେ ମୋ ଗୁହାରୀ
ଦୃଢ଼ ମନୋବଳ ଦେଇ କର୍ମଠ କର
ଧୈର୍ଯ୍ୟ ଦିଅ ଶ୍ରୀ ମୁରାରୀ,!୬!!





ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# କୃଷ୍ଣ ମୋର ଧନ କୃଷ୍ଣ ହିଁ ଜୀବନ...



**ପ୍ରତିମା ଶତପଥି**
ଭାଗବତ ପୁର, ଯାଜପୁର

କୃଷ୍ଣ ମୋର ଧନ କୃଷ୍ଣ ହିଁ ଜୀବନ
କୃଷ୍ଣ ମୋ ହୃଦସ୍ପନ୍ଦନ
ଆଖି ଖୋଲିଦେଲେ ଦେଖାଯାଏ ତାର
ସୁନ୍ଦର କଳା ବଦନ ।
ମୋ ଜୀବ ଜୀବନ ଦରିଦ୍ରର ଧନ
କଳା କାହ୍ନୁ ବଂଶୀ ଧାରୀ
ଦିନେ ନ ଦେଖିଲେ ଯୁଗେ ପରି ଲାଗେ
କଳାଶ୍ରୀମୁଖ ତାହାରି।
ନୟନର ଜ୍ୟୋତି ଅନ୍ଧର ଲଉଡି
ଗଣ୍ଠିଧନ ଅଟେ ମୋର
କଳା କାଞ୍ଚନ ମୋ ଯୁଆଡେ ସେ ଯାଏ
ଘର ମୋ ଦିଶେ ଅନ୍ଧାର।
ନୀରସ ଜୀବନେ ସଞ୍ଚରିଛି ପ୍ରାଣ
ତା ସ୍ନେହ ପ୍ରେମ ରେ ଭିଜି
ସଂସାର ସାଗର ତରିଯିବି ହେଲେ
କୃଷ୍ଣ ନାମ ଭଜି ଭଜି।
ମୋ ମନ ଯମୁନା ନଦୀର କୂଳରେ
ହୃଦୟ କଦମ୍ବ ଗଛ
ଗୋପ ଗୁଆଳିଙ୍କ ସଙ୍ଗେ କଳା କାହ୍ନୁ
ରଚଇ ନିତ୍ୟ ରାହାସ।
ପଚିଶି ପ୍ରକୃତି ସାଙ୍ଗ ସାଥି ନେଇ
ଖେଳେ ଆତ୍ମା ବୃନ୍ଦାବନେ
ଗୋଟିଏ ମୁହୂର୍ତ୍ତ ବଞ୍ଚି ପାରିବିନି
କଳା ମାଣିକ ବିହୁନେ।
କଳା କାହ୍ନୁ ମୋର ହୃଦୟର ହାର
ମୁଁ ଜଡ,ସେ ମୋ ଚେତନ
ମୁଁ ହେଲେ କାଷ୍ଠ ସେ ମଳୟ ପବନ
ବାଜିଲେ ହେବି ଚନ୍ଦନ।
ନବଘନ କାନ୍ତି ଅପରୂପ ଶୋଭା
ଦେଖି ଆଖି ଲାଖି ଯାଏ
ମନ୍ଦ ମନ୍ଦ ହସ ରଙ୍ଗ ଅଧରରେ
ଚୋରାଇ ଲବଣୀ ଖାଏ।
ଲଲାଟ ପଟଳେ କସ୍ତୁରୀ ତିଳକ
ବକ୍ଷେ କୌସ୍ତୁଭ ମଣି
କରରେ କଙ୍କଣ ମୋହନ ମୁରଲୀ
ନାସାଗ୍ରେ ମୁକ୍ତା ବସଣି।



ଶିରେ ଶିଖିପୁଚ୍ଛ ଶୋଭା ପାଉଥିବ
ହୃଦେ ବନ ଫୁଲ ମାଳ
ବାଙ୍କ ଚାହାଣିରେ ଚିତ୍ତଚୋରି କରି
ନିଅଇ ନନ୍ଦ ଦୁଲ୍ଲାଳ।
ବିଶ୍ୱବ୍ରହ୍ମାଣ୍ଡରେ ମହାରତ୍ନ ସିଏ
ତା ବିନା ଜୀବନ ଶୂନ୍ୟ
ପ୍ରାଣ ଛାଡ଼ି ଦେହ ରହି କି ପାରିବ
ଜଳ କି ଛାଡ଼ଇ ମୀନ।
ନୀଳ ନଭେ ଯେବେ ଉଇଁବନି ଶଶି
ଫୁଟିବ କି କଇଁ ଫୁଲ
ସୂର୍ଯ୍ୟଙ୍କ ବିହୁନେ ପୁଷ୍କରିଣୀ ଜଳେ
ଫୁଟିବ ନାହିଁ କମଳ।
ତୃଷାର୍ତ୍ତ ଚାତକ ପକ୍ଷୀ ଯେଉଁପରି
ବରଷା କୁ ଚାହିଁ ଥାଏ
କୃଷ୍ଣ ପ୍ରେମରସ ପାଇଁ ଏ ଜୀବନ
ଆତୁରେ ଅନାଇ ଥାଏ।
ତନ ମନ ପ୍ରାଣ କୃଷ୍ଣ ଚରଣରେ
କରିଛି ମୁଁ ସମର୍ପଣ
ତା ବିନା ମୁହୂର୍ତ୍ତେ ବଞ୍ଚି ପାରିବିନି
କୃଷ୍ଣ ମୋ ଜୀବ ଜୀବନ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଶାନ୍ତି...



**ଡ଼. ପ୍ରିୟମ୍ବଦା ସାମଲ**
ନନ୍ଦନ ବିହାର, ଭୁବନେଶ୍ୱର

ନିସ୍ୱାର୍ଥ ଭାବନା  ତ୍ୟାଗୀଣ କାମନା
ଦୟା କ୍ଷମା ଆଚରଣ
ମନେ ଭରେ ଶାନ୍ତି ହୃଦୟ ତୃପତି
ଶାନ୍ତି ଦିଏ ଦିବ୍ୟ ଜ୍ଞାନ।
ଅଶିକ୍ଷା  ଅଶାନ୍ତି  ଅହଂକାର ମଞ୍ଜି
ଗର୍ବ ଦମ୍ଭ ଅଭିମାନ
ତ୍ୟାଗୀ ପ୍ରତିକ୍ରିୟା ନୀରବ ମଉନ
ଶାନ୍ତି ପୂର୍ଣ୍ଣ ତା ଜୀବନ ।
ମନ ମହୁମାଛି ଗୁଣକୁ ପରଖି
ତ୍ୟାଗୀ ପରନିନ୍ଦା ଚର୍ଚ୍ଚା
ସୁଗୁଣ ଆଚରି ଈଶ୍ୱର ସୁମରି
ଶାନ୍ତି ଯୁକ୍ତ ମନ ଫର୍ଚ୍ଚା।
ମନରେ ସନ୍ତୋଷ ଅଳ୍ପରେ ଆଶ୍ୱସ୍ତ
ଈର୍ଷା ଅସହିଷ୍ଣୁତା ତ୍ୟାଗୀ
ନୁହେଁ କ୍ରୋଧ ଯୁକ୍ତ ଧୈର୍ଯ୍ୟର  ମାଲିକ
ଶାନ୍ତି ଯେ ଅଟେ ବୈରାଗୀ।
ମନ ରୂପୀ ଘୋଡା ଲଗାମ ଦେ ଥୋଡା
ଶାନ୍ତ ରୁହ ପ୍ରତି କ୍ଷଣ
ଶାନ୍ତି ବିରାଜିବ ମନ ଉପବନେ
ଜୀବନ ହେବ ସୁଗମ।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ପ୍ରେମ...



**ସୁନିତା ଦାଶ**
ଭୁବନେଶ୍ୱର

ପ୍ରେମ ଏମିତି ଏକ ଶବ୍ଦ ଟିଏ
ଯାହା ଚୀର ଶାସ୍ୱତ ଓ ପବିତ୍ର
  କିଏ କହିପାରିବେ କି...........
 ଏ ପ୍ରେମର  ଅଗ୍ନି ରେ କିଏ ଧାସ ଦେଇନାହିଁ?
ହଁ  ପ୍ରେମ ଯେ ଅନେକ ରୁପେ ଅନେକ ରଂଗ
ରେ ଆସେ
ଖାଲି ଯେ ନାରୀ ଓ ପୁରୁଷ ର ସାନିଧ କୁ
ପ୍ରେମ କୁହା ଯାଏନି
ସବୁଠୁ ପବିତ୍ର ଓ ଚିରନ୍ତନ ତ ଜଣେ
ମାଆ ର  ପ୍ରେମ  ତା ସନ୍ତାନ ପ୍ରତି
ଯିଏକି ଦଶ ମାସ ଦଶ ଦିନ ନିଜ
ଜରାୟୁରେ  ଧରିରଖେ ଓ ସନ୍ତାନକୁ
ଦେଖିବା ପୂର୍ବରୁ ତା ମମତା ର ଅନାବିଳ
ପ୍ରେମ ର   ପଣତ  ବିଛାଇ ଦିଏ ।।
ପ୍ରେମ ତା ଜଣେ ବାପାଙ୍କ ର
ତାଙ୍କ ପିଲାଙ୍କ ପ୍ରତି ଯାହା ଉପରୁ
କଠୋର କିନ୍ତୁ ହୃଦୟ ରେ କୋମୋଳତା
ଭରି ରହିଥାଏ
ପିଲାମାନଙ୍କ ପାଇଁ ଶକ୍ତ ଚଟାଣ ପରି
ସବୁ ଝଡଝଞ୍ଜା କୁ ନିଜ ପ୍ରେମ ର ଶକ୍ତି ରେ
ଦୂରେଇ ଦିଅନ୍ତି ।।
ପ୍ରେମ ତା ଭାଇ ଭଉଣୀ ମାନଙ୍କର ମିଛ କଳି ଝଗଡାରେ ଥାଏ
ଭଉଣୀ ର ତା ଭାଇ ହାତରେ ବାନ୍ଧି ଥିବା ରେଶମୀ ଡୋର ରେ ଥାଏ
ଭାଇ ର ତା ଭଉଣୀ ର ସବୁ ବିପଦରୁ ରକ୍ଷା
କରିବାର ବଚନ ରେ  ଥାଏ ।।
ପ୍ରେମ ତ ସ୍ୱାମୀ ସ୍ତ୍ରୀଙ୍କ ସମର୍ପଣ ଭାବରେ ଥାଏ
ପ୍ରେମ ଗୋଟେ ଗୃହ ଲକ୍ଷ୍ମୀ ର ତା ପରିବାରକୁ
ମୋତି ମାଳା ପରି ଗୋଟିଏ ସୂତ୍ରରେ ବାନ୍ଧି ରଖିବା
ରେ ଥାଏ ।।
ପ୍ରେମ ତ ଭକ୍ତ ଓ ଭଗବାନ ଙ୍କ ଭିତରେ ଭକ୍ତି
ର ଭାବନାରେ ଥାଏ
ରାଧା କୃଷ୍ଣ ରାମ ସୀତା ଶୀବ ସତୀଙ୍କ ଭିତରେ
ଅଛି ଯାହା ଚୀର ଶାସ୍ୱତ ଓ ପବିତ୍ର ପ୍ରେମ। ।।
ସେଥିପାଇଁ ତ ପ୍ରେମ କୁ କିଏ କେମିତି
ରୂପ ରେ ଦେଖେ କେମିତି ଢଙ୍ଗରେ ସଜାଏ
ଓ କେମିତି ଅନୁଭବ କରେ
ସେ କଥା ତା ଉପରେ ହିଁ ନିର୍ଭର କରେ ।।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ


## କବିତା...



**ମୀନାକ୍ଷୀ ପଣ୍ଡା**
ମଙ୍ଗଳପୁର, ଯାଜପୁର

କବିତା ପ୍ରେୟସୀ କବିର ମାନସୀ ଅଲିଅଳି ରାଜକନ୍ୟା ,
ଇନ୍ଦ୍ରଧନୁ ଭଳି ସପ୍ତରଙ୍ଗ ବୋଳି ଛୁଟାଏ ଶବଦ ବନ୍ୟା ||
କବିର କଳ୍ପନା ସ୍ୱପ୍ନଳ ଭାବନା ମଧୁମଖା ତନୁଲତା ,
କବି ଅନ୍ତଃସ୍ୱର ହୃଦୟ ନିର୍ଝର ତୁମେ କି ଗୋ'   ଚାରୁଲତା ||

କବିତା ପଟଳ ଶବଦ କଲ୍ଲୋଳ ସତେ କି ସଜ-ସୁମନ ,
ନୟନ ପଲକେ ନିଃଶବ୍ଦେ ଝଲକେ ତୋଳଇ ଶବ୍ଦ-ସୋପାନ ||
କବି ହୃଦୟର ସେ'   ମେଘମହ୍ଲାର ସପ୍ତସୂର ବୀଣାତନ୍ତ୍ରୀ ,
ମାନସ ଅଙ୍ଗନେ ବିଭୋର ସପନେ କୃତୀକମ ପ୍ରଜାପତି ॥



କବିତାର ମାନିନୀ କବି ପ୍ରଣୟିନୀ ସରମୀ ଓଢ଼ଣୀ ଟାଣେ ,
ସୌନ୍ଦର୍ଯ୍ୟ ଶୋଭିତେ ଚେତନା ଜାଗ୍ରତେ ଝଲସଇ ଶବ୍ଦବାଣେ ||
ଶବ୍ଦ ଅଳଙ୍କାରେ ପ୍ରଣୟ ବେଦୀରେ ସଙ୍ଗୀତର ଛନ୍ଦ ତୋଳେ ,
ରାଗିଣୀ ବିକା କବିତା କଳିକା ଝୁମୁଥାଏ ତାଳେ-ତାଳେ ॥

କବିତାର ମାନ ମାଦକ ସମାନ ମଧୁମୟ କରେ ଧରା ,
କବିର ଲେଖନୀ କବିତାର ଧ୍ୱନୀ ଅମୀୟ ଆସ୍ୱାଦେ ଭରା ॥

ମହ୍ଲାର ଇ- ପତ୍ରିକା ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଚକ୍ର...



**ଚନ୍ଦନା ସାହୁ**
ଦଳା,ଯାଜପୁର ରୋଡ଼

ଦୂର ଦିଗବଳୟେ ଲୁଚିଯାଏ ରବି
ଅନ୍ଧାର ଆସେ ଘୋଟି ,
କାଲି ସେ ଉଠିବ ନୂତନ ସକାଳ
ଆସିବ ପୁଣି ଚହଟି ||

ଆଜି ଅମାବାସ୍ୟା, ଅମା ଅନ୍ଧକାର
ଶଙ୍କାକୁଳ ମନପ୍ରାଣ ,
ପରେତ ପୂର୍ଣ୍ଣିମା ଦୁଃଖ କାହିଁକି
ଆଲୋକିତ ପ୍ରତି କୋଣ ||

ଆଜି ଯେ ବିଜେତା କାଲି ପରାଜିତ
କିଏ ହାରି ପୁଣି ଜିତେ ,
ଦୁଃଖରେ ଥିଲେ ବି ମନ ଉଣା ନାହିଁ
ସୁଖେ କାହା ଦିନ ବିତେ ||

ତୁମଠୁ କି ଦୁଃଖୀ ନାହାନ୍ତି କହିଲ !
ତେବେ କିଆଁ ଦୁଃଖ କର ?
ଦୁଃଖ ପରେ ସୁଖ, ସୁଖ ପରେ ଦୁଃଖ
ଏଇତ ବନ୍ଧୁ ସଂସାର ||

ପର ଦୁଃଖ ଦେଖି ଦୁଃଖ ଭୁଲିଯାଅ
ସୁଖୀ ହେବା ଯଦି ଚାହଁ ,
ପର ସୁଖେ ଯିଏ ସୁଖ ପାଉଥାଏ
ତା ଠୁ ସୁଖୀ କିଏ କୁହ ||






ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଭାବନାଟା କେମିତି ହୁଏ...



**ସତ୍ୟକାମ ପରମଗୁରୁ**
ଖଣ୍ଡପଡ଼ା,ନୟାଗଡ଼

ଭାବନାଟା କେମିତି ହୁଏ ଭାବନାଟା କେମିତି ହୁଏ
ଇଚ୍ଛା ଥାଉ ବା ନଥାଉ ଇଚ୍ଛା ଥାଉ ବା ନଥାଉ
ଭଲ ମନ୍ଦ ବିଚାର କହେ
ଭାବନାଟା କେମିତି ହୁଏ
ଅତୀତକୁ ଦେଖି ଦେଖି ବର୍ତ୍ତମାନ ସଜାଡୁ
ବର୍ତ୍ତମାନ ନିଷ୍ପତି ଯା' ଭବିଷ୍ୟ ନ ଉଜାଡୁ
ସେ କାରଣୁ ବୀଭୁ ତୁହି
ପରିସ୍ଥିତି ସାଥେ ନେଇ
ପଚାରି ବୁଝିବୁ ନିଶ୍ଚେ ପାଞ୍ଚମୁଖ ଯେ କଣ କହେ
ଭାବନାଟା କେମିତି ହୁଏ
ଭାବ ବିହ୍ୱଳ କି ତୁହି ସତ୍ୟ କଣ ନଜାଣୁ
ଅତୀତର ମୂର୍ଖାମିକି ଏବେ ଭୁଲି ଗଲୁଣୁ
ସେ କାରଣୁ ବୀଭୁ ତୁହି
ଅନୁଭୂତି ସାଥେ ନେଇ
ତର୍ଜମା କରି ସିଖିବୁ ମନ ନୁହେଁ ଧିଶକ୍ତି କହେ
ଭାବନାଟା କେମିତି ହୁଏ
ଇଶ୍ୱର ଯେ ଗଢ଼ିଛନ୍ତି ବୀଭୂ ତତେ ଶ୍ରଦ୍ଧାରେ
ଯା' କରୁଛୁ ତାଙ୍କ ଇଚ୍ଛା ଭାବି ନବୁ ମନରେ
ସେ କାରଣୁ ବୀଭୁ ତୁହି
କର୍ତ୍ତବ୍ୟକୁ ସାଥେ ନେଇ
ନବୁତୁ ନିଷ୍ପତି ଶେଷେ ଭାଗ୍ୟେ ତୋର ଲେଖା ଯା'ଥାଏ
ଭାବନାଟା ଏମିତି ହୁଏ ।।



ଏକ ନୂତନ ଆଶାରେ ପ୍ରାଣ ସଞ୍ଚାର...



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ମୃତ...



**ସୁମିତ୍ରା ନାୟକ**
ବରଲାବା, ଯାଜପୁର

ମୃତ ହିଁ ତ ସେ ବଧୂଟିଏ ବୋଲି
କେତେକେତେ ବାହାନାରେ ସେ ନିଇତି ମରେ ,
ମିଛ ନୁହେଁ ଏ ବିଷୟବସ୍ତୁ
ଶତାବ୍ଦୀ ଶତାବ୍ଦୀ ଏହାର ପ୍ରମାଣ କରେ ,
ଉତ୍ତରୀୟ ଟିଏ ଶିରେ ପଡ଼ିଗଲା ବୋଲି
ଓଜନ ଠାରୁ ସେ ସର୍ବଦା ହାରେ ,
ମୃତ ହିଁ ତ ସେ ବଧୂଟିଏ ବୋଲି
କେତେକେତେ ବାହାନାରେ ସେ ନିଇତି ମରେ ।

ସେ ନିଇତି ମରେ.....
ଯେବେ ଗଞ୍ଜଣାର ଉପହାର ପାଏ
ସବୁ କିଛି କରିବା ପରେ ,
କେଉଁ ଅନତିଦୂରୁଁ ଆସିଥାଏ ବୋଲି
ସେ ପୁଣି ମରେ ସବୁ କର୍ତ୍ତବ୍ୟ ବହନ ପରେ ,
ଦୋଷି ବି ସିଏ କେଉଁ ଆସିବା କାଲୁ
କାହିଁକି ନା ....?
ସବୁ ଶୁଣି ସେ ରୁହେ ଚୁପ୍ ଅଧରେ ,
ଅଥଚ୍ ମନଟା ବି ତା ମାଆ, ଗାଆଁ ମାଟିକୁ ଝୁରେ
ମୃତ ହିଁ ତ ସେ ବଧୂ ଟିଏ ବୋଲି
କେତେକେତେ ବାହାନାରେ ସେ ନିଇତି ମରେ ।



ପରାକ୍ରମୀ କେତେ ସମ୍ମୁଖେ ତାର
ସେ ନିଇତି ଲଢ଼େ ମନ କୁରୁକ୍ଷେତ୍ରରେ ,
ସେ ନିରାଶ ନୁହେଁ କିନ୍ତୁ ବିବଶ ହୋଇପଡ଼େ
ଧାଆଁ ଧପଡ଼ ହୋଇ ତାର ଜୀବନ ସରେ ,
କେତେ଼ ନିଃସ୍ୱାର୍ଥର ପେଡ଼ି ଖୋଲି ବସିଛି
ତଥାପି ଜୀବନ ତା ହରସ ହରେ ,
ଦୋଷ ସେ କାହାର ଦଉ ନାହିଁ
ମୁଁ ହିଁ ତ ତାକୁ ରଚନା କରେ ,
ସେ ମୃତ
କେତେକେତେ ବାହାନାରେ ସେ ନିଇତି ମରେ ।
ଆତ୍ମହତ୍ୟାର ସେ ଅଭିଯୋଗ ଆଣେ
ମୋ ଜାଣିବାରେ ତ ସେ ମୃତ
ମୃତ କି ଆଉ ପୁଣି ମରେ ....??
"ଆରତୀ" କେବଳ ନାଆଁକୁ ନୁହେଁ ସେ
ସତରେ ହିଁ ତ ସେ ଅନ୍ଧାର ତାରେ ,
ପରିବାର ବୋଲି ଯେବେ ଆଦରି ନେଇଛି
ଅଜଣା ଏକ ସହର ଘରେ ,
ଯେତେ ଯେତେ ଦୁଃଖ ଅଭାଗିନୀ ପରି
ସହି ତାର ଦିନ ସରେ ,
ମୁଁ ତ କହିବି ସେ ମୃତ
କେତେ କେତେ ବାହାନାରେ ସେ ନିଇତି ମରେ ।।



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# କାଠଗଡା ରେ ଈଶ୍ୱର ...



ରାଜଲକ୍ଷ୍ମୀ ସାମଲ
ଯାଜପୁର

ହେ କୃଷ୍ଣ, ହେ ରାମ ,
ତୁମ ମୌନତ୍ୱ ଖୁବ ବାଧେ
କାଇଁ ତୁମ ସୁଦର୍ଶନ ଆଜି କଳଙ୍କି ଧରିଛି କି?
ତୁମ ପଞ୍ଚଜନ୍ୟ ଶଙ୍ଖ ଆଜି ନିଶବ୍ଦ?
କାଇଁ ତୁମ ସେ ବିଶ୍ୱରୂପ?

ହେ ରାମ ,
କାଇଁ ତୁମ କୋଦଣ୍ଡରେ ଘୁଣ ଲାଗିଛି କି?
ତୁମେ କଣ ଜରାବ୍ୟାଧି ଗ୍ରସ୍ତ?
ତୁମ ଗୀତାଭାଗବତ ସବୁ ମିଛ ନୁହେଁତ ?

ତୁମ ଅସ୍ତିତ୍ୱ ଏବେ ଦେଖ କାଠଗଡାରେ
ତୁମେ ତୁମର ସାକ୍ଷ ରଖ,
ନହେଲେ ପଥର ପାଲଟି ଥା ଯୁଗଯୁଗକୁ
ଅପେକ୍ଷାରେ ପଡିଥା ସେଇଠି ସେମିତି ।
କେଉଁ ଏକ ଗଣଧର୍ଷିତାର ପାଦସ୍ପର୍ଶରେ
ତୁମେ ତୁମ ଈଶ୍ୱରୀୟ ସତ୍ତା ଫେରିପାଇବ
ପାରିବକି ସଂହାରି ସେ ନରାଧମକୁ ?



ଯିଏ କେରି କେରି କରି ଖାଇଯାଏ
ଗୋଟେ ନାରୀର ନାରୀତ୍ୱକୁ
ସେଥିରେ ବି ସେ ସନ୍ତୁଷ୍ଟ ହୁଏନି
ସମ୍ପୂର୍ଣ ଦଳିଦିଏ ତାର ଅସ୍ତିତ୍ୱ!
ଏସବୁ ଘଟୁଥିବା ବେଳେ
ତୁମେ କଣ ସରଶଯ୍ୟାରେ ଥାଅ ଶ୍ରୀହରି?

ତାହେଲେ ଉତାରିଦିଅ ମୁଖା ଈଶ୍ୱରର
ତୁମେ ବି କିଙ୍କର୍ତ୍ତବ୍ୟବିମୂଢ଼

ଯଦି ଏତେ ପରେବି :-
ଥରୁଛି ତୁମ ହାତ, ଅବସ ହିଆ
ତାହେଲେ ଛାଡ଼
ଅହଲ୍ୟା ଏବେ ହୁଙ୍କାର ଭରୁଛି
ରଣକ୍ଷେତ୍ରରେ ||



ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୃତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଅଦୃଶ୍ୟ ଦଂଶନ...



**ସଂଘମିତ୍ରା କବି**
ଛଞ୍ଚିଣା, ଦଶରଥପୁର, ଯାଜପୁର

ଚତୁର୍ପାଶ୍ୱେ ମୋର ଘେରି ରହିଛନ୍ତି
ନୀଳ ବର୍ଣ୍ଣର ଶୃଗାଳ ,
ଲୋଲୁପ ଦୃଷ୍ଟିରେ ଚାହିଁ ରହିଛନ୍ତି
ପାଟିରୁ ଗଡ଼ାଇ ଲାଳ ||

ସେ ଶୃଗାଳ ସିନା ବନେ ବୁଲୁଥିଲା
ମନେ ମନେ ରାଜା ଭାବି ,
ଏ ଶୃଗାଳ ଆଜି ସମାଜେ ବୁଲୁଚି
ସମ୍ପର୍କର ଶତ୍ରୁ ସାଜି ||

ମିଛଟାରେ ସିଏ ସମ୍ପର୍କ ଯୋଡୁଛି
ଭାଇ ବନ୍ଧୁ କୁଟୁମ୍ବରେ ,
ବିଷଧର ସର୍ପ ପରି ସେ ଗ୍ରାସୁଛି
ଲୁଚିରହି ଅନ୍ଧକାରେ ||

ତାରସେ ଦଂଶନ  ଅଦୃଶ୍ୟ ରହୁଛି
ସମାଜର ଉହାଡ଼ରେ ,
ଦଂସିତ ବ୍ୟକ୍ତିର ପୀଡନ କଥାଟି
କହିଲେ ତାହା ନସରେ ||

କେବେ ସେ ଆସିବ ପୁଣି ଜନ୍ମନେବ
କଂସର ସେ ବନ୍ଦୀଶାଳେ ,
କାଢି ଫିଙ୍ଗିଦବ ମାନବ ହୃଦୟୁ
ଦୁଶ୍ଚିନ୍ତାକୁ ମହୀତଳେ  ||



# ତୁମ ବିନା ବାପା...



**ବିକାଶ ରଞ୍ଜନ ନାୟକ**
(ସମ୍ପାଦକ : "ଆମରି କବିତା" ଇ-ପତ୍ରିକା)
ଦୟାନିଧି ପୁର. ବାଲିମେଦ. ଭଦ୍ରକ.


ତୁମ ବିନା ବଞ୍ଚିବି କେମିତି ବାପା
ତୁମେ ତ ଆମକୁ ଯାଇଛ ଛାଡି,
ତୁମ କଥା ବେଶୀ ମନେ ପଡୁଛି
ତୁମ କଥା ଭାବି ଗଲିଣି ଝଡି ।

ତୁମ ପରି କେହି ହେବେନି
ମୋ ବାପା ମୋ ବାପା ,
ତୁମ ଋଣ କେବେ ସୁଝି ପାରିବିନି
ଆଇ ଲଭ ୟୁ ବାପା ।

ତୁମେ ଗଲା ପରେ ବାପା
ଶ୍ରୀହୀନ ପଡିଛି ଏ ଅଗଣା ଏ ଘର,
ଫେରି ଆସ ତୁମେ ବାପା
ତୁମ ବିନା ବାଟ ଘାଟ ସବୁ ଅନ୍ଧାର ।

ବାପା ତୁମେ ଯେବେ ପାଶେ ଥିଲ
କାହାକୁ ନ ଥିଲା ଡର ଭୟ,
ହାତ ଧରି ଆମକୁ ଚାଲି ଶିଖାଇଲ
ହାର ମାନିନୁ ହେଉଥିଲୁ ଜୟ ।

ତୁମ ବିନା ବଞ୍ଚି ପାରିବିନି
ବାବା ବୋଲି ଡାକିବି କାହାକୁ,
ବାପା କେବେ ତୁମେ ଫେରିବନି
ସାହା ଭରଷା ନାହିଁ କାହାକୁ ।





ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଅଭିନନ୍ଦନ

**ମହ୍ଲାର ଇ-ପତ୍ରିକାର "ଅଭିନନ୍ଦନ" ପୃଷ୍ଠାକୁ ଆପଣଙ୍କୁ ସ୍ୱାଗତ.**
ଏହି ପୃଷ୍ଠାରେ ଆପଣ ଆପଣଙ୍କ ପ୍ରିୟଜନଙ୍କୁ ସେମାନଙ୍କର ବିବାହ ବାର୍ଷିକୀ, ଜନ୍ମଦିନ , ଶ୍ରଦ୍ଧାଞ୍ଜଳି ଓ ଅନ୍ୟାନ୍ୟ ଦିନ ମାନଙ୍କର ଶୁଭେଚ୍ଛା ଜଣାଇ ପାରିବେ .

*ନିୟମାବଳୀ :*

ଏଥି ନିମନ୍ତେ ଆପଣଙ୍କ ପ୍ରିୟଜନଙ୍କ ୩-୪ ଟି ରଙ୍ଗୀନ ଫୋଟୋ , ନାମ, ଅଭିନନ୍ଦନ ଜଣାଇବାର ତାରିଖ ଏବଂ ଆପଣଙ୍କର ନାମ ଆମକୁ ଆମ ଯୋଗାଯୋଗ ଠିକଣା ରେ ପଠେଇବାକୁ ଅନୁରୋଧ.

*ଯୋଗାଯୋଗ :*

- ଫୋନ / ହ୍ୱାଟ୍ସଆପ୍ ନମ୍ବର : ***୮୩୨୮୯୫୧୨୨୯***
- ଇ-ମେଲ : ***Malharmagazine@Gmail.Com***



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଅଭିନନ୍ଦନ

## ବିବାହ ବାର୍ଷିକ ଶୁଭେଚ୍ଛା

MARCH – 12

ପ୍ରଶାନ୍ତ & ମାନସୀ

"ମହ୍ଲାର" ପରିବାର ତରଫରୁ
ଆପଣଙ୍କୁ ବିବାହ ବାର୍ଷିକୀର ଅନେକ
ଅନେକ ଶୁଭେଚ୍ଛା ଓ ଶୁଭକାମନା...
ଈଶ୍ୱର ଆପଣଙ୍କ ଚଲାପଥ କୁସୁମିତ
କରନ୍ତୁ...









ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଅଭିନନ୍ଦନ

## ଜନ୍ମଦିନର ଅଭିନନ୍ଦନ



ଅପ୍ରିଲ - ୨୦





ଚିନ୍ମୟ ସାମଲ

"ମହ୍ଲାର ଇ-ପତ୍ରିକା" ପରିବାର ତରଫରୁ ଆପଣଙ୍କୁ ଶୁଭ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା... ଈଶ୍ୱର ଆପଣଙ୍କ ଚଲାପଥ କୁସୁମିତ କରନ୍ତୁ....

ଶୁଭେଚ୍ଛା ସହ : R D BOYS - 2009



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦୂତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ

# ଜନ୍ମଦିନର ଅଭିନନ୍ଦନ





ଜନ୍ମଦିନର ଅଭିନନ୍ଦନ



୧୦ ଏପ୍ରିଲ

## ସୁମିତ୍ରା ନାୟକ

"ମହ୍ଲାର ଇ-ପତ୍ରିକା" ପରିବାର ତରଫରୁ ଆପଣଙ୍କୁ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ...

ପ୍ରଭୁ ଜଗନ୍ନାଥ ଆପଣଙ୍କର ଚଲାପଥ କୁସୁମିତ କରନ୍ତୁ ।



ମହ୍ଲାର
ପ୍ରତିଷ୍ଠାତା/ସମ୍ପାଦକ : ଶିଶିର କୁମାର ସାମଲ, ସହ-ସମ୍ପାଦକ : ଆଦିତ୍ୟ ନାରାୟଣ ପତି, ସହ-ସମ୍ପାଦିକା : କ୍ଷୀରାବ୍ଧି ଦାଶ, ମୁଖ୍ୟ-ପରିଚାଳିକା : ଶିବଦ୍ୟୁତି ପାଣିଗ୍ରାହୀ, ଉପଦେଷ୍ଟା : ରଶ୍ମି ରଞ୍ଜନ ସାହୁ
www.MalharOdia.Com
Malharmagazine@gmail.com
Malhar_magazine/
Malharmagazine/
ପାରିଜାତ


ଜନ୍ମ ଦିନର ଅନେକ ଅନେକ
ଶୁଭେଚ୍ଛା ଓ ଅଭିନନ୍ଦନ
happy birthday
ମଇ - ୨୦
'ମହ୍ଲାର ଇ-ପତ୍ରିକା' ପରିବାର ତରଫରୁ
ଶୁଭ ଜନ୍ମଦିନର ଅନେକ ଅନେକ
ଅଭିନନ୍ଦନ ଓ ଶୁଭକାମନା...
ପ୍ରଭୁ ଜଗନ୍ନାଥ ତୁମର ଚଲାପଥ କୁସୁମିତ
କରନ୍ତୁ
ରୋଜାଲିନ୍
HAPPY BIRTHDAY




ଆଶାକରୁ ମହ୍ଲାର ଇ-ପତ୍ରିକାର ୯ମ ସଂସ୍କରଣ " ପାରିଜାତ " ନିଶ୍ଚିତ ଭାବରେ ଆପଣମାନଙ୍କର ହୃଦୟକୁ ଛୁଇଁଥିବ.

ମହ୍ଲାର ଇ-ପତ୍ରିକାର ୯ମ ସଂସ୍କରଣ ପାରିଜାତ ଆପଣମାନଙ୍କୁ କେମିତି ଲାଗିଲା ଆପଣ ମାନଙ୍କ ମତାମତ ନିଶ୍ଚିତ ଭାବରେ ଦେବେ...